* Vol.- 46, Issue No. 66
* Saturday, 6 June 2026
* ଶନିବାର, ୬ ଜୁନ ୨୦୨୬
* Bhubaneswar
* Price: Rs. 2.00, Page: 8
* R.N.I. Regd. No. 34063/81
* Postal Regd. No. BN/79/18-20
* Online Portal: www.dinalipi.com
* Mail ID: dinalipinews@gmail.com

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

# ଦିନଲିପି
THE DINALIPI

https://www.facebook.com/dinalipilive
www.youtube.com/@dinalipilive
https://www.dinalipi.com
https://www.dinalipiepaper.com
https://www.dinalipi.in
twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com





ଭୁବନେଶ୍ୱର: ବିଶ୍ୱ ପରିବେଶ ଦିବସ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଚଳଚ୍ଚିତ୍ର ଅଭିନେତ୍ରୀ ତଥା ସାଂସଦ କଙ୍ଗନା ରଣାୱତ 'ଏକ୍ ପେଡ୍ ମା କେ ନାମ୍ ଅଭିଯାନ' ରେ ମୁଖ୍ୟମନ୍ତ୍ରୀଙ୍କ ସରକାରୀ ବାସଭବନଠାରେ ବୃକ୍ଷ ରୋପଣ କରିଛନ୍ତି ।

# ବଜ୍ରପାତ ନେଲା ଦମ୍ପତିଙ୍କ ସମେତ ୪ ଜୀବନ

ଭୁବନେଶ୍ୱର,୫ ।୬: ଶୁକ୍ରବାର ରାଜ୍ୟର ଭିନ୍ନ ଭିନ୍ନ ସ୍ଥାନରେ ବଜ୍ରପାତ ଘଟି ୪ ଜଣଙ୍କ ଜୀବନ ଯାଇଛି । କେନ୍ଦୁଝରରୁ ମିଳିଥିବା ଖବର ଅନୁଯାୟୀ ଜିଲ୍ଲା ଘଟଗାଁ ବ୍ଲକ ଅନ୍ତର୍ଗତ ରୁଟିଶିଳା ଗ୍ରାମରେ ବଜ୍ରାଘାତରେ ସ୍ୱାମୀ-ସ୍ତ୍ରୀଙ୍କ ମୃତ୍ୟୁ ଘଟିଛି । ଏହି ଦମ୍ପତି ହେଲେ ବାଣେଶ୍ୱର ନାଏକ(୫୮) ଓ ତାଙ୍କ ସ୍ତ୍ରୀ ସଞ୍ଜୁଲତା ନାଏକ(୫୦) । ଉଭୟ ସ୍ୱାମୀ-ସ୍ତ୍ରୀ ନିଜର ବାଇଗଣ ଚାଷ ହୋଇଥିବା ପରିବା ବଗିଚାକୁ କାମ ପାଇଁ ଯାଇଥିଲେ । ଏହି ସମୟରେ ହଠାତ୍ ପାଗ ବଦଳିବା ସହ ଘନ ଘନ ବଜ୍ରପାତ ଆରମ୍ଭ ହୋଇଥିଲା । ବର୍ଷାରୁ ରକ୍ଷା ପାଇବା ପାଇଁ ଉଭୟ ଏକ କୁଟା ଭାଡ଼ି ତଳେ ଆଶ୍ରୟ ନେଇଥିଲେ । କିନ୍ତୁ ସେହି ସମୟରେ ବଜ୍ରପାତ ହେବାରୁ ଉଭୟ ଗୁରୁତର ଭାବେ ଆହତ ହୋଇ ଟଳି ପଡ଼ିଥିଲେ । ସ୍ଥାନୀୟ ଲୋକମାନେ



ସେମାନଙ୍କୁ ଉଦ୍ଧାର କରି କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ । ତେବେ ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ ।ଏହି ଅଘଟଣ ପରେ ରୁଟିଶିଳା ଗ୍ରାମରେ ଶୋକର ଛାୟା ଖେଳିଯାଇଛି । ଏହି ପରିବାରର ନିକଟ ଆତ୍ମୀୟଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ସାଧାରଣରେ ଦାବି ହୋଇଛି । ମୟୂରଭଞ୍ଜଜିଲ୍ଲା ବୈଶିଙ୍ଗା ଥାନା ଅଧୀନ ବିଦୁକୁଡ଼ିଆ ଗ୍ରାମରେ କାଳବୈଶାଖୀଜନିତ ବଜ୍ରାଘାତରେ ଜଣେ ଭିନ୍ନକ୍ଷମ ଯୁବତୀଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ବିଦୁକୁଡ଼ିଆ ଗ୍ରାମର ସ୍ୱର୍ଗତ ବଂଶୀଧର ପାତ୍ରଙ୍କ ଝିଅ ଝୁନୁ ପାତ୍ର (୩୭) । ଘରେ ସେ ନିଜ ମାଆ ଓ ଭାଇଙ୍କ ସହିତ ଘରେ ରହୁଥିଲେ ସେ । ଅପରାହ୍ଣ ପ୍ରାୟ ୪ଟା ୩୦ମିନିଟ ସମୟରେ ହଠାତ ସ୍ଥାନୀୟ ଅଞ୍ଚଳରେ କାଳବୈଶାଖୀ ବର୍ଷା ପବନ ଆରମ୍ଭ ହେବା ସହ ଘନଘନ ବଜ୍ରାପାତ ଆରମ୍ଭ ହୋଇଯାଇଥିଲା । ଝୁନୁ ଘର ବାହାରେ ଚରୁଥିବା ଗାଈକୁ ଆଣିବାକୁ ଦୌଡ଼ି ଯାଇଥିଲେ । ଯିବା ବେଳେ ହିଁ ବଜ୍ରପାତରେ ତାଙ୍କର ଜୀବନ ଯାଇଥିଲା ।ସେହିପରି ଯାଜପୁର ପାଣିକୋଇଲି ଷଠିପୁର ଅଞ୍ଚଳରେ ଜଣେ ଶ୍ରମିକଙ୍କ ବଜ୍ରାଘାତରେ ମୃତ୍ୟୁ ଘଟିଛି । ସଠିପୁର ଗାଁରେ ଏକ କ୍ଷେତରେ କାମ କରୁଥିବା ସମୟରେ ବଜ୍ରପାତ ହେବାରୁ ସୁନିଆ ମଲିକ ନାମକ ଶ୍ରମିକଙ୍କ ମୃତ୍ୟୁ ଘଟିଛି । ସୂତ୍ର ଅନୁସାରେ ମଲିକ ମାଟି କାମ ପାଇଁ କ୍ଷେତକୁ ଯାଇଥିବା ବେଳେ ଅପରାହ୍ନରେ ହଠାତ୍ ଝଡ଼ବର୍ଷା ହୋଇଥିଲା ଓ ତାଙ୍କ ଉପରେ ବଜ୍ରପାତ ଘଟିବାରୁ ଘଟଣାସ୍ଥଳେ ସେ ପଡ଼ି ପ୍ରାଣ ହରାଇଥିଲେ ।

## ଖରା ବଢ଼ିଲେ ବଢ଼ିପାରେ ଛୁଟି

ଭୁବନେଶ୍ୱର,୫ ।୬ (ନିପ୍ର) ରାଜ୍ୟରେ ଚାଲିଥିବାପ୍ରବଳ ଗରମ ଓ ଗ୍ରୀଷ୍ମ ପ୍ରବାହ ପରିସ୍ଥିତିକୁ ଦୃଷ୍ଟିରେ ରଖି ଓଡ଼ିଶା ସରକାର ସ୍କୁଲଗୁଡ଼ିକର ଗ୍ରୀଷ୍ମକାଳୀନ ଛୁଟିକୁ ବଢ଼ାଇବା ବିଷୟରେ ବିଚାର କରୁଛନ୍ତି । ଏହି ସୂଚନା ଶୁକ୍ରବାର ସ୍କୁଲ ଏବଂ ଗଣଶିକ୍ଷା ମନ୍ତ୍ରୀନିତ୍ୟାନନ୍ଦ ଗଣ୍ଡ ଦେଇଛନ୍ତି । ଗଣମାଧ୍ୟମ ସହ କଥାବାର୍ତ୍ତା କରିବା ସମୟରେ ମନ୍ତ୍ରୀ କହିଛନ୍ତି ଯେ ଛୁଟି ବଢ଼ାଇବା ସମ୍ବନ୍ଧୀୟ ନିଷ୍ପତ୍ତି ଆସନ୍ତାଦିନଗୁଡ଼ିକରେ ପାଣିପାଗ ପରିସ୍ଥିତିର ସମୀକ୍ଷା ପରେ ନିଆଯିବ । ଗଣ୍ଡ କହିଛନ୍ତି,"ଖରା ଛୁଟି ବଢ଼ିବ କି ନାହିଁ,ଏହା ସେ ସମୟର ପରିସ୍ଥିତି ଉପରେ ନିର୍ଭର କରିବ । ସରକାର ସେତେବେଳେ ସ୍ଥିତି ଦେଖି ଶେଷ ନିଷ୍ପତ୍ତି ନେବେ । ସେ ଜୋର୍ ଦେଇ କହିଛନ୍ତି ଯେ ଛାତ୍ରଛାତ୍ରୀଙ୍କ ସୁରକ୍ଷା ଓ ସ୍ୱାସ୍ଥ୍ୟ ସ୍କୁଲ ଏବଂ ଜନଶିକ୍ଷା ବିଭାଗର ସର୍ବୋଚ୍ଚ ପ୍ରାଥମିକତା । ମନ୍ତ୍ରୀ କହିଛନ୍ତି,'ଯଦି ଭୀଷଣ ଗ୍ରୀଷ୍ମ ପ୍ରବାହ ଜାରି ରହେ,ତେବେ ସ୍କୁଲ ପିଲାମାନଙ୍କ ସୁରକ୍ଷାକୁ ଧ୍ୟାନରେ ରଖି ଛୁଟିର ସମୟସୀମା ବଢ଼ାଇ ଯାଇପାରେ ।'ରାଜ୍ୟ ସରକାର ଭୀଷଣ ଗରମକୁଦୃଷ୍ଟିରେ ରଖି ସମସ୍ତ ସ୍କୁଲରେ ୨୭ ଏପ୍ରିଲରୁ ଗ୍ରୀଷ୍ମକାଳୀନ ଛୁଟି ଘୋଷଣା କରିଥିଲେ । ବର୍ତ୍ତମାନ ଏହି ଛୁଟି ୧୭ ଜୁନ ପର୍ଯ୍ୟନ୍ତ ନିର୍ଦ୍ଧାରିତ ଅଛି ।

### ଧାନ ସଂଗ୍ରହ ନେଇ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି

## ମିଲିଂ ଚାର୍ଜ ଦ୍ୱିଗୁଣିତ ଲାଗି ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ

ଭୁବନେଶ୍ୱର,୫ ।୬: ଚାଷୀମାନଙ୍କ ଠାରୁ ସୁଗମ ଧାନ ସଂଗ୍ରହ ସୁନିଶ୍ଚିତ କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରିଛନ୍ତି ରାଜ୍ୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଉଷୁନା ଏବଂ ଅରୁଆ ଚାଉଳ ଉଭୟ ପାଇଁ ମିଲିଂ ଚାର୍ଜ ଦ୍ୱିଗୁଣିତ କରିବାକୁ ଅନୁମୋଦନ କରିଛନ୍ତି । ନୂତନ ହାର ଅନୁଯାୟୀ, ଉଷୁନା ଚାଉଳ ପାଇଁ ମିଲିଂ ଚାର୍ଜ ୨୦ ରୁ ୪୦ ଟଙ୍କାକୁ ବୃଦ୍ଧି କରାଯାଇଛି, ସେହିପରି ଅରୁଆ ଚାଉଳ ପାଇଁ ଚାର୍ଜ ୧୦ ରୁ ୨୦ ଟଙ୍କାକୁ ବୃଦ୍ଧି କରାଯାଇଛି । ଚାଷୀଙ୍କଠାରୁ ସିଧାସଳଖ ଧାନର ଅବାଧ କ୍ରୟର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏହି ନିଷ୍ପତ୍ତି ନିଆଯାଇଛି । ଅଧିକାରୀମାନେ ଆସ୍ଥା ରଖିଛନ୍ତି ଯେ ଉଚ୍ଚ ମିଲିଂ ହାର ମିଲରମାନଙ୍କ ଦ୍ୱାରା ସମ୍ମୁଖୀନ ହେଉଥିବା ଦୀର୍ଘକାଳୀନ ସମସ୍ୟାର ସମାଧାନ କରିବ ଏବଂ ରାଜ୍ୟର ଖାଦ୍ୟ ସୁରକ୍ଷା ଯନ୍ତ୍ରପାତିକୁ ମଜଭୁତ କରିବ । ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଆସ୍ଥା ପ୍ରକଟ କରିଛନ୍ତି ଯେ ସଂଶୋଧିତ ହାର ମିଲରମାନଙ୍କୁ ବର୍ଦ୍ଧିତ କାର୍ଯ୍ୟକ୍ଷମ ଖର୍ଚ୍ଚକୁ ଦୂର କରିବାରେ ସାହାଯ୍ୟ କରିବ ଏବଂ ରାଜ୍ୟ ସାରା ଚାଷୀଙ୍କଠାରୁ ଧାନର ଦ୍ରୁତ ଏବଂ ସୁଗମ କ୍ରୟକୁ ସକ୍ଷମ କରିବ ।

### ଶକ୍ତି ସଂକଟ ସମସ୍ୟା ନେଇ ନିଷ୍ପତ୍ତି

## ଅପରିବର୍ତ୍ତିତ ରେପୋ ରେଟ




ନୂଆଦିଲ୍ଲୀ, ୫ ।୬: ଅପରିବର୍ତ୍ତିତ ରହିଛି ରେପୋ ରେଟ । ପୂର୍ବରୁ ଥିବା ରେପୋ ରେଟ୍ ୫.୨୫ ପ୍ରତିଶତକୁ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ)ପକ୍ଷରୁ ଅପରିବର୍ତ୍ତିତ ରଖାଯାଇଛି । ଆର୍‌ବିଆଇ ଗଭର୍ଣ୍ଣର ସଞ୍ଜୟ ମାଲହୋତ୍ରା ଶୁକ୍ରବାର ଏହି ଘୋଷଣା କରିଛନ୍ତି । ସକାଳ ୧୦ଟାରେ ମୌଦ୍ରିକ ନୀତି କମିଟି ବୈଠକରେ ନିଆଯାଇଥିବା ନିଷ୍ପତ୍ତି ଅନୁସାରେ ଗଭର୍ଣ୍ଣର ସଞ୍ଜୟ ମାଲହୋତ୍ରା ଏହି ଘୋଷଣା କରିଛନ୍ତି । ରିଜର୍ଭ ବ୍ୟାଙ୍କ ଅଫ ଇଣ୍ଡିଆ ପକ୍ଷରୁ ଦ୍ୱିତୀୟ ଥର ପାଇଁ ସୁଧ ହାର ଅପରିବର୍ତ୍ତିତ ରହିଛି । ପଶ୍ଚିମ ଏସିଆ ଯୁଦ୍ଧିସ୍ଥିତି ଯୋଗୁଁ ଦେଖା ଦେଇଥିବା ଶକ୍ତି ସଙ୍କଟ ତଥା ଯୋଗାଣ ସମସ୍ୟାକୁ ଦୃଷ୍ଟିରେ ରଖି ଏପରି ନିଷ୍ପତ୍ତି ନିଆଯାଇଛି ।

## ଓଡ଼ିଶାକୁ ୬ ସ୍ନାତକୋତର ଡାକ୍ତରୀ ସିଟ୍ ସ୍ୱୀକୃତି

ଭୁବନେଶ୍ୱର, ୫ ।୬: ନୂଆଦିଲ୍ଲୀର ନ୍ୟାସନାଲ ବୋର୍ଡ ଅଫ୍ ଏକଜାମିନେସନ୍ସ ଇନ୍ ମେଡିକାଲ ସାଇନ୍ସ ଓଡ଼ିଶାରେ ଅତିରିକ୍ତ ସ୍ନାତକୋତର




ଡାକ୍ତରୀ ସିଟ୍ ପାଇଁ ମାନ୍ୟତା ପ୍ରଦାନ କରିଛି । କୋରାପୁଟର ସହିଦ ଲକ୍ଷଣ ନାୟକ ମେଡିକାଲ କଲେଜ ଏବଂ ହସ୍ପିଟାଲକୁ ଡିପ୍ଲୋମେଟ୍ ଅଫ୍ ନ୍ୟାସନାଲ ବୋର୍ଡ ପ୍ରସୂତି ଏବଂ ସ୍ତ୍ରୀ ରୋଗ ବିଭାଗ ୪ଟି ସିଟ୍‌କୁ ସ୍ୱୀକୃତି ମିଳିଛି । ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଶିଶୁରୋଗରେ ୨ଟି ଏମବିବିଏସ ଡିପ୍ଲୋମା ସିଟ୍ ସ୍ୱୀକୃତି ମିଳିଛି । ଫଳରେ ରାଜ୍ୟରେ ଡାକ୍ତରୀ ଶିକ୍ଷା ଏବଂ ବିଶେଷଜ୍ଞ ସ୍ୱାସ୍ଥ୍ୟସେବାକୁ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରୋତ୍ସାହନ ମିଳିବ । ନ୍ୟାସନାଲ ବୋର୍ଡ ଅଫ୍ ଏକଜାମିନେସନ୍ସ ଇନ୍ ମେଡିକାଲ ସାଇନ୍ସ ଦ୍ୱାରା ଏହି ମାନ୍ୟତା ପ୍ରଦାନ କରାଯାଇଛି ଯାହା କେବିକେ ଅଞ୍ଚଳ ଏବଂ ଉପକୂଳବର୍ତ୍ତୀ ଜିଲ୍ଲାଗୁଡ଼ିକରେ ସ୍ୱାସ୍ଥ୍ୟ ବ୍ୟବସ୍ଥା ଏବଂ ସ୍ୱାସ୍ଥ୍ୟସେବା ଭିତ୍ତିଭୂମିକୁ ସୁଦୃଢ଼ କରିବା ସହ ରୋଗୀ-ଡାକ୍ତର ଅନୁପାତରେ ଉନ୍ନତି ଏବଂ ମାତୃ ଏବଂ ଶିଶୁ ଯତ୍ନ ସେବା ସୁନିଶ୍ଚିତ କରିବା ପାଇଁ ସହଜ ହେବ । ଏଥି ନିମନ୍ତେ ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

### ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ମୃତଦେହ

## ଗାମୁଛା ଲଗାଇ ଝୁଲିପଡ଼ିଲେ !

* କାରଣ ଜାଣିବା ପାଇଁ ତଦନ୍ତ ଜାରି
* ଜମି ବିକ୍ରି ଅନୁମତି ପାଇଁ ହୋଇଥିଲେ ନିରାଶ !

କେନ୍ଦ୍ରାପଡ଼ା, ୫ ।୬(ନିପ୍ର): ନିକିରାଇ ଥାନା ଅନ୍ତର୍ଗତ କୋର ଗ୍ରାମର ଶ୍ରୀ ଚନ୍ଦନ ଦାସ (କାଳିଆ)ଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣା କେନ୍ଦ୍ରାପଡ଼ା ଜିଲ୍ଲାରେ ଚର୍ଚ୍ଚାର ବିଷୟ ପାଲଟିଛି । କେତେକ ଏହାକୁ ଆତ୍ମହତ୍ୟା ଚର୍ଚ୍ଚା କରୁଛନ୍ତି । ସୂଚନା ଅନୁଯାୟୀ, ଶ୍ରୀ ଚନ୍ଦନ ଦାସ ଦୀର୍ଘଦିନ ଧରି ନିଜ ବାପା ଭରତ ଚନ୍ଦ୍ର ଦାସଙ୍କ ସହ କେନ୍ଦ୍ରାପଡ଼ା ସହରର ବାସୁଲେଇ ବଜାର ଅଞ୍ଚଳରେ ରହୁଥିଲେ । କୌଣସି କାର୍ଯ୍ୟ ସମ୍ପର୍କରେ ସେ ଦୀର୍ଘଦିନ ଧରି କେନ୍ଦ୍ରାପଡ଼ା କଲେକ୍ଟର କାର୍ଯ୍ୟାଳୟକୁ ଆସୁଥିଲେ । ଶୁକ୍ରବାର ସକାଳ ପ୍ରାୟ ୧୦ଟା ବେଳେ ସେ କଲେକ୍ଟର କାର୍ଯ୍ୟାଳୟ ପରିସରରେ ବସିଥିବା ଦେଖାଯାଇଥିଲେ । ହେଲେ ଅପରାହ୍ନ ପ୍ରାୟ ୩ଟା ସମୟରେ ସେ ନିଜ ବେକରେ ଗାମୁଛା ଲଗାଇ ଝୁଲୁଥିବା ଅବସ୍ଥାରେ ଠାବ



ହୋଇଥିଲେ । ଖବର ପାଇ ଟାଉନ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଶବକୁ ଉଦ୍ଧାର କରିଥିଲା । ପରେ ଶବ ବ୍ୟବଚ୍ଛେଦ ପାଇଁ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା । ଏହି ଘଟଣାକୁ ନେଇ ବିଜେପି ନେତ୍ରୀ ଗୀତାଞ୍ଜଳି ସେଠୀ ତୀବ୍ର ପ୍ରତିକ୍ରିୟା ରଖିଛନ୍ତି । କଲେକ୍ଟର କାର୍ଯ୍ୟାଳୟ ପରିସରରେ ପର୍ଯ୍ୟାପ୍ତ ସୁରକ୍ଷାକର୍ମୀ ନ ଥିବା ଘଟଣାକୁ ନେଇ ସେ ପ୍ରଶ୍ନ ଉଠାଇଥିବା ବେଳେ, ଏହା ସୁରକ୍ଷା ବ୍ୟବସ୍ଥା ଉପରେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି ବୋଲି କହିଛନ୍ତି । ଅନ୍ୟପକ୍ଷରେ, କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର୍ ଆୟାର ଘଟଣା ପ୍ରତି ଦୁଃଖ ପ୍ରକାଶ କରିବା ସହ ଏହାର ପୁଙ୍ଖାନୁପୁଙ୍ଖ ତଦନ୍ତ କରାଯିବ ବୋଲି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ପୋଲିସ ମୃତ୍ୟୁର ପ୍ରକୃତ କାରଣ ଜାଣିବା ପାଇଁ ତଦନ୍ତ ଜାରି ରଖିଛି । ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଘଟଣା ସମ୍ପର୍କରେ ଅଧିକ ସ୍ପଷ୍ଟ ସୂଚନା ମିଳିବ ବୋଲି ଆଶା କରାଯାଉଛି । ଚର୍ଚ୍ଚା ହେଉଛି ଯେ ଶ୍ରୀଚନ୍ଦନ ଅନୁସୂଚୀତ ଜାତିର । ଆର୍ଥିକ ଦୁଃସ୍ଥିତିରୁ ମୁକୁଳିବା ପାଇଁ ଜମି ବିକିବାକୁ ବାରମ୍ବାର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ଅନୁମତି ପତ୍ର ଲୋଡ଼ୁଥିଲେ । ଉପଜିଲ୍ଲାପାଳ ତାଙ୍କର ଆବେଦନପତ୍ରକୁ ଗୁରୁତ୍ୱ ନ ଦେଇ ଫେରାଉଥିଲେ । ବାରମ୍ବାର ତିରସ୍କାର ପରେ ଆଜି ସେ ଆତ୍ମହତ୍ୟା କରିଥିଲେ ବୋଲି କୁହାଯାଇଛି ।

### ୧୮ରେ ରାଜ୍ୟସଭା ଉପନିର୍ବାଚନ

## ନାମାଙ୍କନ ଭରିଲେ ଦେବାଶିଷ



ଭୁବନେଶ୍ୱର,୫ ।୬(ନିପ୍ର) ରାଜ୍ୟସଭା ଉପନିର୍ବାଚନ ପାଇଁ ଦେବାଶିଷ ସାମନ୍ତରାୟ ଶୁକ୍ରବାର ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ଦେବାଶିଷ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉପସ୍ଥିତିରେ ବିଜେପି ପ୍ରାର୍ଥୀ ଭାବେ ନାମାଙ୍କନ ଦାଖଲ କରିଛନ୍ତି । ରାଜ୍ୟ ବିଜେପି କାର୍ଯ୍ୟାଳୟରୁ ଏକ ପଟୁଆରରେ ବାହାରି ବିଧାନସଭା ରିଟର୍ଣ୍ଣିଂ ଅଫିସରଙ୍କ ନିକଟରେ ନାମାଙ୍କନ ଭରିଛନ୍ତି । ନାମାଙ୍କନ ବେଳେ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ , ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଓ ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କ ସମେତ ବହୁ ନେତା ମନ୍ତ୍ରୀ ଉପସ୍ଥିତ ରହିଥିଲେ । ଆସନ୍ତା ୧୮ ତାରିଖରେ ରାଜ୍ୟସଭା ଉପନିର୍ବାଚନ ହେବ ।

# ଅଦିନିଆ ରଥଯାତ୍ରାରେ ଅଣାଯିବ ରୋକ୍



* ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କୁ ଭେଟିବ ଶ୍ରୀମନ୍ଦିର ପରିଚାଳନା କମିଟି
* ନୀଳାଦ୍ରି ବିଜେ ପରେ ରତ୍ନଭଣ୍ଡାର ଗଣତିମଣତି
* ଶ୍ରୀମନ୍ଦିର ୟୁନିଫର୍ମ ପଲିସିରେ ସଂଶୋଧନ ପାଇଁ ନିଷ୍ପତ୍ତି
* ପୁରୁଣା ସିନ୍ଦୁକ ବାହାରକୁ ହେବ ସ୍ଥାନାନ୍ତର

ପୁରୀ,୫ ।୬(ନିପ୍ର): ଗଜପତି ମହାରାଜାଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକ ଅନୁଷ୍ଠିତ ହୋଇଛି । ଏଥିରେ କେତେକ ନିଷ୍ପତ୍ତି ନିଆଯାଇଛି । ବାରମ୍ବାର ଗଜପତି ମହାରାଜାଙ୍କ ଅନୁରୋଧ ସତ୍ତ୍ୱେ ଭାରତ ବାହାରେ ଅଦିନିଆ ରଥଯାତ୍ରା ଆୟୋଜନରୁ ଇସ୍କନ୍ ଓହରୁ ନଥିବାରୁ ଏଥିରେ ରୋକ୍ ଲଗାଇବା ପାଇଁ ଅଣ୍ଟା ଭିଡ଼ିଛି ଶ୍ରୀମନ୍ଦିର ପରିଚାଳନା କମିଟି । ମହାପ୍ରଭୁଙ୍କ ନୀଳାଦ୍ରି ବିଜେ ନୀତି ସରିବା ପରେ ଶ୍ରୀମନ୍ଦିର ପରିଚାଳନା କମିଟିର ଏକ ପ୍ରତିନିଧି ମଣ୍ଡଳୀ ପ୍ରଧାନମନ୍ତ୍ରୀ ଏବଂ ରାଷ୍ଟ୍ରପତିଙ୍କୁ ଭେଟି ଇସ୍କନ୍‌ର ଅଦିନିଆ ରଥଯାତ୍ରା ସମ୍ପର୍କରେ ଅବଗତ କରାଇବେ ବୋଲି ପରିଚାଳନା କମିଟି ବୈଠକରେ ନିଷ୍ପତ୍ତି ହୋଇଛି । ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢୀ ନିଜ ପ୍ରତିକ୍ରିୟାରେ ସୂଚନା ଦେଇଛନ୍ତି, 'ମହାପ୍ରଭୁଙ୍କର ରାଜେନ୍ଦ୍ରାଭିଷେକଠାରୁ ନୀଳାଦ୍ରି ବିଜେ ପର୍ଯ୍ୟନ୍ତ ସମସ୍ତ ନୀତି ନିର୍ଘଣ୍ଟକୁ ଆଜି ପରିଚାଳନା କମିଟି ବୈଠକରେ ମୋହର ମରାଯାଇଛି । ଶୃଙ୍ଖଳିତ ନୀତି କାନ୍ତି ଉପରେ ମଧ୍ୟ ଆଲୋଚନା ହୋଇଛି । ସେପଟେ ଦେବସ୍ନାନ ପୂର୍ଣ୍ଣିମା ଏବଂ ରଥଯାତ୍ରାକୁ ଦୃଷ୍ଟିରେ ରଖାଯାଇ ତଥା ନୀତି ବହୁଳତା ପାଇଁ ରତ୍ନଭଣ୍ଡାର ଗଣତି ମଣତି କାର୍ଯ୍ୟକୁ ସ୍ଥଗିତ ରଖିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଛି । ପୁନର୍ବାର ମାର୍ଗଦର୍ଶିକାରେ ସଂଶୋଧନ କରାଯିବ । ଶ୍ରୀମନ୍ଦିର ଆଇନରେ ପରିବର୍ତ୍ତନ ଆଣିବା ପାଇଁ ରାଜ୍ୟ ସରକାରଙ୍କୁ ଶ୍ରୀମନ୍ଦିର ପରିଚାଳନା କମିଟି ପକ୍ଷରୁ ସୁପାରିସ ଦିଆଯିବ ବୋଲି ନିଷ୍ପତ୍ତି ହୋଇଛି । ମଶାଣି ଚଣ୍ଡି ଠାରେ ନିର୍ମିତ ହୋଇଥିବା ନୂଆ କଲୋନୀର ନାମ ନୀଳଚକ୍ର ବିହାର ରଖାଯାଇଛି । ଶ୍ରୀମନ୍ଦିର ସୁରକ୍ଷା ପ୍ରସଙ୍ଗରେ ଆଗାମୀ ନୀଳାଦ୍ରି ବିଜେ ପରେ ସମୟ ଏବଂ ଦିନ ଧାର୍ଯ୍ୟ କରାଯାଇ ରତ୍ନଭଣ୍ଡାର ଗଣତି ମଣତି କାର୍ଯ୍ୟ ପୁନର୍ବାର ଆରମ୍ଭ ହେବ । ସେହିପରି ଭିତର ରତ୍ନଭଣ୍ଡାରରେ ଥିବା ଅନେକ ଅଳଙ୍କାରର ଆକାର ବଡ଼ ଥିବାରୁ ଏହାର ଓଜନ, ଭିଡିଓଗ୍ରାଫି, ଫଟୋଗ୍ରାଫି ଏବଂ ଥ୍ରୀଡି ସ୍କାନିଙ୍ଗ ପାଇଁ ଭିତର ରତ୍ନଭଣ୍ଡାରରୁ ଖଟଶେଜ ଗୃହକୁ ସ୍ଥାନାନ୍ତର କରାଯାଇ ଗଣତି ମଣତି କରାଯିବ । ପୁରୁଣା ସିନ୍ଦୁକ ଗୁଡିକ ମଧ୍ୟ ବାହାରକୁ ସ୍ଥାନାନ୍ତର କରାଯିବ । ଏଣୁ ଏନେଇ କରାଯାଇଛି । ନରେନ୍ଦ୍ର ପୁଷ୍କରିଣୀ ନିକଟରେ ଏକ ଅଭ୍ୟର୍ଥନା କେନ୍ଦ୍ର ଓ ସୂଚନା କେନ୍ଦ୍ର ସ୍ଥାପନ କରାଯିବ । ଶ୍ରୀମନ୍ଦିର ୟୁନିଫର୍ମ ପଲିସିରେ ସଂଶୋଧନ କରାଯିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି । ମହାପ୍ରଭୁଙ୍କ ଶ୍ରୀମନ୍ଦିର ସମ୍ପର୍କିତ ବିଭିନ୍ନ ଲୋଗୋ ଏବଂ ଚିତ୍ରର ପ୍ୟାଟେଣ୍ଟ ପାଇଁ ଆବେଦନ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି ।'ସେହିପରି ସେବାୟତ ଗୁରୁକୁଳ ନିର୍ମାଣରେ ଓବିସିସି ପରିବର୍ତ୍ତେ ଏକ ନୂଆ ସଂସ୍ଥାକୁ ଦାୟିତ୍ୱ ମଧ୍ୟ ଆଜି ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକରେ ଆଲୋଚନା ହୋଇଛି । ଶ୍ରୀମନ୍ଦିର ଭିତରେ ଏବଂ ବାହାରେ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯିବା ପାଇଁ ସମସ୍ତ ପ୍ରକାର ଆଧୁନିକ ଜ୍ଞାନକୌଶଳ ସୁରକ୍ଷା ବ୍ୟବସ୍ଥା ବ୍ୟବହାର କରାଯିବାକୁ ବୈଠକରେ ନିଷ୍ପତ୍ତି ହୋଇଛି । ଆଗାମୀ ଦିନରେ ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ଖୁବଶୀଘ୍ର ପଦକ୍ଷେପ ଗ୍ରହଣ କରାଯିବ ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ସୂଚନା ଦେଇଛନ୍ତି ।

# ରାମେଶ୍ୱରମ

ଅବସ୍ଥାନ: ତାମିଲନାଡୁର ପାମ୍ବନ ଦ୍ୱୀପରେ
ଦେବତା: ଭଗବାନ ଶିବ ଏଠାରେ ରାମନାଥସ୍ୱାମୀ ରୂପରେ ପୂଜା ପାଉଛନ୍ତି
ମହତ୍ତ୍ୱ: ରାମେଶ୍ୱରମ୍ ୧୨ଟି ଜ୍ୟୋତିର୍ଲିଙ୍ଗ ମଧ୍ୟରୁ ଗୋଟିଏ। ରାମାୟଣ ଅନୁସାରେ, ପ୍ରଭୁ ରାମଚନ୍ଦ୍ର ଲଙ୍କା ଯାତ୍ରା ପୂର୍ବରୁ ଏଠାରେ ଶିବଲିଙ୍ଗ ସ୍ଥାପନ କରିଥିଲେ। ଏହା ଶୈବ ଓ ବୈଷ୍ଣବ ସମ୍ପ୍ରଦାୟର ମିଳନ ସ୍ଥଳ। ବିଶେଷତା: ମନ୍ଦିରରେ ୨୨ଟି ପବିତ୍ର କୂଅ (ତୀର୍ଥ) ରହିଛି, ଯେଉଁଥିରେ ସ୍ନାନ କରି ଭକ୍ତମାନେ ପୁଣ୍ୟ ଲାଭ କରନ୍ତି। ଏହି ମନ୍ଦିର ବିଶ୍ୱର ଦୀର୍ଘତମ ମନ୍ଦିର ମଧ୍ୟରୁ ଗୋଟିଏ। ଐତିହାସିକ ମହତ୍ତ୍ୱ: ରାମେଶ୍ୱରମ୍ ରାମାୟଣର ଏକ ପ୍ରମୁଖ ସ୍ଥାନ। ନିକଟସ୍ଥ ରାମସେତୁ (ଆଦମ ସେତୁ) ଐତିହାସିକ ଓ ପୌରାଣିକ ମହତ୍ତ୍ୱ ରଖେ।





ହିନ୍ଦୁ ପୁରାଣ ଅନୁସାରେ ଲଙ୍କାର ଦୁଷ୍ଟ ରାକ୍ଷସ,ରାବଣ କବଳରୁ ସୀତାଙ୍କୁ ଉଦ୍ଧାର କରିବାପାଇଁ ରାମଙ୍କୁ ରାମେଶ୍ୱରମରୁ ଶ୍ରୀଲଙ୍କା (ଲଙ୍କା) ପର୍ଯ୍ୟନ୍ତ ଏକ ସେତୁ ନିର୍ମାଣ କରିବାକୁ ପଡ଼ିଥିଲା। ଏଥିପାଇଁ ସେ ବାନର ସେନାର ସହଯୋଗ ମଧ ଲୋଡିଥିଲେ। ବିଷ୍ଣୁଙ୍କର ସପ୍ତମ ଅବତାର ହେଉଛନ୍ତି ରାମ। ରାମଙ୍କ ଈଶ୍ୱର ରାମେଶ୍ୱର ଭାବେ ସର୍ବବିଦିତ ହୁଅନ୍ତି ଶିବ।

ତାମିଲନାଡୁର ରାମନାଥପୁରମ ଜିଲ୍ଲା ଅନ୍ତର୍ଗତ ପମ୍ବନ ଦ୍ୱୀପାଞ୍ଚଳସ୍ଥିତ ରାମେଶ୍ୱରମ ଏକ ପବିତ୍ର ସହର।ଏହି ସହର ଭାରତର ଏକ ପ୍ରମୁଖ ତୀର୍ଥକ୍ଷେତ୍ର ତଥା ପର୍ଯ୍ୟଟନସ୍ଥଳ ଭାବେ ପରିଗଣିତ ହୋଇଆସୁଛି। ଏଠାରେ ପ୍ରସିଦ୍ଧ ରାମନାଥସ୍ୱାମୀ ମନ୍ଦିର ଅବସ୍ଥିତ। ଭାରତର ପ୍ରସିଦ୍ଧ ଚାରି ଧାମ ମଧ୍ୟରେ ରାମେଶ୍ୱରମର ସ୍ଥାନ ସ୍ୱତନ୍ତ୍ର। ଏଠାରେ ରହିଛି ଏକ ବୃହଦାକର ଜ୍ୟୋତିର୍ଲିଙ୍ଗ। ରାମେଶ୍ୱରମକୁ ଦକ୍ଷିଣ ଭାରତର ବନାରସ ବୋଲି କୁହାଯାଏ। ସହର ନାମ ଅନୁସାରେ ନାମ ହୋଇଛି ରାମେଶ୍ୱରମ୍ ଦ୍ୱୀପ।ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ଯେଉଁ ସମୁଦ୍ର ରହିଛି ତାହା ଉପରେ ସେତୁ ଥିବାରୁ ଏହାର ନାମକରଣ ହୋଇଛି ସେତୁ ସମୁଦ୍ରମ। ରାମେଶ୍ୱରମ ଅଭ୍ୟନ୍ତରରେ ଏବଂ ବାହାରେ ରହିଛି ୬୪ଟି ପବିତ୍ର ଜଳାଶୟ। ପୁରାଣ ଅନୁସାରେ ଏଗୁଡିକ ମଧ୍ୟରୁ ୨୪ଟିର ମହିମା ଅତ୍ୟନ୍ତ ତାତ୍ପର୍ଯ୍ୟପୂର୍ଣ୍ଣ।ଏହିସବୁ ଜଳାଶୟର ଜଳର ସ୍ୱାଦ ଭିନ୍ନଭିନ୍ନ। ଏବଂ ଏଠାରେ ଥିବା ଗନ୍ଧମାର୍ଦ୍ଦନ ପର୍ବତ, ସେତୁକରାଇ, ରାମେଶ୍ୱରମ ବେଳାଭୂମି, ପମ୍ବନ ରେଳ ସେତୁ, ଧନୁଷକୋଡ଼ି, ଅଗ୍ନିତୀର୍ଥ, ଏରୱାଡ଼ି ପର୍ଯ୍ୟଟକଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥାଏ।

ରାମେଶ୍ୱର ସହରର କେନ୍ଦ୍ରସ୍ଥଳରେ ରହିଛି ସ୍ୱାମୀନାଥ ମନ୍ଦିର।ଏହି ମନ୍ଦିରରେ ରାମେଶ୍ୱର ପୂଜା ପାଆନ୍ତି।ଏଥିପାଇଁ ସହରର ନାମ ହୋଇଛି ରାମେଶ୍ୱରମ୍।ଦ୍ୱାଦଶ ଶତାବ୍ଦୀରେ ପାଣ୍ଡ୍ୟ ରାଜବଂଶଦ୍ୱାରା ରାମନାଥସ୍ୱାମୀ ମନ୍ଦିର ନିର୍ମାଣ କରାଯାଇଥିଲା।

# ଜ୍ଞାନ ପ୍ରାପ୍ତି



ଜଣେ ଯୁବକ ଜ୍ଞାନ-ପ୍ରାପ୍ତି ପାଇଁ ଋଷିଙ୍କ ପାଖକୁ ଗଲା। ବହୁତ ଦିନ ଧରି ତାଙ୍କ ସହିତ ରହି ଜ୍ଞାନ ଲାଭ କଲା। ଯେତେବେଳେ ଘରକୁ ଫେରିବାର ବେଳ ହେଲା, ତାକୁ ନିଜର ଗୁରୁଙ୍କ ଦକ୍ଷିଣା ଦେବା ପାଇଁ ମନ ହେଲା। ଗୁରୁ-ଦକ୍ଷିଣା ରୂପରେ ଋଷି ଗୋଟିଏ ଏମିତି ଜିନିଷ ମାଗିଲେ ଯାହା ପୂରା ବ୍ୟର୍ଥ ହୋଇଥିବ। ଏବେ ଶିଷ୍ୟ ବ୍ୟର୍ଥ ଜିନିଷ ଖୋଜିବା ପାଇଁ ବାହାରି ପଡ଼ିଲା। ଶିଷ୍ୟ ଯେତେବେଳେ ମାଟି ଆଡ଼କୁ ହାତ ବଢ଼େଇଲା। ସେ ସମୟରେ ମାଟି ଚିହିଁକି ପଡ଼ି କହିଲା, ତୁମେ ମୋତେ ବ୍ୟର୍ଥ ଭାବୁଛ ଧରା ପୃଷ୍ଠରେ ସବୁ ବୈଭବ ମୋ ଗର୍ଭରୁ ହିଁ ପ୍ରକଟ ହୋଇଥାଏ। କିଛି ଦୂରରେ ଗୋଟିଏ ପଥର ଥିଲା, ଯେମିତି ସେ ପଥର ଆଡ଼କୁ ହାତ ବଢ଼େଇଲା ପଥର କହିଲା- ତୁମେ ଜ୍ଞାନୀ ହୋଇ ମୋତେ ବେକାର ଭାବୁଛ ଏହି ଭବନ, ନଦୀ, ନାଳ, ପର୍ବତରେ କ'ଣ ମୁଁ ନାହିଁ ତୁମେ ମୋତେ କାହିଁକି ବ୍ୟର୍ଥ ଭାବୁଛ ବୁଲି ବୁଲି ଶେଷରେ ଅଳିଆ ଗଦା ମିଳିଲା। ପାଖକୁ ଗଲା ବେଳେ ତା' ମନରେ ଘୃଣା ଭାବ ଆସିବାକୁ ଲାଗିଲା। ସେ ଅଳିଆ ଗଦା ଦିଗରେ ହାତ ବଢ଼େଇଲା ବେଳକୁ ଅଳିଆ ଗଦା କହିଲା, କ'ଣ ମୋଠୁ ଭଲ ସାର ଏ ଧରା ପୃଷ୍ଠରେ ମିଳିବ ଏଠି ଅନ୍ନ, ଫଳ ସବୁ ଲୁକ୍କାୟିତ ଅଛି, ଆଉ ତୁମେ ମୋତେ ବ୍ୟର୍ଥ ଭାବୁଛ ସେ ଏବେ ଭାବିବାକୁ ଲାଗିଲା ମାଟି, ପଥର, ଅଳିଆ ଗଦା ଯଦି ଏତେ ମୂଲ୍ୟବାନ ତା'ହେଲେ ବ୍ୟର୍ଥ କ'ଣ ଠିକ୍ ସେତିକି ବେଳକୁ ତା' ମନରେ ଗୋଟିଏ ଶବ୍ଦ ଗୁଞ୍ଜରିତ ହେବାକୁ ଲାଗିଲା, ଏ ସୃଷ୍ଟିରେ ସବୁ ପଦାର୍ଥ ନିଜ ପାଇଁ ଉପଯୋଗୀ। ବ୍ୟର୍ଥ ଆଉ ତୁଚ୍ଛ ସେଇ ଯେ ଅନ୍ୟମାନଙ୍କୁ ବ୍ୟର୍ଥ ଆଉ ତୁଚ୍ଛ ବୁଝିଥାଏ।

# କେବେ ପତ୍ରଝଡ଼ା ଦିଏନି ଅକ୍ଷୟ ବଟ

## ହଜାର ବର୍ଷ ପ୍ରାଚୀନ ଏହାର ଇତିହାସ, ହେଲେ ନାହିଁ ଓହଳ

ଉତ୍ତରପ୍ରଦେଶ ମୁଜାଫରନଗରର ମୋରନାରେ ରହିଛି ଏକ ବଟବୃକ୍ଷ। ଯାହାକୁ କେବଳ ସ୍ଥାନୀୟ ଅଞ୍ଚଳ କାହିଁକି ସମସ୍ତ ଦେଶରେ ଲୋକେ ଅକ୍ଷୟ ବଟ ନାମରେ ଜାଣନ୍ତି। କୁହାଯାଏ ଏହି ବଟ ବୃକ୍ଷର ଇତିହାସ ମହର୍ଷି ବ୍ୟାସଙ୍କ ପୁତ୍ର ଶୁକଦେବଙ୍କ ସହ ଜଡିତ। ମହାଭାରତ କାଳର ଏହି ବଟବୃକ୍ଷକୁ ନେଇ ରହିଛି ଅନେକ ରୋଚକ କଥା। ତେବେ ସବୁଠୁ ବଡ କଥା ହେଉଛି ବର୍ଷରେ ପ୍ରତ୍ୟେକ ବଟବୃକ୍ଷ ଥରେ ପତ୍ରଝଡା ଦେଇଥାଏ। ହେଲେ ଏହି ବୃକ୍ଷ କେବେ ପତ୍ରଝଡା ଦିଏନି କି ଏତେ କାଳର ବରଗଛ ହୋଇ ମଧ୍ୟ ଏହାର ଗୋଟିଏ ଓହଳ ବି ନାହିଁ। ପୌରାଣିକ ଆଖ୍ୟାନ ଅନୁସାରେ ଏହି ବୃକ୍ଷ ମୂଳରେ ମହାରାଜ ପରୀକ୍ଷିତଙ୍କୁ ଶାପମୁକ୍ତ କରିବା ଲାଗି ଶୁକମୁନି ଭାଗବତ ଶୁଣାଇଥିଲେ। ପରୀକ୍ଷିତ ମହାରାଜ ତୃଷାର୍ତ୍ତ ହୋଇ ମୁନିଙ୍କୁ ଜଳଦାନ ଲାଗି ନିବେଦନ କରିଥିଲେ। ତେବେ ଧ୍ୟାନସ୍ଥ ମୁନି ତାଙ୍କ କଥାର କୌଣସି ଜବାବ ନ ଦେବାରୁ ପରୀକ୍ଷିତ ତାଙ୍କ ଗଳାରେ ମଲା ସାପ ପକାଇଦେଥିଲେ। ଏଥିଲାଗି ମୁନିଙ୍କ ପୁତ୍ର ପରୀକ୍ଷିତଙ୍କୁ ତକ୍ଷକ ଦଂଶନରେ ତାଙ୍କର ମୃତ୍ୟୁ ହେବ ବୋଲି କ୍ରୋଧରେ ଅଭିଶାପ ଦେଇଥିଲେ। ଏଣୁ ମୁନି ପୁତ୍ରଙ୍କ ଅଭିଶାପରେ ପରୀକ୍ଷିତଙ୍କ ମୃତ୍ୟୁ ନିଶ୍ଚିତ ଥିଲା। ଏଥିଲାଗି ତାଙ୍କୁ ଶାପମୁକ୍ତ କରିବା ନିମନ୍ତେ ଶୁକମୁନି



ତାଙ୍କୁ ଭାଗବତ କଥା ଶୁଣାଇ ମୋକ୍ଷ ପ୍ରଦାନ କରିଥିଲେ। ଅକ୍ଷୟ ବଟ ନାମାନୁସାରେ ଅକ୍ଷୟ ଅର୍ଥାତ୍ ଏହାର କ୍ଷୟ ନାହିଁ। କୁମ୍ଭ ମେଳା ଓ ବିଶେଷ ଅବସରରେ କେବଳ ଅକ୍ଷୟବଟ ସର୍ବସାଧାରଣଙ୍କ ଲାଗି ଉନ୍ମୁକ୍ତ ହୁଏ। ଅନ୍ୟଥା ଏହାକୁ କଡା ସୁରକ୍ଷା ମଧ୍ୟରେ ପ୍ରାଚୀର ବେଷ୍ଟନୀ କରି ରଖାଯାଇଛି।

# କିଷ୍କିନ୍ଧ୍ୟା କାଣ୍ଡ

## ସୁଗ୍ରୀବଙ୍କ ସଙ୍ଗେ ଶ୍ରୀରାମଙ୍କ ବନ୍ଧୁତା ସ୍ଥାପନ











କିଷ୍କିନ୍ଧା କାଣ୍ଡ ହେଉଛି ରାମାୟଣ ମହାକାବ୍ୟର ଚତୁର୍ଥ ପୁସ୍ତକ, ଯେଉଁଥିରେ କିଷ୍କିନ୍ଧାର ବାନର ରାଜ୍ୟରେ ରାମଙ୍କ ବାନର (ବାନର) ରାଜା ସୁଗ୍ରୀବଙ୍କ ସହ ମିତ୍ରତା, ତାଙ୍କୁ ତାଙ୍କ ଭାଇ ବାଲିଙ୍କୁ ପରାସ୍ତ କରିବାରେ ସାହାଯ୍ୟ କରିବା ଏବଂ ତା'ପରେ ହନୁମାନଙ୍କ ନେତୃତ୍ୱରେ ସୀତାଙ୍କୁ ଖୋଜିବାର ବିବରଣୀ ଦିଆଯାଇଛି, ଯାହା ଲଙ୍କାରେ ତାଙ୍କ ସ୍ଥାନ ଆବିଷ୍କାର କରିବାରେ ପରିଣାମ ସ୍ୱରୂପ ହୋଇଥିଲା। ପ୍ରମୁଖ ଘଟଣାଗୁଡ଼ିକ ମଧ୍ୟରେ ରାମଙ୍କ ପମ୍ପା ହ୍ରଦରେ ହନୁମାନଙ୍କୁ ସାକ୍ଷାତ, ରାମଙ୍କ ଦ୍ୱାରା ସୁଗ୍ରୀବଙ୍କ ସିଂହାସନ ପୁନରୁଦ୍ଧାର ପାଇଁ ବାଲିଙ୍କୁ ବଧ କରିବା, ସୁଗ୍ରୀବଙ୍କ ଅସ୍ଥାୟୀ ବିସ୍ମୃତି, ସୀତାଙ୍କ ସ୍ଥାନ ଆବିଷ୍କାର କରିବାରେ ହନୁମାନ ଏବଂ ଅଙ୍ଗଦଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଅନ୍ତର୍ଭୁକ୍ତ।


ଇତି ମଧ୍ୟରେ ରାମ ଓ ଲକ୍ଷ୍ମଣ ପମ୍ପା ସରୋବର ନିକଟରେ ପହଞ୍ଚିଲେ । ପଥରେ ରାମ ଶବରୀର ଭକ୍ତିପୂର୍ଣ୍ଣ ଆତିଥ୍ୟ ଗ୍ରହଣ କରିଥିଲେ । ତପ୍ତରେ ସୁଗ୍ରୀବଙ୍କ ସନ୍ଧାନରେ ଦୁଇଭାଇ ଋଷ୍ୟମୁଖ ପର୍ବତ ଅଭିମୁଖେ ଯାତ୍ରା ଆରମ୍ଭ କଲେ । ସୁଗ୍ରୀବ ସେଠାରେ ରାମଲକ୍ଷ୍ମଣ ଦୁଇ ଭାଇଙ୍କୁ ଦେଖି ପ୍ରମାଦ ଗଣିଲା । ବାଳୀଙ୍କଦ୍ୱାରା ପ୍ରେରିତ ହୋଇ ସୁଗ୍ରୀବଙ୍କୁ ବଧ କରିବା ଉଦ୍ଦେଶ୍ୟରେ ଆସିଥାଇପାରନ୍ତି ଭାବି ଭୟଭୀତ ହେଲା । ତେବେ ସୁଗ୍ରୀବଙ୍କ ତରଫରୁ ତାଙ୍କ ମନ୍ତ୍ରୀ ହନୁମାନ ରାମ ଲକ୍ଷ୍ମଣଙ୍କୁ ଦେଖାକରି ସୁଗ୍ରୀବଙ୍କ ବିଷୟରେ କହିଲେ ଏବଂ ସୁଗ୍ରୀବଙ୍କ ସହ ରାମ ଲକ୍ଷ୍ମଣଙ୍କ ସାକ୍ଷତ କରାଇଲେ । ସେଠାରେ ବିଶ୍ରାମ ନେବାପରେ ସୁଗ୍ରୀବଙ୍କ ସହ ତାଙ୍କର ଦେଖା ହେଲା । ସୁଗ୍ରୀବଙ୍କ ଭାଇ ବାଳୀ ଇତିମଧ୍ୟରେ ସୁଗ୍ରୀବଙ୍କୁ ତଡ଼ିଦେଇ ନିଜେ କିଷ୍କିନ୍ଧ୍ୟାର ରାଜା ହୋଇଥିଲେ ଏବଂ ସୁଗ୍ରୀବଙ୍କ ସ୍ତ୍ରୀଙ୍କୁ ବଳପୂର୍ବକ ନେଇ ରାଣୀକରି ରଖିଥିଲେ । ସୁଗ୍ରୀବଙ୍କ ସହ ବନ୍ଧୁତା ସ୍ଥାପନ କଲାପରେ ରାମ ଆଶ୍ୱାସନା ଦେଲେ ଯେ ସେ ସୁଗ୍ରୀବଙ୍କୁ ତାଙ୍କ ରାଜ୍ୟ ଓ ସ୍ତ୍ରୀ ଫେରିପାଇବାରେ ସହାୟତା କରିବେ । ପ୍ରତିବଦଳରେ ସୁଗ୍ରୀବ ରାମଙ୍କୁ ସୀତାଙ୍କ ଉଦ୍ଧାରରେ ବାନର ସେନା ସହ ସାହାଯ୍ୟ କରିବାପାଇଁ ପ୍ରତିଶ୍ରୁତି ଦେଲେ । କିନ୍ତୁ ସମୟକ୍ରମେ ସୁଗ୍ରୀବ ତାଙ୍କ ପ୍ରତିଜ୍ଞା ଭୁଲିଯିବା ଦେଖି ତାରା, ସୁଗ୍ରୀବଙ୍କ ଦ୍ୱିତୀୟ ପତ୍ନୀ, ସୁଗ୍ରୀବଙ୍କୁ ଏ କଥା ମନେ ପକାଇଦେଇ ଲକ୍ଷ୍ମଣଙ୍କ କ୍ରୋଧରୁ ବଞ୍ଚିତ କରିପାରିଥିଲେ । ସୁଗ୍ରୀବ ତାଙ୍କର ସମସ୍ତ ବାନର ପାରିଷଦମାନଙ୍କୁ ଚାରି ଦିଗକୁ ପ୍ରେରଣ କରି ସୀତାଙ୍କ ସନ୍ଧାନ ନେବାକୁ ଆଦେଶ ଦେଲେ । ପୂର୍ବ, ପଶ୍ଚିମ ଏବଂ ଉତ୍ତର ଦିଗକୁ ଯାଇଥିବା ଦଳ ଖାଲି ହାତରେ ଫେରି ଆସିଲେ । ହେଲେ, ଅଙ୍ଗଦ ଓ ହନୁମାନ ଦକ୍ଷିଣ ଦିଗରୁ ସୂଚନା ଆଣିଲେ କି ସୀତାଙ୍କୁ ରାବଣ ହରଣ କରି ନେଇ ଲଙ୍କାରେ ବନ୍ଦୀ କରି ରଖିଛି।

# ଭଗବାନ ଶିବଙ୍କ ଦୃଷ୍ଟିରେ କିଛି କ୍ଷମାହୀନ ଅପରାଧ



ଖରାପ କାମ କରୁଥିବା ଲୋକ ସାଂସାରିକ ସୁଖ ଭୋଗ କରିପାରେ ନାହିଁ। ଏମିତି କି ଯେତେ ଧନ ଥିଲେ ବି ସନ୍ତୁଷ୍ଟ ହୋଇପାରେନି। ଅନେକ ଯନ୍ତ୍ରଣା ପାଇ ମୃତ୍ୟୁ ମୁଖରେ ପଡ଼େ। ମା ବାପାଙ୍କୁ କ୍ଷତି ପହଞ୍ଚାଉଥିବା ବ୍ୟକ୍ତି ତାଙ୍କୁ ଦୁଃଖ କଷ୍ଟ ଦେଇ ରଖୁଥିବା ବ୍ୟକ୍ତିମାନେ ଶିବଙ୍କ କୋପରୁ ସହଜରେ ରକ୍ଷା ପାଇପାରନ୍ତି ନାହିଁ।

ଭଗବାନ ଶିବ ସହଜରେ ପ୍ରସନ୍ନ ହୁଅନ୍ତି। ତାଙ୍କ ଆଶିଷରେ ସୁଖଶାନ୍ତିରେ ଦିନ କଟେ। ହେଲେ ସେ ରାଗିଲେ ପ୍ରଳୟ କରନ୍ତି ଭକ୍ତ ମହଲରେ ଏପରି ବିଶ୍ୱାସ ରହିଛି। ଏପରି କିଛି କାମ ଅଛି, ଯେଉଁଥିରେ ଭଗବାନ ଶିବ କୋପ କରନ୍ତି। ଏହାଦ୍ୱାରା ବ୍ୟକ୍ତିର ସୁଖଶାନ୍ତି ଦୂରେଇଯାଇ ଅନିଷ୍ଟ ହୁଏ । ଉକ୍ତ କାମଗୁଡ଼ିକ ହେଉଛି ଅନ୍ୟର ସ୍ତ୍ରୀ ଅବା ସ୍ୱାମୀକୁ ଖରାପ ନଜରରେ ଦେଖିବା ଅବା ତାକୁ ପାଇବାକୁ ଇଚ୍ଛା କରିବା ହେଉଛି ବହୁତ ବଡ଼ ପାପ। ଶିବ ପୁରାଣରେ ବର୍ଣ୍ଣିତ ଅଛି ଏପରି ମନେଭାବ ରଖୁଥିବା ବ୍ୟକ୍ତିଠାରେ ଶିବଙ୍କ ଆଶିଷ ରହେ ନାହିଁ। ଏମିତି ପାପ କରୁଥିବାରୁ ସେ ଶିବ କୋପର ଶିକାର ହୁଏ। ତା'ର ସମସ୍ତ କ୍ଷେତ୍ରରେ ଅନିଷ୍ଟ ହୋଇଥାଏ । ଅନ୍ୟର ଧନକୁ ଲୋଭ କରିବା, ହରଣ କରିବା ଅବା ଈର୍ଷା କରିବା ଆଦି ଶିବଙ୍କ ନଜରରେ କ୍ଷମାହୀନ ଅପରାଧ। ଅନ୍ୟର ଧନକୁ ଆଉଆଖରେ ଦେଖିବା ଅନୁଚିତ୍। ନଚେତ୍ ପାପୀ ତାଲିକାରେ ନାମ ସ୍ଥାନ ପାଇବ । ଅନ୍ୟକୁ କଷ୍ଟ ଦେବା ଅବା ଅନ୍ୟ ବ୍ୟକ୍ତିକୁ କୌଣସି କାର୍ଯ୍ୟରେ ଅସୁବିଧାରେ ପକାଇବା ପାଇଁ ଯୋଜନା କରିବା ପରି କୁତ୍ସିତ ମାନସିକତା ଥିବା ଲୋକଙ୍କ ଉପରେ ଭଗବାନ ଶିବ କ୍ରୋଧ କରନ୍ତି । ଏଭଳି ବ୍ୟକ୍ତିଙ୍କର ଭଗବାନ ଶିବ ସର୍ବନାଶ କରନ୍ତି। ଭଲ ରାସ୍ତା ଛାଡ଼ି ଖରାପ ରାସ୍ତାରେ ପାଦ ଦେବା, ମଦ ମାତାଲ ହୋଇ ସମାଜରେ ବିଶୃଙ୍ଖଳା ସୃଷ୍ଟି କରିବା ଆଦି ପାପ ସହିତ ସମାନ । ଭଗବାନ ଶିବ ଏମାନଙ୍କୁ କ୍ଷମାର ପାତ୍ର ବୋଲି ମନେ କରନ୍ତି ନାହିଁ ଶିବଙ୍କ କୋପରେ ଏମାନଙ୍କର ସର୍ବନାଶ ହୁଏ । କେବେ ବି କୌଣସି ନାରୀକୁ ଖରାପ ନଜରରେ ଦେଖିବା ଅନୁଚିତ । ଖରାପ କାମ କରୁଥିବା ଲୋକ ସାଂସାରିକ ସୁଖ ଭୋଗ କରିପାରେ ନାହିଁ। ଏମିତି କି ଯେତେ ଧନ ଥିଲେ ବି ସନ୍ତୁଷ୍ଟ ହୋଇପାରେନି। ଅନେକ ଯନ୍ତ୍ରଣା ପାଇ ମୃତ୍ୟୁ ମୁଖରେ ପଡ଼େ। ମା ବାପାଙ୍କୁ କ୍ଷତି ପହଞ୍ଚାଉଥିବା ବ୍ୟକ୍ତି ତାଙ୍କୁ ଦୁଃଖ କଷ୍ଟ ଦେଇ ରଖୁଥିବା ବ୍ୟକ୍ତିମାନେ ଶିବଙ୍କ କୋପରୁ ସହଜରେ ରକ୍ଷା ପାଇପାରନ୍ତି ନାହିଁ। ଭଗବାନ ଶିବ ଏଭଳି ବ୍ୟକ୍ତିଙ୍କୁ କ୍ଷମା କରନ୍ତି ନାହିଁ। ଏମାନଙ୍କଠାରୁ ସମସ୍ତ ସୁଖଶାନ୍ତି ହରଣ କରିବା ସହ ତାଙ୍କର ସର୍ବନାଶ କରନ୍ତି ।



## ଗ୍ୟାସ କଳାବଜାର ନେଇ ଅଭିଯୋଗ

ଦେବଗଡ଼,(ନିପ୍ର): ଦେବଗଡ଼ ଜିଲ୍ଲା ରିଆମାଳର ଜନୈକ ଗ୍ୟାସ ଏଜେଣ୍ଟଙ୍କ କଳାବଜାରୀ ବହୁ ମାତ୍ରାରେ ଦିନକୁ ଦିନ ବଢ଼ି ଚାଲିଛି । ବହୁ ଲୋକ ଗ୍ୟାସ ନ ପାଇ କାଠ ଚୁଲିରେ ରୋଷେଇ କରିବାକୁ ବାଧ ହେଉଛନ୍ତି । ଓଟିପି କଲେ ଗ୍ୟାସ ମିଳିବ କହି ଲୋକଙ୍କଠୁ ୫୦ ଟଙ୍କା



ନିଆଯାଉଛି। ଏଜେଣ୍ଟର ୨୦ ଟଙ୍କା ଓଟିପି କରିବା ଲୋକଙ୍କର ୩୦ ଟଙ୍କା ଏଜେଣ୍ଟ ଜଣେ ନିର୍ଦ୍ଦିଷ୍ଟ ବ୍ୟକ୍ତିକୁ ଓଟିପି କରିବାକୁ ଦେଉଛନ୍ତି ଯେପରି ଉଭୟ ଫାଇଦାରେ ରହିବେ ବୋଲି ଗ୍ରାହକ ମହଲରେ ଚର୍ଚ୍ଚା ହେଉଛି । ଉକ୍ତ ଏଜେଣ୍ଟ ଜଣଙ୍କ କାହାରିକୁ ଖାତିର କରୁନଥିବା ଏବଂ ଯେଉଁଠି ପାଉଛନ୍ତି ଅଭିଯୋଗ କରନ୍ତୁ ବୋଲି ବେଖାତିର ଭାବେ କହିଥିବା ପ୍ରକାଶ। ଏହି ଅଭିଯୋଗର ତୁରନ୍ତ ତଦନ୍ତପୂର୍ବକ କାର୍ଯ୍ୟାନୁଷ୍ଠାନ ହେଉ।

## ଟିକ୍ରାପଡା ଶୀତଳ ଷଷ୍ଠୀ ମହୋତ୍ସବ ପ୍ରସ୍ତୁତି

ବଲାଙ୍ଗିର,(ନିପ୍ର): ଟିକ୍ରାପଡା ଠାରେ ଆସନ୍ତା ଶୀତଳ ଷଷ୍ଠୀ ମହୋତ୍ସବ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ମହୋତ୍ସବ ପାଇଁ ପୂର୍ବତନ ନଗରପାଳ ପ୍ରଦୀପ ସାହୁଙ୍କୁ ସଭାପତି, ବିକାଶ ସାଙ୍କୁ ସଂପାଦକ ଓ ରାଜେଶ ସାହୁଙ୍କୁ କୋଷାଧ୍ୟକ୍ଷ ଭାବେ ମନୋନିତ କରାଯାଇଛି । ମହୋତ୍ସବ ଉଦ୍ଦେଶ୍ୟରେ ପଡାର ସମସ୍ତ ଘରେ ଆଲୋକ ସାଜସଜ୍ଜା କରାଯିବା ସହ ମହାଦେବଙ୍କ କଳସ ଯାତ୍ରାରେ ସମସ୍ତେ ସାମିଲ ହେବା ପାଇଁ ସିଦ୍ଧାନ୍ତ ଗ୍ରହଣ କରାଯାଇଛି । ତାଛଡା ଅଷ୍ଟମ ବର୍ଷ ପାଇଁ ହେଉଥିବା ଏହି ଶିତଳ ଷଷ୍ଠୀ ମହୋତ୍ସବକୁ ମହା ଆଡମ୍ବରରେ ପାଳନ କରିବା ଦିଗରେ ସମସ୍ତେ ସହଯୋଗ କରିବେ ବୋଲି କମିଟି ଅନୁରୋଧ କରିଛି । ଏହି ସଭାରେ ବାବୁ ସା, ସଂଜୟ ଶତପଥି, ତୋଫାନ ସାହୁ, ଆଶୁତୋଷ ସାହୁ, ଅଭିଷେକ ପୁଝାରୀ, ସଂଜିବ ସାହୁ, ଜ୍ୟୋତିଷ କର, ସ୍ୱସ୍ତିକ ମିଶ୍ର, ରାଜେନ୍ଦ୍ର ପାଣି, ଶ୍ୟାମଲାଲ ଅଗ୍ରୱାଲ, ଜ୍ୟୋତି ରାଉତରାଏ, କଲୁ ମହାନ୍ତି, ପଂଚାନନ ପୁଝାରୀ, ସରୋଜ ନନ୍ଦ, ସୁବାଷ ଦାସ, ଅଶୋକ ଦାସ, ଚି□ ରଂଜନ ସାହୁ, ଅମିତ ଦାସ ଓ ସୋମନାଥ ଦାସ ପ୍ରମୁଖ ଉପସ୍ଥିତ ରହି ନିଜସ୍ୱ ମତାମତ ରଖିଥିଲେ ।

## ବଣାଇରେ ଗଡିଲା ଏସ୍ଆଇଆର ରଥ

ବଣାଇ, (ନିପ୍ର): ନିର୍ବାଚନ ଆୟୋଗଙ୍କ ଯୋଜନା ଅନୁଯାୟୀ ଭୋଟର ତାଲିକାର ସଂଶୋଧନ ନିମନ୍ତେ ବଣାଇରେ ସ୍ୱତନ୍ତ୍ର ସଘନ ସଂଶୋଧନ ବା ଏସ୍ଆଇଆର ସଚେତନତା ରଥର ଶୁଭାରମ୍ଭ ହେଇଛି । ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବଣାଇ ଉପ ଜିଲ୍ଲାପାଳ ଅଶୋକ ଦାସ ଓ ବଣାଇ ବିଡିଓ ଦିବ୍ୟଶଙ୍କର ଜୟପୁରିଆ ଶୁଭ ସଂକେତ ଦେଖାଇ ଦୁଇଟି ରଥର ଶୁଭାରମ୍ଭ କରିଥିଲେ । ଏହି ଯୋଜନାର ଉଦ୍ଦେଶ୍ୟ ହେଲା ଯେଉଁ ଯୋଗ୍ୟ ହିତାଧିକାରୀଙ୍କ ନାମ ଭୋଟର ତାଲିକା ଭୁକ୍ତ ହେଇନାହିଁ, ସେମାନେ ତାଲିକା ଭୁକ୍ତ ହେବେ। ଯେଉଁ




ହିତାଧିକାରୀ ତଲିକାଭୁକ୍ତ ଥାଇ ମୃତ୍ୟୁବରଣ କରିଛନ୍ତି, ତାଙ୍କୁ ତାଲିକାରୁ କାଟି ଦିଆଯିବ । ଯେଉଁ ହିତାଧିକାରୀଙ୍କ ନାମ ଓ ଠିକଣାରେ ତ୍ରୁଟି ରହିଛି , ତା'ର ସଂଶୋଧନ କରାଯିବ। ଉକ୍ତ କାର୍ଯ୍ୟକ୍ରମରେ ଡେପୁଟି କଲେକ୍ଟର ସ୍ୱାଗତିକା ଦଳ ପତି, ଶିବାଙ୍ଗୀ ଆନନ୍ଦ, ଅତିରିକ୍ତ ତହସିଲଦାର ଜ୍ଞାନ ରଞ୍ଜନ ବେହେରା, ସହକାରୀ ଜିଲ୍ଲାପାଳ କୁଳମଣି ଧଳ, ବିକ୍ରାନ୍ତ ପାତ୍ରଙ୍କ ସମେତ କାର୍ଯ୍ୟାଳୟର ଅନ୍ୟାନ୍ୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

## 'ପୋଷଣ ଭି ପଢାଇ ଭି'ର ଦ୍ୱିତୀୟ ପର୍ଯ୍ୟାୟ କର୍ମଶାଳା ଉଦ୍‌ଘାଟିତ

ଆସିକା,(ନିପ୍ର): ମହିଳା ଶିଶୁବିକାଶ ବିଭାଗ ପକ୍ଷରୁ ଜନ୍ମିତ ଶିଶୁ ମାନଙ୍କ ଶୈଶବ ଓ ଶିକ୍ଷାନିମନ୍ତେ ତ୍ରିଦିବାସୀୟ କର୍ମଶାଳା ପୋଷଣ ଭି ପଢାଇ ଭି ର ଦ୍ୱିତୀୟ ପର୍ଯ୍ୟାୟ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଆସିକା ବ୍ଲକ ସଭାଗୃହ ଠାରେ କର୍ମଶାଳା ଆସିକା ସମନ୍ୱିତ ଶିଶୁ ମଙ୍ଗଳ ଅଧିକାରୀ ଶାନ୍ତି କରସୁଧା ପଟ୍ଟନାୟକଙ୍କ ସଂଯୋଜନାରେ ଆୟୋଜିତ ହୋଇଥିଲାବେଳେ ଏହି ଉଦଘାଟନ ଉତ୍ସବରେ ଆସିକା ତହସିଲଦାର ସଂଗୀତା ସେଣ, ଅତିରିକ୍ତ ବିଡ଼ିଓ ସୁଶାନ୍ତ କୁମାର ବେହେରା, ଆସିକା ଉପଖଣ୍ଡ ଚିକିତ୍ସାଳୟ ଡାକ୍ତର ଦୀପକ କୁମାର ସାମନ୍ତରାୟଙ୍କ ଉପସ୍ଥିତରେ ପ୍ରମୁଖ ଉପସ୍ଥିତ ରହିଥିଲେ। ଜନ୍ମିତ ଶିଶୁ ମାନଙ୍କ ଶୈଶବ ଓ ଶିକ୍ଷାନିମନ୍ତେ ତ୍ରୀ ଦିବାସୀୟ କର୍ମଶାଳାରେ ଆସିକା ସିଡିପିଓ ଅଧୀନ ୧୧ଟି ସେକ୍ଟରର ୧୨୧ ଜଣ ଅଙ୍ଗନବାଡି କର୍ମୀ ଉପସ୍ଥିତ ରହି କିପରି ଜନ୍ମ ଠାରୁ ୬ବର୍ଷ ଶିଶୁଙ୍କ ମାନସିକ ବିକାଶ କରିବା କିପରି ଭିନ୍ନକ୍ଷମ ଶିଶୁଙ୍କୁ ଚିହ୍ନଟ କରି ସେମାନଙ୍କ ଚିକିତ୍ସା କରାଇବା, ସମସ୍ତ ଶିଶୁଙ୍କ ଠାରୁ ପୃଷ୍ଟି ହୀନତା ଦୁରକରିବା, ଶିଶୁ ମାନଙ୍କ ଶାରୀରିକ ମାନସିକ ଅଭିବୃଦ୍ଧି କରିବା ଉପରେ ପ୍ରଶିକ୍ଷଣ ନେବାର କାର୍ଯ୍ୟକ୍ରମ ରହିଛି। ଏହି ପ୍ରଶିକ୍ଷଣକୁ ପ୍ରଶିକ୍ଷକ ଭାବେ ଆସିକା ସେକ୍ଟର ସୁପରଭାଇଜର ଦୀପ୍ତି ଧୋବା, କୁମୁଦିନୀ ପାତ୍ର, ରଂଯୁକ୍ତା ସ୍ୱାଇଁ, ସଂଯୁକ୍ତା ବେହେରା,ବିଷ୍ଣୁପ୍ରିୟା ଯାନୀ, ପ୍ରମିଳା ସାହୁ,ବୈଜନ୍ତି କହର ପ୍ରମୁଖ ଉପସ୍ଥିତ ରହି ପ୍ରଶିକ୍ଷଣ ଦେଇଛନ୍ତି।

# ଏଲନିନୋ : ପ୍ରଭାବିତ ହୋଇପାରେ ଚାଷ କାର୍ଯ୍ୟ

ନୟାଗଡ଼,(ନିପ୍ର): ଭାରତୀୟ ପାଣିପାଗର ପୂର୍ବାନୁମାନ ଅନୁସାରେ ଏ ବର୍ଷ ମୌସୁମୀ ଜିନିତ ବର୍ଷା ଏଲନିନୋ ଦ୍ୱାରା ପ୍ରଭାବିତ ହେବ। ଫଳରେ ଜୁନ ମାସରୁ ସେପ୍ଟେମ୍ବର ମାସ ସୁଦ୍ଧା ବର୍ଷା ସ୍ୱାଭାବିକ ଠୁ କମ୍ ରହିବ ବା ୯୦ ପ୍ରତିଶତ ବର୍ଷା ହେବ ବୋଲି ବିଭାଗ ଆକଳନ କରିଛି । ଅନୁରୂପ ଭାବେ ନୟାଗଡ ଜିଲ୍ଲାରେ ମଧ ମୌସୁମୀଜନିତ ବର୍ଷା ଏଲନିନୋ ଦ୍ୱାରା ପ୍ରଭାବିତ ହେବ ଫଳରେ ଚାଷ କାମ ବାଧାପ୍ରାପ୍ତ ହେବ ବୋଲି ଜିଲ୍ଲା କୃଷି ବିଭାଗ ସୂଚନା ଦେଇଛି । ଏହାକୁ ଆଖି ଆଗରେ ରଖି ଚାଷୀ ଚାଷ କାର୍ଯ୍ୟ ଠିକ୍ ସମୟରେ ଠିକ୍ ଭାବେ ପରିଚାଳନା କରିବା ଦରକାର ବୋଲି ଜିଲ୍ଲା କୃଷି ବିଭାଗ ଜଣାଇଛି ।




ସୂଚନା ଅନୁସାରେ ନୟାଗଡ ଜିଲ୍ଲାରେ ୯୦ ହଜାର ହେକ୍ଟର ଜମି ରେ ଧାନ ଚାଷ କରାଯିବ ବୋଲି ଲକ୍ଷ୍ୟ ରଖାଯାଇଛି । ଏଥିପାଇଁ ୬୮୫୦କୁଇଣ୍ଟାଲ ଧାନ ବିହନର ଚାହିଦା ରହିଛି । ଜିଲ୍ଲାରେ ୬୫ ଟି ପ୍ରାଥମିକ ସମବାୟ ସମିତି ଏବଂ ୨୨ ଟି ଘରୋଇ ପ୍ରତିଷ୍ଠାନ ଡିଲର ମାଧ୍ୟମରେ ବିହନ ଯୋଗାଇ ଦେବାର ବ୍ୟବସ୍ଥା କରାଯାଇଛି । ଏଥି ସହିତ ଗତବର୍ଷ ଜିଲ୍ଲାରେ ୫୩୮୪ କୁଇଣ୍ଟାଲ ଚାଷୀଙ୍କ ନିକଟରେ ଧାନ ବିହନ ଉତ୍ପାଦିତ ହୋଇ ରହିଛି । କୃଷି ସମବାୟ ସମିତିମାନଙ୍କରେ କଳାଚମ୍ପା, ଏମଟି କିୟୁ ୧୦୦୧, ପୂଜା, ହସନ, ଏମଟି କିୟୁ ୭୦୨୯ ଓ ଏମ ଟି କିୟୁ ୧୦୭୫ ଆଦି କିସମର ବିହନ ମହଜୁତ ରହିଛି। ଅଧିକ ୟୁରିୟା ସାର ପ୍ରୟୋଗ ନ କରି ସବୁଜ ସାର, ଜୈବିକ ଖତ ଓ ନାନୋ ସାର ପ୍ରୟୋଗ କରିବା ପାଇଁ ପରାମର୍ଶ ଦିଆଯାଇଛି । ତେବେ ନିୟନ୍ତ୍ରିତ ଭାବେ ୧୨୦ ଟି ସମବାୟ ସମିତିକୁ ୬୦ ପ୍ରତିଶତ ଏବଂ ସ୍ୱୀକୃତିପ୍ରାପ୍ତ ଘରୋଇ ପ୍ରତିଷ୍ଠାନ ଡିଲରଙ୍କୁ ୪୦ ପ୍ରତିଶତ ସାର ଯୋଗାଇ ଦେବାର ବ୍ୟବସ୍ଥା କରାଯାଇଛି ।

ଚାଷୀମାନେ ନିଜର ଚାଷୀ ଚିହ୍ନଟ ପାଇଁ ଅନ୍‌ଲାଇନ ମାଧ୍ୟମରେ ରେଜେଷ୍ଟ୍ରି ଭୁକ୍ତ ହେବାକୁ ଗୁରୁତ୍ୱ ଦିଆଯାଇଛି । ନଚେତ ଚାଷ ସମ୍ବନ୍ଧୀୟ ସରକାରଙ୍କର ସମସ୍ତ ସୁବିଧା ସୁଯୋଗରୁ ଚାଷୀଟିଏ ଆଗାମୀ ଦିନରେ ବଂଚିତ ହୋଇପାରନ୍ତି ବୋଲି ଜିଲ୍ଲା କୃଷି ବିଭାଗ ସୂଚନା ଦେଇଛନ୍ତି।

# କୁମ୍ଭୀକୋଟା ଗ୍ରାମରେ ପିଇବା ପାଣି ସଂକଟ

## ହାଣ୍ଡି ଧରି ମହିଳାଙ୍କ ରାସ୍ତାରୋକ

ରାୟଗଡା,(ନି:ପ୍ର): ରାୟଗଡା ସଦର ବ୍ଲକ ସ୍ଥିତ କୁମ୍ଭୀକୋଟା ଗ୍ରାମରେ ଦୀର୍ଘ ମାସ ହେଲା ଲାଗିରହିଛି ପାନୀୟଜଳ ସଙ୍କଟ । ଲୋକେ ପିଇବା ପାଇଁ ପାଉନାହାନ୍ତି ପାଣି ।ଏକ ହଜାର ବିଶିଷ୍ଟ ଜନ ସଂଖ୍ୟାକୁ ନେଇ କୁମ୍ଭୀକୋଟା ଗ୍ରାମ । ସବୁ ବର୍ଗର ଲୋକେ ବସବାସ କରନ୍ତି ଏହି କୁମ୍ଭୀକୋଟା ଗ୍ରାମରେ । ପିଇବା ପାଣି ପାଇଁ ଲୋକେ ଡହଳ ବିକଳ। ଗ୍ରାମରେ ରହିଛି ୫ଗୋଟି ନଳକୂପ। ହେଲେ ଅଧିକାଂଶ ନଳକୂପ ଅଚଳ ଅବସ୍ଥାରେ ରହିଛି। ଲୋକେ ବ୍ଲକ ପ୍ରଶାସନ ଠାରୁ ଆରମ୍ଭ କରି ଜିଲ୍ଲା ପ୍ରଶାସନକୁ ବାରମ୍ବାର ଜଣାଇ ଆସୁଥିଲେ ମଧ୍ୟ ପ୍ରଶାସନ



କୁମ୍ଭୀକୋଟା ଗ୍ରାମବାସୀଙ୍କ କଥା ଶୁଣୁ ନାହିଁ କି, ଅଚଳ ନଳକୂପକୁ ମରାମତି କରି ସଜଡ଼ା ଯାଉ ନ ଥିବାରୁ ଲୋକେ ପିଇବା ପାଇଁ ପାଣି ମୁନ୍ଦିଏ ପାଇ ପାରୁନଥିବା ଅଭିଯୋଗ ହେଉଛି । କିନ୍ତୁ ପ୍ରଶାସନ ସେମାନଙ୍କ ଗ୍ରାମରେ ଲାଗିରହିଥିବା ଜଳ ସଙ୍କଟ ପ୍ରତି ଗୁରୁତ୍ୱ ନ ଦେଲାଭଳି ଲାଗୁଛି ବୋଲି ଗାଁ ଲୋକେ ଅଭିଯୋଗ କରିଛନ୍ତି । ପାଣି ନ ପାଇ ଆମେ ଛୁଆପିଲା ନେଇ ଏହି ଲାଗି ରହିଥିବା ଅସହ୍ୟ ଗରମ ଏବଂ ପ୍ରଚଣ୍ଡ ରୌଦ୍ରତାପରେ କଲବଲ ହେଉଥିବା ବେଳେ ପ୍ରଶାସନ ନିଦା ବିଷ୍ଟୁ ସାଜିଛି । ଖରା ଦିନେ ଜଳାଭାବ ଆମ ଦୈନନ୍ଦିନ ଜୀବନକୁ ଦୁର୍ବିସହ କରି ପକାଇଛି ବୋଲି ମହିଳାମାନେ ପାଣିହାଣ୍ଡି ଧରି ଅଭିଯୋଗ କରିଛନ୍ତି । ମହିଳାମାନେ ଅଭିଯୋଗ କରିବା ସହିତ ହାଣ୍ଡି ମାଠିଆ ଧରି ରାସ୍ତାକୁ ଓହ୍ଲାଇଛନ୍ତି । ଘଟଣାସ୍ଥଳରେ ଉତ୍ତେଜନା ଲାଗି ରହିଥିବା ବେଳେ ଉପ ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ତହସିଲଦାର ଓ ଗୋଷ୍ଠି ଉନ୍ନୟନ ଅଧିକାରୀ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିବା ସହ ଲୋକଙ୍କ ସହ ଆଲୋଚନା ମଧ କରିଛନ୍ତି ।

# ଗଜପତିରେ ବେଆଇନ ପ୍ଲଟିଂ ସିଣ୍ଡିକେଟ୍ ଅଭିଯୋଗ

ପାରଳାଖେମୁଣ୍ଡି,(ନିପ୍ର): ଗଜପତି ଜିଲ୍ଲାରେ ବେଆଇନ ପ୍ଲଟିଂ କାରବାର ଏବେ ଏକ ସଙ୍ଗଠିତ ସିଣ୍ଡିକେଟ୍‌ର ରୂପ ନେଇଥିବା ଆଭାସ ମିଳିଛି । ଚାଷଜମିକୁ ଖଣ୍ଡ ଖଣ୍ଡ କରି ପ୍ଲଟ୍ ଆକାରରେ ବିକ୍ରି କରାଯାଉଥିବା ବେଳେ ଏହାପଛରେ ଏକ ବଡ଼ ନେଟୱର୍କ କାର୍ଯ୍ୟ କରୁଥିବା ଚର୍ଚ୍ଚା ଜୋର ଧରିଛି ଆଶ୍ଚର୍ଯ୍ୟର କଥା, ଜିଲ୍ଲାରେ ଗୋଟିଏ ହେଲେ ମଧ ପଞ୍ଜିକୃତ ରିୟଲ୍ ଇଷ୍ଟେଟ୍ ସଂସ୍ଥା କିମ୍ବା ଡେଭଲପର୍ ନଥିବା ସତ୍ତ୍ୱେ କୋଟି କୋଟି ଟଙ୍କାର ଜମି କାରବାର ଖୋଲାଖୋଲି ଚାଲିଛି । ସରକାରୀ ତଥ୍ୟ ଅନୁଯାୟୀ, ଗତ ୧୦ ବର୍ଷ ମଧ୍ୟରେ ଗଜପତି ଜିଲ୍ଲାରେ ମାତ୍ର ୩ଟି ଲେଆଉଟ୍‌କୁ ଅନୁମୋଦନ ମିଳିଛି ।

କିନ୍ତୁ ପ୍ରକୃତରେ ଚିତ୍ର ସମ୍ପୂର୍ଣ୍ଣ ଭିନ୍ନ ଜିଲ୍ଲାର ବିଭିନ୍ନ ସ୍ଥାନରେ ଶହ ଶହ ଏକର ସରଡ଼, ବାରି ଓ ଡଙ୍ଗର କିସମର ଜମିକୁ ଛୋଟ ଛୋଟ ପ୍ଲଟରେ ବିଭକ୍ତ କରି ବିକ୍ରି କରାଯାଇଛି । ନିୟମ ଅନୁଯାୟୀ କୃଷିଜମିକୁ ଆବାସିକ କିମ୍ବା ବାଣିଜ୍ୟିକ ବ୍ୟବହାର ପାଇଁ ପ୍ରଥମେ ଜମିର କିସମ ପରିବର୍ତ୍ତନ କରିବା ଓ ପରେ ଲେଆଉଟ୍ ଅନୁମୋଦନ ନେବା ବାଧ୍ୟତାମୂଳକ ଆବଶ୍ୟକ କ୍ଷେତ୍ରରେ ପଞ୍ଜୀକରଣ ମଧ୍ୟ ଜରୁରୀ । କିନ୍ତୁ ଅନେକ ସ୍ଥାନରେ ନା କିସମ ପରିବର୍ତ୍ତନ ହୋଇଛି, ନା ଲେଆଉଟ୍ ଅନୁମୋଦନ ନିଆଯାଇଛି । ତଥାପି ପ୍ଲଟ୍ ବିକ୍ରି ଜୋରଦାର ଭାବେ ଚାଲିଛି । ସାମାଜିକ ଗଣମାଧ୍ୟମ, ବ୍ୟାନର ଓ ପ୍ରଚାରପତ୍ର ମାଧ୍ୟମରେ ଖୋଲାଖୋଲି ବିଜ୍ଞାପନ ଦିଆଯାଉଥିଲେ ମଧ୍ୟ



ସମ୍ପୃକ୍ତ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନ ଥିବା ଅଭିଯୋଗ ହୋଇଛି । ଉପଜିଲ୍ଲାପାଳଙ୍କ ସୂଚନା ଅନୁସାରେ ଜିଲ୍ଲାରେ ଗୋଟିଏ ବି ପଞ୍ଜିକୃତ ରିୟଲ୍ ଇଷ୍ଟେଟ୍ ସଂସ୍ଥା ନାହିଁ । ତେବେ କେଉଁ ଆଧାରରେ ଓ କାହାର ଅନୁମତିରେ ଏହି ପ୍ଲଟିଂ ବ୍ୟବସାୟ ଚାଲିଛି ? ଚାଷଜମିକୁ ବେଆଇନ ଭାବେ ପ୍ଲଣ୍ଟିଂ କରି ବିକ୍ରି କରୁଥିବା ବ୍ୟକ୍ତି ବା ଗୋଷ୍ଠୀ ବିରୋଧରେ କାହିଁକି କାର୍ଯ୍ୟାନୁଷ୍ଠାନ ହେଉନି ? ପ୍ରଶାସନ ସବୁ ଜାଣି ନିରବ ରହିଛି ? ଏହାକୁ ନେଇ ବର୍ତ୍ତମାନ ବିରାଟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଅନୁମୋଦନ ବିହୀନ ପ୍ଲଟ୍ କିଣିଥିବା ଲୋକମାନେ ଭବିଷ୍ୟତରେ ଘର ନିର୍ମାଣ ଅନୁମତି, ବିଦ୍ୟୁତ ସଂଯୋଗ, ପାନୀୟଜଳ ଓ ଅନ୍ୟାନ୍ୟ ସରକାରୀ ସୁବିଧା ପାଇବାରେ ସମସ୍ୟାରେ ପଡ଼ିପାରନ୍ତି ।

ଏପରି ସ୍ଥିତିରେ ଜିଲ୍ଲା ପ୍ରଶାସନ, ରାଜସ୍ୱ ବିଭାଗ, ପୌରପରିଷଦ ଓ ଟାଉନ ପ୍ଲାନିଂ କର୍ତ୍ତୃପକ୍ଷ ତୁରନ୍ତ ସମନ୍ୱିତ ତଦନ୍ତ କରି ବେଆଇନ ପ୍ଲଟିଂ କାରବାର ଅଙ୍କୁଶ ଲଗାଇବା ସହ ଦୋଷୀଙ୍କ ବିରୋଧରେ କଡ଼ା ପଦକ୍ଷେପ ନେବାକୁ ଦାବି ହୋଇଛି । ପାରଳାଖେମୁଣ୍ଡି ସ୍ପେସାଲ୍ ପ୍ଲାନିଂ ଅଥରିଟିଙ୍କ ଜନୈକ କର୍ମକର୍ତ୍ତାଙ୍କ କହିବା କଥା ଏନେଇ ଲୋକଙ୍କୁ ସଚେତନ କରାଯାଉଛି । ଏହାସହ ପାରଳାଖେମୁଣ୍ଡି ଉପନିବନ୍ଧକଙ୍କ ସହ ମଧ ଆଲୋଚନା କରାଯିବା ଯଦି କୌଣସି ନିର୍ଦ୍ଦିଷ୍ଟ ଅଭିଯୋଗ ଆସେ ତା'ହେଲେ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି ।

## ଗଜପତି ମହାରାଜଙ୍କ ବ୍ୟକ୍ତିତ୍ୱ ବିକାଶ ଶିବିର ଉଦ୍‌ଘାଟିତ



କାକଟପୁର,(ନିପ୍ର): ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଆଳଙ୍ଗପୁର ପଞ୍ଚାୟତ ବରପଦା ଗ୍ରାମ ଭାଗବତ ପଡିଆରେ ସାପ୍ତାହିକ ପାରାୟଣ ସହିତ ପାଞ୍ଚ ଦିନିଆ ବ୍ୟକ୍ତିତ୍ୱ ବିକାଶ ଶିବିର ବୁଧବାର ସନ୍ଧ୍ୟା ସମୟରେ ପୁରୀ ଗଜପତି ମହାରାଜ ନବକୋଟି କର୍ଣ୍ଣାଟ କାଳବର୍ଗେଶ୍ୱର ୧୦୮ ଶ୍ରୀ ଗଜପତି ମହାରାଜ ଦିବ୍ୟସିଂହ ଦେବ ଉଦଘାଟିତ ହୋଇଯାଇଛି। ଏହି ବ୍ୟକ୍ତିତ୍ୱ ବିକାଶ ଶିବିରର ମୂଳ ଉଦ୍ଦେଶ୍ୟ ବର୍ତ୍ତମାନ ସମାଜର ଛାତ୍ରଛାତ୍ରୀମାନଙ୍କୁ ନେଇ ଗୋଟେ ସୁନ୍ଦର ପୂର୍ଣ୍ଣାଙ୍ଗ ସମାଜ ଗଠନ କରିବା, ଆଜିର ଛାତ୍ରଛାତ୍ରୀମାନେ ବିଦ୍ୟାଳୟ କଲେଜରେ ଭୌତିକ ଶିକ୍ଷା ଗ୍ରହଣ କରୁଛନ୍ତି ଯାହା ସେମାନଙ୍କ ଜୀବନର ଲକ୍ଷ ସାଧନା ପାଇଁ ନିମିତ୍ତ ମାତ୍ର ଏହା ସହ ଆଧାତ୍ମିକ ଜ୍ଞାନ ଗ୍ରହଣ କଲେ ସେ ନିଜକୁ ଗୋଟେ ସୁନ୍ଦର ବ୍ୟକ୍ତିତ୍ୱ ହିସାବରେ ସମାଜରେ ପ୍ରତିଷ୍ଠା କରିପାରିବ। ଏହି ଲକ୍ଷ ନେଇ ପ୍ରାଚ୍ୟ ପରମ୍ପରା ଗୁରୁକୁଳର ଆଦର୍ଶର ଐତିହାସିକ ପୌରାଣିକ ତଥ୍ୟକୁ ଉପସ୍ଥିତ ପୁରୀ ଜିଲ୍ଲାର ହଜାର ହଜାର ଛାତ୍ରଛାତ୍ରୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ ଗଜପତି ମହାରାଜ। ଜୀବନଶୈଳୀରେ ପରିବର୍ତ୍ତନ, ଯୋଗ, ଆଧାତ୍ମିକ ଢଙ୍ଗରେ ପରିଚାଳିତ, ଶାସ୍ତ୍ର ଜ୍ଞାନ, ଉପଦେଶ ଏହିଭଳି ଜ୍ଞାନ ଓଡିଶା ର ପରିଚିତ ଆଚାର୍ଯ୍ୟ ମାନଙ୍କ ଦ୍ୱାରା ପିଲାମାନଙ୍କୁ ପାଞ୍ଚ ଦିନ ଧରି ପ୍ରଶିକ୍ଷଣ ଦିଆଯିବ। ଏହା ସହ ଏକ ସପ୍ତାହ ଧରି ଭାଗବତ ପାରାୟଣ, ଜଗନ୍ନାଥଙ୍କ ଭଜନ କୀର୍ତ୍ତନ ଭଳି ଆଧାତ୍ମିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ବିଶିଷ୍ଟ ଅତିଥି ସଚ୍ଚିତାନନ୍ଦ ଦାସ ମହାରାଜ, ମୁଖ୍ୟ ବକ୍ତା ମାଧବାନନ୍ଦ ସରସ୍ୱତୀ ମହାରାଜ, ସମ୍ମାନିତ ବକ୍ତା ସ୍ୱାମୀ ଜଗଦିଶାନନ୍ଦ ସରସ୍ୱତୀ, ସମ୍ମାନିତ ଅତିଥି ଭାବେ ମହନ୍ତ ଶ୍ରୀ ରାମକୃଷ୍ଣ ଦାସ ମହାରାଜ ଥିବା ବେଳେ ମଞ୍ଚ ପରିଚାଳନା କରିଥିଲେ।

## 'ଶିଶୁଙ୍କ ଭିତରେ ପରିବେଶ ସଚେ଼ତନତା ଦୃଢ ହେଲେ ବିଶ୍ୱ ପରିବର୍ତ୍ତନ ହୋଇପାରିବ'

ବଡ଼ସାହି,(ନିପ୍ର): ବିଶ୍ୱ ପରିବେଶ ଦିବସ ଅବସରରେ ବାଣୀପୀଠ ଆନୁକୂଲ୍ୟରେ ଆମ ସୁନାଚାନ୍ଦ ଜାତୀୟ ଶିଶୁ ସାହିତ୍ୟ ସଂସ୍ଥାନ ଓ ରାଷ୍ଟ୍ରଭାଷା ସାହିତ୍ୟ ସଂସ୍କୃତି ଆକାଦମୀଙ୍କ ଦ୍ୱାରା ସ୍ଥାନୀୟ ବିବେକାନନ୍ଦ ବିହାର ଠାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଶିଶୁଗଳ୍ପ କର୍ମଶାଳା ଉଦ୍ଘାଟିତ ହୋଇ ଯାଇଛି। ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଆଦର୍ଶ ଶିଶୁ ଆଦ୍ୟାଶା ନାଏକ ବୃକ୍ଷରୋପଣ କରିଥିଲେ । ବହୁମାତ୍ରାରେ ବୃକ୍ଷରୋପଣ କରିବା ସହିତ ନିଜର ପିଲା ପରି ଯତ୍ନ କରି ତାକୁ ବଞ୍ଚାଇବା ନିତାନ୍ତ ଜରୁରୀ ବୋଲି ଉପସ୍ଥିତ ଅତିଥିଗଣ ମତବ୍ୟକ୍ତ କରିଥିଲେ । କାର୍ଯକ୍ରମକୁ ଉଦ୍ଘାଟନ କରିଥିଲେ ମା'ନିଶାମଣି ରାଉତ। ପରେ ପରେ ଜେଜେ ଗୁରୁଜୀ ବେଣୁଧର ଜେନାଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା । ମୁଖ୍ୟ ଅତିଥି ଭାବେ ମୟୂରଭଞ୍ଜ ସାମ୍ବାଦିକ ସଂଘର ସଭାପତି ଅରୁଣ କୁମାର ଓତା ଯୋଗଦାନ କରି ଶିଶୁଙ୍କ ଭିତରେ ପରିବେଶ ସଚେତନତା ଦୃଢ ହେଲେ ବିଶ୍ୱ ପରିବର୍ତ୍ତନ ହୋଇ ପାରିବ ବୋଲି ମତବ୍ୟକ୍ତ କରିଥିଲେ । ମୁଖ୍ୟବକ୍ତା ଭାବେ ଜଙ୍ଗଲ ସୁରକ୍ଷା ମଂଚ୍‌ର ସଭାପତି ପରିବେଶବିତ୍ ପ୍ରଭାତ କୁମାର ଜେନା, ଆଦରଣୀୟ ଅତିଥି ଭାବେ ନାଟ୍ୟକାର ତଥା ପରିବେଶବିତ୍ ପଦ୍ମ ଦାସ ଓ ସମ୍ମାନୀତ ଅତିଥି ଭାବେ କବି ରତିକାନ୍ତ ବେହେରା, ସୁବୋଧ କୁମାର ଦଣ୍ଡପାଟ, ଦେବରାଜ ନାୟକ ଓ ଅବସରପ୍ରାପ୍ତ ଶିକ୍ଷକ ରଣଜିତ୍ କୁମାର ଦାସ ଯୋଗଦାନ କରି ପରିବେଶ ସଚେତନତା ଉପରେ ବହୁ ଶିଶୁଗଳ୍ପ ସୃଷ୍ଟି କରାଯାଇ ପାରିବ ଯାହା ପରବର୍ତ୍ତି ସମୟରେ ଲୋକଙ୍କୁ ସଚେ଼ତନ କରି ପାରିବ ବୋଲି ମତବ୍ୟକ୍ତ କରିଥିଲେ ।

# ଗଛ ଲଗାଇଦେଲେ ହେବ ନାହିଁ,ଯତ୍ନ ନେବା ଲୋଡ଼ା

**ଜଟଣୀ :** ଖୋର୍ଦ୍ଧାରୋଡ଼ ରେଳ ମଣ୍ଡଳ ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳନ କରାଯାଇଛି । ପରିବେଶ ସୁରକ୍ଷା, ପ୍ରାକୃତିକ ସମ୍ପଦର ସଂରକ୍ଷଣ ଏବଂ ସ୍ଥାୟୀ ବିକାଶମୂଳକ କାର୍ଯ୍ୟକଳାପକୁ ପ୍ରୋତ୍ସାହନ ଦେବା ଦିଗରେ ମଣ୍ଡଳର ଦୃଢ଼ ପ୍ରତିବଦ୍ଧତାକୁ ପୁନର୍ବ୍ୟକ୍ତ କରିବା ସହ ବିଭିନ୍ନ ସଚେତନତାମୂଳକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ଅବସରରେ କଲ୍ୟାଣ ମଣ୍ଡପ ପରିସରରେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜିତ




ହୋଇଥିଲା । ଏଥିରେ ମଣ୍ଡଳ ରେଳ ପ୍ରବନ୍ଧକ ଡି. ସୁନିଲ, ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ (ପରିଚାଳନା) ପି. କେ. ବେହେରା, ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ (ଭିତ୍ତିଭୂମି) ରାଜଧାରୀ ଯାଦବଙ୍କ ସମେତ ବିଭିନ୍ନ ଶାଖା ଅଧିକାରୀ ଓ କର୍ମଚାରୀମାନେ ଚାରାରୋପଣ କରିଥିଲେ ।କାର୍ଯ୍ୟକ୍ରମକୁ ଖୋର୍ଦ୍ଧାରୋଡ଼ ମଣ୍ଡଳର ବରିଷ୍ଠ ମଣ୍ଡଳ ଯାନ୍ତ୍ରିକ ପ୍ରବନ୍ଧକ ସମ୍ବିତ ମହାପାତ୍ରଙ୍କ ମାର୍ଗଦର୍ଶନରେ ଯାନ୍ତ୍ରିକ ବିଭାଗର ପରିବେଶ ଏବଂ ସ୍ୱଚ୍ଛତା ପରିଚାଳନା ଶାଖା ଦ୍ୱାରା ସମ୍ପାଦନ କରାଯାଇଥିଲା ।

**ରାୟଗଡ଼ା,(ନିପ୍ର):** ସେଞ୍ଚୁରିଅନ ୟୁନିଭର୍ସିଟି ଅଫ୍ ଟେକ୍ନୋଲୋଜି ଆଣ୍ଡ ମ୍ୟାନେଜମେଣ୍ଟ, ରାୟଗଡ଼ାର ସ୍କୁଲ ଅଫ୍ ନର୍ସିଂ ଏବଂ ସ୍କୁଲ ଅଫ୍ ଫାର୍ମାସି ପକ୍ଷରୁ "ପ୍ରକୃତିରୁ ପ୍ରେରଣା, ଜଳବାୟୁ ପାଇଁ, ଆମ ଭବିଷ୍ୟତ ପାଇଁ" ଥିମ୍ ଆଧାରରେ ବିଶ୍ୱ ପରିବେଶ ଦିବସ-୨୦୨୬ ଉତ୍ସାହର ସହ ପାଳନ କରାଯାଇଥିଲା। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଉତ୍କଳ ଆଲୁମିନା ଇଣ୍ଟରନ୍ୟାସନାଲ୍ ଲିମିଟେଡ୍‌ର ପରିବେଶବିତ୍ ଭାସ୍କର ପାତ୍ର ଏବଂ ସମ୍ମାନିତ ଅତିଥି ଭାବେ ଆଞ୍ଚଳିକ ନିର୍ଦ୍ଦେଶକ ଡ଼ଃ ରାଜେଶ କୁମାର ପାଢ଼ୀ ଯୋଗଦେଇଥିଲେ। ସେମାନେ ନିଜ ବକ୍ତବ୍ୟରେ ପରିବେଶ ସଂରକ୍ଷଣ ଓ ଜନସ୍ୱାସ୍ଥ୍ୟ ମଧ୍ୟରେ ଥିବା ଘନିଷ୍ଠ ସମ୍ପର୍କ ବିଷୟରେ ଆଲୋଚନା କରି ଜଳବାୟୁ ପରିବର୍ତ୍ତନ ରୋକିବା ଏବଂ ପ୍ରାକୃତିକ ସମ୍ପଦର ସୁରକ୍ଷା ପାଇଁ ସାମୂହିକ ପଦକ୍ଷେପ ଗ୍ରହଣର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ଉପସ୍ଥିତ ସମସ୍ତେ ପ୍ଲାଷ୍ଟିକ୍ ବ୍ୟବହାର କମାଇବା, ପରିବେଶ ଅନୁକୂଳ ଅଭ୍ୟାସ ଅପନାଇବା ଏବଂ ସ୍ୱଚ୍ଛ ଓ ସବୁଜ ପରିବେଶ ଗଠନରେ ସହଯୋଗ କରିବା ପାଇଁ ଶପଥ ଗ୍ରହଣ କରିଥିଲେ।

**ଦାମନଯୋଡି :** ଆଜିର ଅତ୍ୟାଧୁନିକ ଯୁଗରେ ବିଶ୍ୱ ପରିବେଶ ଦିନକୁ ଦିନ ପ୍ରଦୂଷିତ ହେବା ସହ ଜୀବଜଗତ ଉପରେ ତା'ର କୁପ୍ରଭାବ ବିସ୍ତାର କରି ଚାଲିଛି । ତେବେ ଏହାର ସୁରକ୍ଷା ସମସ୍ତଙ୍କର ମୌଳିକ ଦାୟିତ୍ୱ ହେବା ଆବଶ୍ୟକ ବୋଲି ନାଲକୋ ପକ୍ଷରୁ ଆୟୋଜିତ ବିଶ୍ୱ ପରିବେଶ ଦିବସ ପାଳନ ଅବସରରେ ରାଜ୍ୟ ପ୍ରଦୂଷଣ ବୋର୍ଡ ଅଧିକାରୀ ମୁଖ୍ୟ ବକ୍ତା ଭାବରେ ଯୋଗ ଦେଇ କହିଛନ୍ତି । ବିଶ୍ୱ ପରିବେଶ ଦିବସ ଅବସରରେ ନାଲକୋ ପରିବେଶ



ବିଭାଗ ର ମୁଖ୍ୟ ମହାପ୍ରବନ୍ଧକ ସଞ୍ଜୟ କୁମାର ପଟ୍ଟନାୟକଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ପ୍ରାରମ୍ଭରେ ନାଲକୋ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଅମରେନ୍ଦ୍ର କୁମାର ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବୃକ୍ଷରୋପଣ କରିଥିଲେ । ସମ୍ମାନୀତ ଅତିଥି ଭାବରେ ନାଲକୋ ର ବିଭିନ୍ନ ବିଭାଗର ମୁଖ୍ୟ ମହାପ୍ରବନ୍ଧକ ଓ କେନ୍ଦ୍ରୀୟ ଶିଳ୍ପ ସୁରକ୍ଷା ବାହିନୀର ବରିଷ୍ଠ କମାଣ୍ଡାଣ୍ଟ ସତ୍ୟଦେବ ଆର୍ଯ୍ୟ ଉପସ୍ଥିତ ରହି ବୃକ୍ଷରୋପଣ କରିଥିଲେ । ବୃକ୍ଷରୋପଣ କରିବା ସହିତ କାର୍ଯ୍ୟକ୍ରମରେ ଉପସ୍ଥିତ ସମସ୍ତେ ପରିବେଶ ସୁରକ୍ଷା କରିବା ପାଇଁ ଶପଥ ପାଠ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଉଦ୍ୟାନ ବିଭାଗ ଅଧିକାରୀ ମନୋରଞ୍ଜନ ରଥ ଓ ସଞ୍ଜୀବ କୁମାର କରଙ୍କ ସମେତ ଅନ୍ୟମାନେ ପରିଚାଳନା କରିଥିଲେ ।

**ରାୟଗଡା:** ବିଶ୍ୱ ପରିବେଶ ଦିବସ-୨୦୨୬ ପାଳନ ଅବସରରେ ରାୟଗଡ଼ ପୌରପରିଷଦ ଆନୁକୂଲ୍ୟରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଏବଂ ପରିମଳ ଉଦ୍ୟାନର ମୁଖ୍ୟ ଫାଟକ ଉଦ୍‌ଘାଟନ ସମାରୋହ ଆୟୋଜିତ ହୋଇଥିଲା । ଏହା ସହିତ 'ମୋ ବଗିଚା', 'ୱେଷ୍ଟ ଟୁ ୱାଣ୍ଡର ପାର୍କ' ଏବଂ 'ନିର୍ମାଣ ଓ ଭଗ୍ନଜନିତ ଆବର୍ଜନା ପ୍ରକ୍ରିୟାକରଣ କେନ୍ଦ୍ର'ର ମଧ୍ୟ ଉଦ୍‌ଘାଟନ କରାଯାଇଥିଲା ।ଏହି ସମାରୋହରେ ରାୟଗଡ଼ ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ ଓ କାର୍ଯ୍ୟକ୍ରମର ପ୍ରଥମ ପର୍ଯ୍ୟାୟରେ ପରିମଳ ଉଦ୍ୟାନର ମୁଖ୍ୟ ଫାଟକ ଉଦ୍‌ଘାଟନ କରିଥିଲେ। ପରେ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଏବଂ ପାରିଷଦବୃନ୍ଦ "ମୋ ବଗିଚା' ପରିସରରେ ବୃକ୍ଷରୋପଣ କରିଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ 'ୱେଷ୍ଟ ଟୁ ୱାଣ୍ଡର ପାର୍କ' ଏବଂ 'ନିର୍ମାଣ ଓ ଭଗ୍ନଜନିତ ଆବର୍ଜନା ପ୍ରକ୍ରିୟାକରଣ କେନ୍ଦ୍ର'ର ଉଦ୍‌ଘାଟନ କରାଯାଇଥିଲା ଓ ଜିଲ୍ଲାପାଳ ଓ ଅନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀମାନେ ପ୍ରକଳ୍ପଗୁଡ଼ିକୁ ପରିଦର୍ଶନ କରିବା ସହ ରାୟଗଡ଼ ପୌରପରିଷଦ ଦ୍ୱାରା ନିର୍ମିତ ଏହି ଅଭିନବ ପ୍ରକଳ୍ପଗୁଡ଼ିକର ଭୂୟସୀ ପ୍ରଶଂସା କରିଥିଲେ ।

**ଆସିକା :** ହେଉଛି ବିଶ୍ୱ ପରିବେଶ ଦିବସ ଏହି ଅବସରରେ ଆସିକା ଗାୟତ୍ରୀ ନଗର ସ୍ଥିତ ରାମକୃଷ୍ଣ ଆଦର୍ଶ ବିଦ୍ୟାମନ୍ଦିରକୁ ମିଳିଲା ପ୍ରକୃତି ମିତ୍ର ଉପାଧି । ବ୍ରହ୍ମପୁର ଜିଲ୍ଲା ବନଖଣ୍ଡ କାର୍ଯ୍ୟଳୟ ସମ୍ମିଳନୀ କକ୍ଷ ଠାରେ ବିଶ୍ୱ ପରିବେଶ ଦିବସ ଆୟୋଜକ ତଥା ବ୍ରହ୍ମପୁର ବନଖଣ୍ଡ ଅଧିକାରୀ ସନ୍ନି ଖୋଖାରଙ୍କ ଆୟୋଜନ କରିଥିଲା ବେଳେ ଦିଗପହଣ୍ଡି ଗୋଷ୍ଠୀ ଶିକ୍ଷାଧିକାରୀ ଶଙ୍କର ନାରାୟଣ ବେଜଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଭାରତୀୟ ଜନତା ପାର୍ଟି ଗଞ୍ଜାମ ଜିଲ୍ଲା ସଭାପତି ସରୋଜ କୁମାର ସାବତ ପ୍ରଦୀପ ପ୍ରଜ୍ୱଳନ କରି ସଭା କାର୍ଯ୍ୟ ଆରମ୍ଭ କରିଥିଲା ବେଳେ ସମ୍ମାନିତ ଅତିଥିଭାବେ ୬୮ ବାଟାଲିୟନ କମାଣ୍ଡିଙ୍ଗ ଅଫିସର ଶାରଦା ପ୍ରସଦା ଦାସ ଘୁମୁସର ବନଖଣ୍ଡ ଅଧିକାରୀ ହିମାଂଶୁ ଶେଖର ଉପସ୍ଥିତ ଥିଲେ। ବିଶ୍ୱକୁ ଯଦି ସନ୍ତୁଳିତ କରି ରଖିବାର ଅଛି ତେବେ ଆମେ ପ୍ରଥମେ ନିଜକୁ ଜାଗ୍ରତ ରଖିବାକୁ ହେବ। ନିଜ ପାରିପାର୍ଶ୍ୱ ତଥା ନିଜ ଅଞ୍ଚଳକୁ ସଫା ସବୁଜିମା ଭରା ରଖିଲେ ଆଗାମୀ ଜୀବନ ଆମେ ଶାନ୍ତିରେ ବସିପାରିବା ନଚେତ ଆଗାମୀ ପିଢ଼ି ଆମକୁ ପ୍ରଶ୍ନ କରିବ ଯେ ଆପଣ ମାନେ ଆମ ଜୀବନକୁ ନଷ୍ଟ କରିଦେଇଛି ବୋଲି କହିବ। ଏହି କଥା ଉପସ୍ଥିତ ଅତିଥି ମାନେ ନିଜ ଉଦବୋଧନରେ କହିଥିଲେ। ଏହି ଅବସରରେ କଳିଙ୍ଗ ବିଦ୍ୟାମନ୍ଦିର, ବ୍ରହ୍ମପୁର ଡିପଲ ସ୍କୁଲ ବ୍ରହ୍ମପୁର ଡ଼ି ଏ ଭି ସ୍କୁଲ ଛାତ୍ର ଛାତ୍ରୀ ମାନେ ବିଶ୍ୱ ପରିବେଶ ଦିବସ ଉପରେ ନିଜ ବକ୍ତବ୍ୟ ରଖିଥିଲେ ।ଏହି ଅବସରରେ ଗଞ୍ଜାମ ଜିଲ୍ଲାର ପ୍ରତି ବ୍ଲକରୁ ଗୋଟିଏ ଅନୁଷ୍ଠାନକୁ ପ୍ରକୃତି ମିତ୍ର ଉପାଧି ମିଳିଥିଲା ବେଳେ ଆସିକା ବ୍ଲକରୁ ଆସିକା ପୌରପରିଷଦ ଅଧୀନ ୱାର୍ଡ ନମ୍ବର ୧୪ରେ ସ୍ଥାପିତ ରାମକୃଷ୍ଣ ଆଦର୍ଶ ବିଦ୍ୟାମନ୍ଦିରକୁ ଏହି ଉପାଧି ମିଳିଛି ।ଏହି ଉପାଧିକୁ ବିଦ୍ୟାଳୟ ଗାଇଡ୍ କ୍ୟାପଟେନ କାଦମ୍ବିନୀ ହୋତା ଗ୍ରହଣ କରିଛନ୍ତି। ଆଜି ଏହି ଉପାଧି ମିଳିବା ପଛରେ ବିଦ୍ୟାଳୟର ରାମକୃଷ୍ଣ ସ୍କାଉଟ ଟ୍ରୁପ ଓ ଶାରଦା ଗାଇଡ଼ କମ୍ପାନୀରେ ଅବଦାନ ବହୁତ ରହିଥିବା ବିଦ୍ୟାଳୟ ପ୍ରଧାନ ଆଚାର୍ଯ୍ୟା ଅନ୍ନପୂର୍ଣ୍ଣା ଆଚର୍ଯ୍ୟା,ସହ ସମ୍ପାଦକ ଦିଲ୍ଲିପ କୁମାର ଶତପଥୀ କହିଛନ୍ତି ।ବିଦ୍ୟାଳୟକୁ ଏହି ଉପାଧି ମିଳିବା ପରେ ବିଦ୍ୟାଳୟ ଗୁରୁଜୀ ଗୁରୁମା ଅଜୟ କୁମାର ପଟ୍ଟନାୟକ, ଲୀନାକୁମାରୀ ସ୍ୱାଇଁ, ସୁନିତା ମହାପାତ୍ର ଏବଂ ଆସିକା



ଅଞ୍ଚଳର ପରିବେଶବିତ୍ ବୁଦ୍ଧିଜୀବୀ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ବିଦ୍ୟାଳୟ ଗୁରୁଜୀ ଗୁରୁମା ଛାତ୍ରଛାତ୍ରୀମାନଙ୍କୁ ପ୍ରଶଂସା କରିଛନ୍ତି।

**ବଲାଙ୍ଗିର :** ସ୍ଥାନୀୟ ପୂର୍ତ୍ତ ବିଭାଗ ପକ୍ଷରୁ ପରିବେଶ ଦିବସ ପାଳିତ ହୋଇଯାଇଛି । କାର୍ଯ୍ୟାଳୟ ପରିଷରରେ ପୂର୍ତ୍ତ ବିଭାଗର ସୁପରିଟେଣ୍ଡେଙ୍ଗ ଇଂନଜିନିୟର ଆଶୁତୋଷ ଜେନାଙ୍କ ତତ୍ତ୍ୱାବଧାନରେ ପରିବେଶ ଅନୁକୂଳ ଗଛ ଗୁଡିକ ଲଗାଯାଇଥିଲା । ନିମ୍, କରଂଜ, ଜାମୁ, ଅଁଳା ଗଛ ସହ ବିଭିନ୍ନ ପ୍ରକାର ଶହେଟି ଗଛ ଲଗାଯାଇଥିଲେ । ଇଂ. ଶ୍ରୀ ଜେନା ଚଳିତ ବର୍ଷ ପୂର୍ତ୍ତ ବିଭାଗ ପକ୍ଷରୁ ହୋଇଥିବା ରାସ୍ତା କଡ ମାନଙ୍କରେ ଲକ୍ଷାଧିକ ଗଛ ଲଗାଯିବାର କାର୍ଯ୍ୟକ୍ରମ ରଖାଯାଇଛି ବୋଲି ସୂଚନା ଦେବା ସହ ଖାଲି ଗଛ ଲଗାଇଦେଲେ ହେବ ନାହିଁ ତାର ଯତ୍ନ ନେବା ସହ ବର୍ଷା ନ ହେବା ପର୍ଯ୍ୟନ୍ତ ପର୍ଯ୍ୟାପ୍ତ ପଣି ଦିଆଯିବ ବୋଲି କହିଥିଲେ । ଏହି ଅବସରରେ ପୂର୍ତ୍ତ ବିଭାଗ ଏସଡିଓ ଦିଲିପ କୁମାର ମେହେର, ଜେଇ ଲିପନ ନାଏକ, ବିଘ୍ନରାଜ ସାଏ, ଶିବାନୀ ହୋତା, ଅର୍ଚ୍ଚନା ଦୀପ, ସ୍ମୃତିସାହାଣୀ ଭୂୟାଁ, ମୁଖ୍ୟ କିରାଣୀ ବିଘ୍ନେଶ୍ୱର ମହାନ୍ତି, ଦେବଦତ ମିଶ୍ର, ଅନୀଲ କୁମାରଙ୍କ ସମେତ ପୂର୍ତ୍ତ ବିଭାଗର ସମସ୍ତ କର୍ମଚାରୀ ଏବଂ ଠିକଦାର ମାନେ ଉପସ୍ଥିତ ରହି ଗଛ ଲଗାଇଥିଲେ ।

ତିଥି :(ଷଷ୍ଠୀ): (ଶ୍ରବଣା ମକର)
ଅମୃତ ବେଳା: ଦିବା ଘ ୨।୪୬ ଗତେ ଘ ୫।୧୦ ମଧ୍ୟେ

## ଆଜିର ଅନୁଚିନ୍ତନ

ହେ ପୃଥାନନ୍ଦନ ! ଯେତେବେଳେ ସାଧକ ମନୋଗତ ସମସ୍ତ କାମନାକୁ ପୂର୍ଣ୍ଣରୂପେ ତ୍ୟାଗ କରିଦିଏ ଏବଂ ନିଜ ଦ୍ୱାରା ନିଜ ଠାରେ ସନ୍ତୁଷ୍ଟ ରହେ, ସେତେବେଳେ ତାହାକୁ ସ୍ଥିତପ୍ରଜ୍ଞ କୁହାଯାଏ।

- ଶ୍ରୀମଦ୍ ଭଗବଦ୍ ଗୀତା

# ନିଯୁକ୍ତି ଓ ନେତୃତ୍ୱ

ଏମିତି ଅନେକ ବ୍ୟକ୍ତି ଅଛନ୍ତି ଜୀବନରେ ପ୍ରତିକୂଳ ପରିସ୍ଥିତି କାରଣରୁ ଉଚ୍ଚଶିକ୍ଷା ଗ୍ରହଣ କରିପାରୁନାହାନ୍ତି। ତେବେ ସେମାନଙ୍କ ମଧ୍ୟରେ ନିଯୁକ୍ତି ପ୍ରଦାନ କରିବା ଆବଶ୍ୟକ। କୌଣସି ପଦ ପାଇଁ ଏକ ନିର୍ଦ୍ଦିଷ୍ଟ ସର୍ବାଧିକ ଯୋଗ୍ୟତା ଠାରୁ ଅଧିକ ଶିକ୍ଷାଗତ ଯୋଗ୍ୟତା ଅର୍ଥାତ୍ ଗ୍ରୁପ୍ ଡି ସରକାରୀ ଚାକିରି ପାଇଁ ପିଏଚ୍‌ଡି ଧାରକଙ୍କ ସମେତ ଉଚ୍ଚଯୋଗ୍ୟତାସମ୍ପନ୍ନ ଯୁବବର୍ଗ ପ୍ରତିଯୋଗିତା ମଇଦାନକୁ ଓହ୍ଲାଇ ଆସୁଛନ୍ତି। ମୋଟ ଉପରେ ଅଧିକ ଶିକ୍ଷିତ ପ୍ରାର୍ଥୀଙ୍କୁ କମ୍ ଯୋଗ୍ୟତାର ଚାକିରି ନିମନ୍ତେ ଅଯୋଗ୍ୟ ଘୋଷଣା କରାଯାଇପାରିବ। ନିକଟରେ ସୁପ୍ରିମକୋର୍ଟ ଏପରି ଭାବରେ ସ୍ପଷ୍ଟ କରିଛନ୍ତି। ଏହା ଆମ ଦେଶର ବେରୋଜଗାରିର ଦୟନୀୟ ସ୍ଥିତିକୁ ସ୍ପଷ୍ଟ ସୂଚିତ କରୁଛି। କମ୍ ଯୋଗ୍ୟତାର ଚାକିରି ନିମନ୍ତେ ହଜାର ହଜାର ଅଧିକ ଉଚ୍ଚଶିକ୍ଷିତ ଯୁବକଯୁବତୀମାନେ ଖୋଲା ଆକାଶ ତଳେ ପଡ଼ିଆରେ ବସି ସାକ୍ଷାତକାର ଦେବାର ଦୃଶ୍ୟ ଗଣମାଧ୍ୟମରେ ବହୁବାର ପ୍ରଦର୍ଶିତ ହୋଇସାରିଛି। ସରକାରୀ ଚାକିରିର ସୁରକ୍ଷା ହେତୁ କମ୍ ଯୋଗ୍ୟତା ଥିବା ଚାକିରି ନିମନ୍ତେ ଭୟଙ୍କର ପ୍ରତିଯୋଗିତା ଆମ ଦେଶରେ ଚିରାଚରିତ ଘଟଣାରେ ପରିଣତ ହେଲାଣି। ବିଳମ୍ବରେ ହେଲେ ମଧ୍ୟ ସୁପ୍ରିମକୋର୍ଟ ଏ ବାବଦରେ ସୂଚାଇ ଅସଲରେ ନେତୃତ୍ୱକୁ ସଜାଡ଼ ଏପରି ହିଁ ବାର୍ତ୍ତା ଦେଇଥିବା ପ୍ରତୀୟମାନ ହୋଇଛି।

ବେରୋଜଗାରି ପ୍ରସଙ୍ଗ ପରିପ୍ରେକ୍ଷୀରେ ଆମ ରାଜ୍ୟ ଆଧାରରେ ସାମାନ୍ୟ ଦୃଷ୍ଟିପାତ କରାଯାଇପାରେ। ଏକଦା କୁହାଯାଇଥିଲା, ‘ ଅନେକ ସାମାଜିକ - ଅର୍ଥନୈତିକ ମାନଦଣ୍ଡ ଯେପରିକି ମାତୃ ଓ ଶିଶୁ ମୃତ୍ୟୁହାର, ଦାରିଦ୍ର୍ୟ ସୀମାରେଖା, ରୋଜଗାର, ସାକ୍ଷରତା ହାର, ଅର୍ଥନୈତିକ ଅଭିବୃଦ୍ଧିରେ ଜାତୀୟ ସୂଚକାଙ୍କ ଠାରୁ ଥିଲା ଢେର୍ ପଛରେ। ଏହି ସ୍ଥିତିରେ ପରିବର୍ତ୍ତନ ଆଣି ଓଡ଼ିଶାକୁ ଦେଶର ଏକ ପ୍ରମୁଖ ରାଜ୍ୟ ଭାବେ ଗଢି ତୋଳିବାରେ ଓଡ଼ିଶାବାସୀ ୨୦୨୪ ସାଧାରଣ ନିର୍ବାଚନରେ ଐତିହାସିକ ନିଷ୍ପତ୍ତି ନେଇଥିଲେ।’ ଏ କଥାରେ ମଧ୍ୟ ରୋଜଗାର ଦିଗକୁ ଅଙ୍ଗୁଳି ନିର୍ଦ୍ଦେଶିତ ହୋଇଛି। ଗତ ଫେବୃଆରିରେ ରାଜ୍ୟ ବଜେଟ ଅଣାଯିବା ବେଳେ ନିଯୁକ୍ତି ଆଧାରିତ କେତେକ ମନ୍ତବ୍ୟର ସାରାଂଶ ଏଠାରେ ଉପସ୍ଥାପନ କରାଯାଇପାରେ। ମନ୍ତବ୍ୟ ମଧ୍ୟରୁ ଗୋଟିଏ ହେଉଛି ରାଜ୍ୟରେ ୩ଲକ୍ଷ କୋଟିରୁ ଅଧିକ ଅର୍ଥ ରାଶିର ବଜେଟ ଉପସ୍ଥାପିତ ହୋଇଥିଲେ ହେଁ ଅଧିକ ନିଯୁକ୍ତି ସୃଷ୍ଟି ହେଉଥିବା କ୍ଷେତ୍ରକୁ ପ୍ରାଧାନ୍ୟ ଦିଆଯିବା ଆବଶ୍ୟକ। କେବଳ ବିକାଶ ଉପରେ ଗୁରୁତ୍ୱ ଦିଆଯାଉଥିଲେ ହେଁ ନିଯୁକ୍ତି ପାଇଁ ପଦକ୍ଷେପ ଜରୁରୀ।

ବଜେଟ ଉପସ୍ଥାପନର ପରବର୍ତ୍ତୀ ସମୟରେ ଖାଲି ପଡ଼ିଥିବା ପଦ ପୂରଣ କରିବା ପାଇଁ ନୂତନ ବିଜ୍ଞପ୍ତି ପ୍ରକାଶ କରିବା ପରିବର୍ତ୍ତେ ସରକାର ଅବସରପ୍ରାପ୍ତ ପୁନଃନିଯୁକ୍ତି ପ୍ରଦାନ କରିବାରେ ଅଧିକ ଗୁରୁତ୍ୱ ଦେଉଛନ୍ତି, ଏପରି ଅଭିଯୋଗ ମଧ୍ୟ ଆସିଛି। ଯୁବକଙ୍କ ଆଖିର ଲୁହକୁ ବୁଝିବାର ସମୟ ଆସିଛି।

ଏ ପରିପ୍ରେକ୍ଷୀରେ ନେତୃତ୍ୱ ପ୍ରସଙ୍ଗ ସାମ୍ନା ଆସିବ। ଲୋକଙ୍କ ମନରେ ବିଶ୍ୱାସ ଜନ୍ମାଇବାର ଦକ୍ଷତା ବର୍ତ୍ତମାନର ନେତାଙ୍କ ଠାରେ କ୍ୱଚିତ୍ ଲକ୍ଷ୍ୟ କରାଯାଉଛି। ନେତା ସହିତ ନୈତିକତା ପ୍ରସଙ୍ଗ ଜଡ଼ିତ। ଏହା ଯେଉଁଠି ବାଟବଣା ବା ଅଦୃଶ୍ୟ ସେତେବେଳେ ପ୍ରତିଶ୍ରୁତି ଓ କାର୍ଯ୍ୟରେ ରୂପାୟନ ମଧ୍ୟରେ ଅନେକ ତଫାତ୍ ପରିଲକ୍ଷିତ ହେବ। ସୁତରାଂ ସହାନୁଭୂତିଶୀଳ ଓ ସଫଳ ହେବା ପାଇଁ ନେତୃତ୍ୱ ପକ୍ଷେ ନେତା ବା ବ୍ୟକ୍ତି ସମାଜ ସହ ଯୋଡ଼ି ହେବାକୁ ହିଁ ପଡ଼ିବ। ଦେଶକୁ ମାଓମୁକ୍ତ କରିବା ଲାଗି ସରକାରଙ୍କ ଯେଉଁ ନିଷ୍ଠା ପ୍ରଦର୍ଶିତ ହୋଇଥିଲା, ତାହା ବେରୋଜଗାରି ଦୂର ଲାଗି ହୋଇପାରିବ କି ?

# ବିସ୍ମୟ ସୌରମଣ୍ଡଳର ଜାଗତିକ ଦୃଶ୍ୟ

## ଡକ୍ଟର ଅମୂଲ୍ୟ କୁମାର ପଣ୍ଡା

“ ସୂର୍ଯ୍ୟଠାରୁ ଦୂରରେ ଥିବା ୪ଟି ଗ୍ରହ ବୃହସ୍ପତି ଛାଡ଼ିଲେ ବାକି ତିନୋଟି ଗ୍ରହ ଶନି, ୟୁରେନସ୍ ଓ ନେପଚୁନ୍‌କୁ ଦାନବ ଗ୍ରହ କୁହାଯାଏ। ବୃହସ୍ପତି ଓ ଶନି ମୁଖ୍ୟତଃ ଗ୍ୟାସୀୟ ହୋଇଥିବା ବେଳେ ୟୁରେନସ୍ ଓ ନେପଚୁନ୍ ଅତି ମାତ୍ରାରେ ଥଣ୍ଡା ଓ ବରଫାବୃତ୍ତ ଅଟନ୍ତି। ଏ ସମସ୍ତ ଗ୍ରହର ବଳୟ ଅଛି କିନ୍ତୁ ଯଦିଓ ଶନିର ବଳୟ ସୁଦୃଶ୍ୟ ଅଟେ। ସୂର୍ଯ୍ୟଙ୍କୁ ପରିକ୍ରମା କରୁଥିବା ସମସ୍ତ ବସ୍ତୁତ୍ୱର ୯୯% ଏହି ଚାରିଟି ଗ୍ରହ ଧାରଣ କରନ୍ତି। ଏହି ଗ୍ୟାସୀୟ ପିଣ୍ଡଟି ମୁଖ୍ୟତଃ ଉଦ୍‌ଜାନ ଓ ହିଲିୟମରେ ଗଠିତ। ଏହା ସୌରଜଗତର ସବୁଠାରୁ ବଡ଼ ଗ୍ରହ ଯାହା ପୃଥିବୀର ୩୧୮ଗୁଣା ଅଟେ। ବୃହସ୍ପତିର ୬୭ଟି ଜଣାଥିବା ପ୍ରାକୃତିକ ଉପଗ୍ରହ ଅଛି। ଗ୍ରହ ପୃଷ୍ଠରେ ଅନେକ ଝଡ଼ ଚାଲୁଥିବାର ଦେଖିବାକୁ ମିଳେ। ବୃହସ୍ପତିର ବିଶାଳ ଲୋହିତ ଝଡ଼ ପୃଥିବୀ ଆକାରର ପ୍ରାୟ ୩ ଗୁଣା ବଡ଼ ଅଟେ। ଶନି ନିଜର ବୃହତ ବଳୟ ଯୋଗୁ ପରିଚିତ।

ସୂର୍ଯ୍ୟ ଏବଂ ଏହା ଅନ୍ତର୍ଗତ ୯ଟି ଗ୍ରହ, ନକ୍ଷତ୍ର, ଗ୍ରହାଣୁପୁଞ୍ଜ ଇତ୍ୟାଦିଙ୍କୁ ନେଇ ସୌରଜଗତ ଗଠିତ । ୯ଟି ଗ୍ରହ ଯଥା ବୁଧ, ଶୁକ୍ର, ପୃଥିବୀ, ମଙ୍ଗଳ, ବୃହସ୍ପତି, ଶନି, ୟୁରେନସ୍ ଓ ନେପଚୁନ୍ ଓ ପ୍ଲୁଟୋ ସୂର୍ଯ୍ୟଙ୍କୁ ଅଣ୍ଡାକାର ପଥରେ ପରିକ୍ରମା କରନ୍ତି। ଆଗରୁ ଗ୍ରହ କୁହାଯାଉଥିବା ପ୍ଲୁଟୋକୁ ଏବେ ଗ୍ରହ ମାନ୍ୟତାରୁ ବାହାର କରି ବାମନ ଗ୍ରହ କୁହାଯାଉଛି।

ସୂର୍ଯ୍ୟଙ୍କ ନିକଟତମ ୪ଟି ଗ୍ରହ ଯଥା ବୁଧ, ଶୁକ୍ର, ପୃଥିବୀ ଓ ମଙ୍ଗଳ ମୁଖ୍ୟତଃ କଠିନ ହୋଇଥିବା ସ୍ଥଳେ ଦୂରବର୍ତ୍ତୀ ୫ଟି ଗ୍ରହ ଯଥା: ବୃହସ୍ପତି, ଶନି ଗାସୀୟ ପିଣ୍ଡ ଏବଂ ୟୁରେନସ୍, ନେପଚୁନ୍ ଓ ପ୍ଲୁଟୋ ବରଫ ଗ୍ରହ ଭାବରେ ପରିଚିତ। ମାନବ ଇତିହାସର ଅଧିକାଂଶ ସମୟ ପୃଥିବୀକୁ ବ୍ରହ୍ମାଣ୍ଡର କେନ୍ଦ୍ର ଭାବେ ବିବେଚିତ କରାଯାଇଛି। ପୁରାତନ ସମୟରେ ସାଧାରଣ ମଣିଷମାନେ ସୂର୍ଯ୍ୟ, ଚନ୍ଦ୍ର ଓ ତାରାମାନଙ୍କୁ ପୃଥିବୀ ଚାରିପାଖେ ଘୁରୁଥିବାର ଦେଖି ଏପରି ଅନୁମାନ କରିବା କିଛି ବିଚିତ୍ର ନ ଥିଲା। ମଧ୍ୟଯୁଗରେ ପ୍ରମାଣିତ ହେଲା ଯେ ପୃଥିବୀ ବ୍ରହ୍ମାଣ୍ଡର କେନ୍ଦ୍ରରେ ନାହିଁ। ଏହା ଅନ୍ୟ ୮ଟି ଗ୍ରହ ସେତେବେଳେ ପ୍ଲୁଟୋ ଏକ ଗ୍ରହ ଧରାଯାଉଥିଲା ପରି ସୂର୍ଯ୍ୟଙ୍କୁ



ପରିକ୍ରମା କରୁଛି। ଏଥିପାଇଁ ନିକୋଲାସ୍ କୋପରନିକସ୍, ଗାଲିଲିଓ ଗାଲେଲି, ୟୋହାନସ୍ କେପ୍ଲର୍, ଆଇଜାକ୍ ନ୍ୟୁଟନ୍ ଆଦି ବୈଜ୍ଞାନିକମାନଙ୍କ ଅବଦାନ ସ୍ମରଣୀୟ। ସୌରମଣ୍ଡଳକୁ ମୁଖ୍ୟତଃ ଦୁଇ ଭାଗରେ ବିଭକ୍ତ କରାଯାଇପାରେ। ଯଥା - ଆଭ୍ୟନ୍ତରୀଣ ସୌର ମଣ୍ଡଳ ଓ ବାହ୍ୟ ସୌର ମଣ୍ଡଳ ।

ଆଭ୍ୟନ୍ତରୀଣ ସୌର ମଣ୍ଡଳର ଗ୍ରହ ଗୁଡ଼ିକ ସାଧାରଣତଃ କଠିନ, ଅଧିକାଂଶ ଧାତବ ଓ ବାୟୁମଣ୍ଡଳ ଧାରଣ କରନ୍ତି। ବାୟୁମଣ୍ଡଳର ଉପସ୍ଥିତି ଯୋଗୁଁ ପାଣିପାଗ ସୃଷ୍ଟି ହେବା ସ୍ୱାଭାବିକ। କଠିନ ଭୂତ୍ୱକ୍ ଯୋଗୁ ଭୂତ୍ୱକ୍ ଚଳନ ଓ ଆଗ୍ନେୟ ଉଦ୍‌ଗୀରଣ ଏହି ଗ୍ରହମାନଙ୍କରେ ଦେଖାଯାଏ। ଆଭ୍ୟନ୍ତରୀଣ ଗ୍ରହମାନଙ୍କର ବଳୟ ନାହିଁ।

ସୌର ମଣ୍ଡଳର ସମସ୍ତ ଗ୍ରହ ବିଷୟରେ ଜାଣିବାକୁ ହେଲେ, ପ୍ରଥମ ବୁଧ ସୂର୍ଯ୍ୟଙ୍କ ନିକଟତମ ଓ ସୌରମଣ୍ଡଳର କ୍ଷୁଦ୍ରତମ ଗ୍ରହ ଅଟେ ଯାହାକୁ ପ୍ରଥମ ବୁଝିବାକୁ ହେବ । ବୁଧର କୌଣସି ପ୍ରାକୃତିକ ଉପଗ୍ରହ ନାହିଁ। ଏହାର ବାୟୁମଣ୍ଡଳ ଅତି ପତଳା। ବୁଧର ବସ୍ତୁତ୍ୱ ପୃଥିବୀର ୦.୦୫୫ ଭାଗ। ଏହା ସୂର୍ଯ୍ୟ ପାଖରୁ ଦ୍ୱିତୀୟ ଗ୍ରହ। ଏହାପରେ ଶୁକ୍ରର ବସ୍ତୁତ୍ୱ ପୃଥିବୀର ୦.୮୧୫ ଭାଗ ଓ ବାୟୁମଣ୍ଡଳ ପୃଥିବୀର ୯୦ଗୁଣା ଅଟେ। ଏହାର କୌଣସି ପ୍ରାକୃତିକ ଉପଗ୍ରହ ନାହିଁ। ଶୁକ୍ର ସୌରମଣ୍ଡଳର ସବୁଠାରୁ ଉତ୍ତପ୍ତ ଗ୍ରହ, ଯାହାର ପୃଷ୍ଠ ତାପମାତ୍ରା ପ୍ରାୟ ୪୦୦ସ୍ସେଲସିୟସ୍ ଅଟେ। ଶୁକ୍ରର ଆଗ୍ନେୟ ଉଦ୍‌ଗୀରଣରୁ ବାହାରୁଥିବା ସବୁଜ କୋଠରି ଗ୍ୟାସମାନଙ୍କ ଯୋଗୁ ଶୁକ୍ରର ଏପରି ସ୍ଥିତି ହୋଇଥିବା ଜଣାଯାଏ। କିଛି ବୈଜ୍ଞାନିକ ଶୁକ୍ରର ସ୍ଥିତି ଦେଖି ପୃଥିବୀର ସବୁଜ କୋଠରୀ ଗ୍ୟାସକୁ ନିୟନ୍ତ୍ରଣରେ ରଖିବା ସପକ୍ଷରେ ମତ ଦିଅନ୍ତି। ଏହାପରେ ଆମ ପୃଥିବୀ ଯାହା ସବୁଠାରୁ ବଡ଼ ଏବଂ ସାନ୍ଦ୍ର କଠିନ ଗ୍ରହ ଅଟେ। ଆଜି ପର୍ଯ୍ୟନ୍ତ ଜଣା ଯାଇଥିବା ତଥ୍ୟ ଅନୁସାରେ କେବଳ ପୃଥିବୀରେ ଜୀବନର ଉପସ୍ଥିତି ଅଛି। ଏହାର ଜଳମଣ୍ଡଳ ସୌରଜଗତରେ ଅନନ୍ୟ ଏବଂ ଜୀବନ ଧାରଣର ସର୍ବୋତ୍କୃଷ୍ଟ ସ୍ଥାନ ବୋଲି ବିବେଚନା କରାଯାଏ। ପୃଥିବୀର ଏକମାତ୍ର ପ୍ରାକୃତିକ ଉପଗ୍ରହ, ଚନ୍ଦ୍ର ଓ ସହସ୍ରାଧିକ କୃତ୍ରିମ ଉପଗ୍ରହ ଅଛି। ଗ୍ରହ ଓ ଉପଗ୍ରହ ବସ୍ତୁତ୍ୱ ତୁଳନା କଲେ ଚନ୍ଦ୍ର ସୌରଜଗତରେ ବୃହତ୍ତମ ବୋଲି ଜଣାଯାଏ। ମଙ୍ଗଳ ଅନ୍ୟ ସୌରଜଗତର ଗ୍ରହମାନଙ୍କ ଅପେକ୍ଷା ଅନେକାଂଶ ପୃଥିବୀ ପରି, ଯଦିଓ ଏହାର ବସ୍ତୁତ୍ୱ ପୃଥିବୀର ୦.୧୦୭ ଭାଗ ଓ ଏହାର ବାୟୁମଣ୍ଡଳ ପୃଥିବୀର ୦.୬% ଅଟେ। ମଙ୍ଗଳ ପୃଷ୍ଠରେ ଥିବା ଲୌହ ଅକ୍ସାଇଡ୍ ଯୋଗୁ ଏହା ଲାଲ୍ ଦେଖାଯାଏ। ମଙ୍ଗଳର ଦୁଇଟି ଛୋଟ ପ୍ରାକୃତିକ ଉପଗ୍ରହ ଅଛି।

ସୂର୍ଯ୍ୟଠାରୁ ଦୂରରେ ଥିବା ୪ଟି ଗ୍ରହ ବୃହସ୍ପତି ଛାଡିଲେ ବାକି ତିନୋଟି ଗ୍ରହ ଶନି, ୟୁରେନସ୍ ଓ ନେପଚୁନକୁ ଦାନବ ଗ୍ରହ କୁହାଯାଏ। ବୃହସ୍ପତି ଓ ଶନି ମୁଖ୍ୟତଃ ଗ୍ୟାସୀୟ ହୋଇଥିବା ବେଳେ ୟୁରେନସ୍ ଓ ନେପଚୁନ୍ ଅତି ମାତ୍ରାରେ ଥଣ୍ଡା ଓ ବରଫାବୃତ୍ତ ଅଟନ୍ତି। ଏ ସମସ୍ତ ଗ୍ରହର ବଳୟ ଅଛି କିନ୍ତୁ ଯଦିଓ ଶନିର ବଳୟ ସୁଦୃଶ୍ୟ ଅଟେ। ସୂର୍ଯ୍ୟଙ୍କୁ ପରିକ୍ରମା କରୁଥିବା ସମସ୍ତ ବସ୍ତୁତ୍ୱର ୯୯% ଏହି ଚାରିଟି ଗ୍ରହ ଧାରଣ କରନ୍ତି। ଏହି ଗ୍ୟାସୀୟ ପିଣ୍ଡଟି ମୁଖ୍ୟତଃ ଉଦ୍‌ଜାନ ଓ ହିଲିୟମରେ ଗଠିତ। ଏହା ସୌରଜଗତର ସବୁଠାରୁ ବଡ଼ ଗ୍ରହ ଯାହା ପୃଥିବୀର ୩୧୮ଗୁଣା ଅଟେ। ବୃହସ୍ପତିର ୬୭ଟି ଜଣାଥିବା ପ୍ରାକୃତିକ ଉପଗ୍ରହ ଅଛି। ଗ୍ରହ ପୃଷ୍ଠରେ ଅନେକ ଝଡ଼ ଚାଲୁଥିବାର ଦେଖିବାକୁ ମିଳେ। ବୃହସ୍ପତିର ବିଶାଳ ଲୋହିତ ଝଡ଼ ପୃଥିବୀ ଆକାରର ପ୍ରାୟ ୩ ଗୁଣା ବଡ଼ ଅଟେ। ଶନି ନିଜର ବୃହତ ବଳୟ ଯୋଗୁଁ ପରିଚିତ। ଶନିର ୮୨ଟି ବରଫାବୃତ ପ୍ରାକୃତିକ ଉପଗ୍ରହ ଥିବାର ଜଣାଯାଏ। ତା’ ଛଡ଼ା ଶନି ବଳୟ ଗଠନ କରୁଥିବା ବରଫ ଓ ପଥର ଖଣ୍ଡଗୁଡ଼ିକୁ ଶନିର ଅତି କ୍ଷୁଦ୍ର ଉପଗ୍ରହ ବୋଲି କୁହାଯାଇପାରେ। ଏହାପରେ ୟୁରାନସ୍ ଯାହା ବାହ୍ୟ ଗ୍ରହମାନଙ୍କ ମଧ୍ୟରେ ସବୁଠୁ ଛୋଟ ଓ ଏହାର ବସ୍ତୁତ୍ୱ ପୃଥିବୀର ୧୪ ଗୁଣା ଅଟେ। ଗ୍ରହ ପୃଷ୍ଠତଳ ମୁଖ୍ୟତଃ ବରଫାବୃତ। ୟୁରେନସର ୨୭ଟି ଜଣାଥିବା ଉପଗ୍ରହ ଅଛି। ଏହାପରେ ନେପଚୁନ ଯାହା ପୃଥିବୀ ବସ୍ତୁତ୍ୱର ୧୭ ଗୁଣା ଅଟେ। ନେପଚୁନର ୧୪ଟି ଜଣାଥିବା ଉପଗ୍ରହ ଅଛି। ଏହାପରେ ସୌରଜଗତରେ ଆଉ ଏକ ଉପାଦାନ ଅଛି ଯାହାକୁ ଧୂମକେତୁ କୁହଯାଏ ।

ସୌରଜଗତର ଏହି ସଦଶ୍ୟମାନେ ଛୋଟ ଓ ବରଫାବୃତ ଅଟନ୍ତି। ଏମାନଙ୍କ ପରିକ୍ରମଣ ପଥ ବେଶି ଚେପଟା ଯେମିତି ସର୍ବାଧିକ ଦୂରତା ପ୍ଲୁଟୋ ବାହାରେ ଓ ସର୍ବନିମ୍ନ ଦୂରତା ଆଭ୍ୟନ୍ତରୀଣ ସୌରମଣ୍ଡଳରେ ଥାଏ। ଆଭ୍ୟନ୍ତରୀଣ ସୌରମଣ୍ଡଳରେ ପ୍ରବେଶ କଲେ ସୌର ଉତ୍ତାପ ଯୋଗୁ ଘନୀଭୂତ ବରଫ ବାଷ୍ପରେ ପରିଣତ ହୋଇ ସୁଦୃଶ୍ୟ ଲାଞ୍ଜ ତିଆରି କରେ। ସେଥିପାଇଁ ଏମାନଙ୍କୁ ଲାଞ୍ଜତାରା କୁହାଯାଏ। ଏହିପରି ଭାବେ ଅନ୍ତରୀକ୍ଷ ତଥା ଆକାଶଗଙ୍ଗାରେ ସୌର ମଣ୍ଡଳ ଜାଗତିକ ଦୃଶ୍ୟ ହୋଇଥାଏ।

ଅରଙ୍ଗାବାଦ, ବରୀ, ଯାଜପୁର
ମୋ - ୯୯୩୮୯୦୬୦୭୦

# ଦିଲ୍ଲୀ ଅଗ୍ନିକାଣ୍ଡ : କିଏ କାନ୍ଧେଇବ ଦୋଷ

## ଜଗନ୍ନାଥ ବେହେରା

ଦିଲ୍ଲୀ ଅଗ୍ନିକାଣ୍ଡରେ ବିଦେଶୀ ଏବଂ ଦେଶର ୨୧ ଜଣ ଲୋକ ଜୀବନ୍ତ ଦଗ୍ଧ ହୋଇଗଲେ। ୪୭ ଲୋକଙ୍କୁ ଉଦ୍ଧାର କରାଗଲା। ବର୍ତ୍ତମାନ ମଧ ୩/୪ ଜଣ ଗମ୍ଭୀର ପରିସ୍ଥିତିରେ ଅଛନ୍ତି। ନିକଟସ୍ଥ ମେଡ଼ିକାଲ ପାଇଁ ନିଜ ପରିବାରର ସଦସ୍ୟ ଏବଂ ସମ୍ପର୍କୀୟ ମାନଙ୍କ ଦେଖାଶୁଣା କରିବା ସକାଶେ ହୋଟେଲ ବୁକିଂ କରି ରହିଥିଲେ। ରୋଗୀ ଜୀବନ ମୃତ୍ୟୁ ସହ ସଂଗ୍ରାମ କରୁଥିବା ବେଳେ ସ୍ୱାସ୍ଥ୍ୟବାନ ଲୋକଙ୍କ ଦେହାନ୍ତ ହୋଇଯିବା କେତେ ଦୁଃଖଦ ସେମାନଙ୍କ ପରିବାର ବର୍ଗ ହିଁ ଜାଣିବେ। ପାଞ୍ଚ ତାଲା ହୋଟେଲ । କିନ୍ତୁ ଯିବା ଆସିବା ପାଇଁ କେବଳ ଏକମାତ୍ର ସିଡି। କୌଣସି କାରଣବଶତଃ ଅଗ୍ନିକାଣ୍ଡ ଘଟିଲେ ବାହାରିବାକୁ ରାସ୍ତା ନାହିଁ ।ଏହି ଅଗ୍ନିକାଣ୍ଡ ପାଇଁ ଦାୟୀ କିଏ। ଯଦିଓ ବର୍ତ୍ତମାନ ତର୍କବିତର୍କର ସମୟ ନୁହେଁ କିନ୍ତୁ କିଏ କାନ୍ଧେଇବ ଦୋଷ।

ପ୍ରଶ୍ନ ଉଠୁଛି ବଢୁଥିବା ଜନସଂଖ୍ୟା ଦୃଷ୍ଟିରୁ ରାସ୍ତା ପ୍ରଶସ୍ତ ହେଉଛି କି ? ପୂର୍ବରୁ ଥିବା ରାସ୍ତା ବର୍ତ୍ତମାନ ଗାଡି ପାର୍କିଂ ବ୍ୟବସ୍ଥା କରାଯାଇଛି କି ? ପ୍ରତି ଘରେ ଘରେ ଚାରିଚକିଆ ଯାନ ସହିତ ,ଦୁଇଚକିଆ ଯାନ ରହିଛି। ସେଗୁଡ଼ିକର ରଖିବା ବ୍ୟବସ୍ଥା ସରକାର କିମ୍ବା ବ୍ୟକ୍ତି ଉଠେଇଛନ୍ତି କି ? ପୁଣି ଗଳିକନ୍ଦିରେ ନିର୍ମାଣ ହେଉଥିବା ହୋଟେଲ ପାଇଁ ପର୍ଯ୍ୟାପ୍ତ ପରିମାଣର ଜାଗା ରହିଛି ନା ନାହିଁ ? ସରକାରୀ ସ୍କୁଲ କଲେଜ ପରିମିସନ୍



ସମୟରେ ସରକାରଙ୍କ ଦ୍ୱାରା ନିର୍ଦ୍ଦିଷ୍ଟ ଜମିର ପରିମାଣ ଦେଖାଇବାକୁ କୁହାଯାଉଛି ସେମିତି ହୋଟେଲ ପାଇଁ ରଖାଯାଇଛି କି ? ଯଦିଓ ନିୟମ ରହିଛି କିନ୍ତୁ କଡାକଡି ପାଳନ କରାଯାଇଛି କି ? ଅଧିକାଂଶ ସମୟରେ ହାତଗୁଞ୍ଜା ଦେଇ ପରିମିସନ୍ ଆଣିବାର ଦେଖାଦେଉଛି।

ଦିଲ୍ଲୀରେ ଘଟିଥିବା ଘଟଣା ନୂଆ ନୁହେଁ। ପୂର୍ବରୁ ଏମିତି ଘଟଣା ବାରମ୍ବାର ଘଟି ଆସିଛି। ସରକାର ମଧ ପ୍ରତିଥର କଠୋର ନିଷ୍ପତ୍ତି ନେବା କଥା କହୁଛନ୍ତି। ଦି ଚାରିଜଣ ଅଫିସ ବାଲାଙ୍କୁ ବଦଳି ଆଦେଶ ଦେଇ ଲୋକ ଦେଖାଣିଆ କାମ କରୁଛନ୍ତି। ଦିଲ୍ଲୀ ଘଟଣାରେ ଅଗ୍ନିଶମ ବାହିନୀ ଠିକଣା ସମୟରେ ଆସିଥିଲେ ସ୍ଥିତିରେ ସୁଧାର ଆସିପାରିଥାଆନ୍ତା ବୋଲି କୁହାଯାଉଛି। ବଡ କଥା ହେଉଛି ସଂକୀର୍ଣ୍ଣ ସ୍ଥାନମାନଙ୍କରେ ହୋଟେଲ ନିର୍ମାଣ କେବେ ବି ଗ୍ରହଣୀୟ ନୁହେଁ। ଏହା ପ୍ରଶାସନ ଦେଖିବା କଥା । ମାତ୍ର କାହିଁକି ଏ ପଙ୍ଗୁତା ?

ବର୍ତ୍ତମାନ ଚିନ୍ତା କରିବା କଥା ଦିନ ମଜୁରିଆ କିଛି ସରକାରୀ ଜମିରେ କୁଡ଼ିଆ କରି ରହିଲେ ନିଷ୍ଠୁର ହୋଇ ଭାଙ୍ଗି ଦେଉଛନ୍ତି ପ୍ରଶାସନ। ଆଇନକାନୁନ ସବୁ ଗରିବ ଖଟିଖିଆ ନିମନ୍ତେ ତିଆରି ହେଲା ପରି ହିଁ ଲାଗୁଛି। ଧନିକ ଶ୍ରେଣୀର ଲୋକ ଲକ୍ଷ ଲକ୍ଷ ବିଲ୍ ବାକି ଥିବ କିନ୍ତୁ ଗରିବ ଲୋକଟିଏ ମାସେ ନ ବାନ୍ଧିଲେ ଲାଇନ କଟାଯାଉଛି। ପାଣି ଯୋଗାଣ ବନ୍ଦ ହେଉଛି। କିନ୍ତୁ ବଡ ବଡ ହୋଟେଲଗୁଡ଼ିକରେ ଖାଦ୍ୟର ମାନ ଯାଞ୍ଚ କରାଯାଉନାହିଁ। ନିଆଁ ନିର୍ବାପିତ ଯନ୍ତ୍ର ବ୍ୟବସ୍ଥା ରହୁନାହିଁ। ସରକାର ଯେଉଁ ଦୃଷ୍ଟିଭଙ୍ଗୀ ଆପଣାଇବା କଥା ତହିଁରେ ଅନେକ ସମୟରେ ତ୍ରୁଟି ଥିବା ପରି ବୋଧ ହେଉଛି। ସରକାର ଏପରି ନିଷ୍ପତ୍ତି ନେବା ବାଞ୍ଛନୀୟ ଯାହା ଆଗକୁ ଜନତାଙ୍କୁ ଆକସ୍ମିକ ମୃତ୍ୟୁମୁଖରୁ ଲୋକଙ୍କୁ ରକ୍ଷା କରିପାରିବ।

ନବରଙ୍ଗପୁର,ମୋ - ୯୪୩୭୭୮୫୧୫୮ ।

# ଲାଇକ,ଫଲୋଅର ଏବଂ ଏକାକୀପଣ

## ପ୍ରଜ୍ଞା ପ୍ରସାଦ ତଥାଗତ

ଆଜିର ମଣିଷ ଏକ ଅଦ୍ଭୁତ ଦ୍ୱୈତ ପୃଥିବୀର ଦୋଛକିରେ ଠିଆ ହୋଇଛି। ଗୋଟିଏ ପଟେ ସେହି ସ୍ୱର୍ଣ୍ଣକ୍ଷମ



ବାସ୍ତବତା, ଯାହାକୁ ସେ ଛୁଇଁପାରେ ଓ ଅନୁଭବ କରିପାରେ; ଅନ୍ୟପଟେ କେବଳ ପରଦାର ଆଲୋକରେ ପ୍ରତିଫଳିତ ଏକ ମାୟାବୀ ଆଭାସୀ ଦୁନିଆ। ଏକ ପକ୍ଷରେ ଅଛି ମାଟିର ସୁଗନ୍ଧ, ସମ୍ପର୍କର ଉଷ୍ମତା, ନିଷ୍କପଟ ହାସ୍ୟରୋଳ ଏବଂ ଆଖିର ଅଶ୍ରୁର ପବିତ୍ର ସତ୍ୟତା; ଅନ୍ୟପଟେ କେବଳ ସ୍କ୍ରିନର ଉଜ୍ଜ୍ୱଳତା, ଡିଜିଟାଲ ପରିଚୟ, କୃତ୍ରିମ ସାନ୍ନିଧ ଓ ଏକ ଅଦୃଶ୍ୟ ନିର୍ଜନତା। ଏହି ଦୁଇ ବିପରୀତ ମେରୁ ମଧ୍ୟରେ ଆଜିର ମାନବ ସମାଜ ନିଜର ପ୍ରକୃତ ଅସ୍ତିତ୍ୱକୁ ଖୋଜିବାରେ ବ୍ୟାକୁଳ।

ଅତୀତରେ ମଣିଷର ଜୀବନ ପ୍ରକୃତି ଓ ସାମାଜିକ ସଂହତି ସହ ଓତପ୍ରୋତ ଭାବେ ଜଡ଼ିତ ଥିଲା। ସକାଳର ପ୍ରଭାତୀ ସ୍ୱରଠାରୁ ଆରମ୍ଭ କରି ସନ୍ଧ୍ୟାରେ ପରିବାରର ମେଳରେ ସମୟ ଅତିବାହିତ କରିବା ପର୍ଯ୍ୟନ୍ତ, ସମ୍ପର୍କର ମୂଲ୍ୟାଙ୍କନ ତ୍ୟାଗ, ସମୟ ଓ ସ୍ନେହ ଆଧାରରେ ହେଉଥିଲା। କିନ୍ତୁ ପ୍ରଯୁକ୍ତିବିଦ୍ୟାର ଦ୍ରୁତ ବିବର୍ତ୍ତନ ମାନବ ଜୀବନକୁ ଏଭଳି ଭାବେ ଆବୃତ କରିନେଇଛି ଯେ,ସେ ବାସ୍ତବତା ଅପେକ୍ଷା ଆଭାସୀକୁ ଅଧିକ ଆଲିଙ୍ଗନ କରିବା ଆରମ୍ଭ କରିଛି ।ଏବେ ମଣିଷ ଗୃହର କୋଣରେ ବସି ସୁଦୂର ପ୍ରଦେଶର ଅଜଣା ବ୍ୟକ୍ତି ସହ ସଂଯୁକ୍ତ ହୋଇପାରୁଛି ସତ,ମାତ୍ର ନିକଟରେ ବସିଥିବା ଆତ୍ମୀୟ ସ୍ୱଜନର ଗଭୀର ବେଦନାକୁ ବୁଝିବାକୁ ସେ ସମ୍ପୂର୍ଣ୍ଣ ଅସମର୍ଥ।

ଏହି ଆଭାସୀ ଜଗତର ସବୁଠାରୁ ବଡ଼ ସଂକଟ ହେଉଛି ଏହାର ପ୍ରଲୋଭନକାରୀ ଚମକ। ସାମାଜିକ ଗଣମାଧ୍ୟମର ପୃଷ୍ଠାରେ ପ୍ରତ୍ୟେକ ବ୍ୟକ୍ତି ନିଜର ଏକ ସୁସଜ୍ଜିତ ଓ ସଫଳ ଚେହେରା ଉପସ୍ଥାପନ କରିବାର ମାରାଥନରେ ଦୌଡୁଛି। ସେଠାରେ ହସର ଚିତ୍ର ଅଛି,କିନ୍ତୁ ହୃଦୟର ସ୍ପନ୍ଦନ ନାହିଁ। ଫଳସ୍ୱରୂପ,ମଣିଷ ଅନ୍ୟର ସେହି କୃତ୍ରିମ ଜୀବନ ସହ ନିଜକୁ ତୁଳନା କରି ନିଜ ଭିତରେ ଏକ ଅହେତୁକ ଅପୂର୍ଣ୍ଣତା ଓ ଅବସାଦ ଅନୁଭବ କରୁଛି। ବିଶେଷ କରି ଯୁବପିଢ଼ି ଏହି ମାୟାଜାଲର ମୁଖ୍ୟ ନିବାସୀ ସାଜିଛନ୍ତି,ଯେଉଁଠାରେ ଆବେଗ ଏବେ ‘ଇମୋଜି’ରେ ରୂପାନ୍ତରିତ, ଅଭିମାନ ‘ବ୍ଲକ୍’ ଭିତରେ ସୀମିତ ଏବଂ ଆତ୍ମୀୟତା ‘ଅନଲାଇନ୍’ ଚାଟିଂର ପରିଧି ଭିତରେ ଆବଦ୍ଧ।

ତେବେ, ପ୍ରଯୁକ୍ତିବିଦ୍ୟାକୁ ସମ୍ପୂର୍ଣ୍ଣ ରୂପେ ପ୍ରତ୍ୟାଖ୍ୟାନ କରିବା ଆଧୁନିକତାର ପରିପନ୍ଥୀ।ଏହା ମାନବ ସମାଜକୁ ଜ୍ଞାନର ଦିଗନ୍ତ ଦେଇଛି,ଦୂରତା ହ୍ରାସ କରିଛି ଏବଂ ବିଶ୍ୱକୁ ଏକ କ୍ଷୁଦ୍ର ଗ୍ରାମରେ ପରିଣତ କରିଛି ।ସମସ୍ୟା ପ୍ରଯୁକ୍ତିବିଦ୍ୟା ଭିତରେ ନାହିଁ, ବରଂ ଏହାର ଅସନ୍ତୁଳିତ ଓ ଅନ୍ଧାନୁକରଣମୂଳକ ବ୍ୟବହାର ଭିତରେ ରହିଛି। ଯେତେବେଳେ ପ୍ରଯୁକ୍ତି ମଣିଷର ସାହାଯ୍ୟକାରୀ ନୁହେଁ, ବରଂ ତାର ନିୟନ୍ତ୍ରକ ସାଜିଯାଏ, ସେତେବେଳେ ଜୀବନର ସନ୍ତୁଳନ ବିଗିଡ଼ିଯାଏ ।ଆଜିର ମାନବ ସଭ୍ୟତା ସବୁଠାରୁ ବଡ଼ ଏକାକୀପଣର ଶିକାର। ହଜାର ହଜାର ‘ଫଲୋଅର୍ସ’ ଏବଂ ‘ଲାଇକ୍ସ’ର ପ୍ରାଚୁର୍ଯ୍ୟ ସତ୍ତ୍ୱେ ମନର କଥା କହିବାକୁ ଜଣେ ସହୃଦୟ ମଣିଷର ଅଭାବ ଅନୁଭୂତ ହେଉଛି ।ଏହି ଡିଜିଟାଲ ଜଗତ ମଣିଷର ମୂଲ୍ୟବାନ ସମୟ ସହ ତାର ଅନୁଭୂତିର କ୍ଷମତାକୁ ମଧ ଗ୍ରାସ କରୁଛି। ସୂର୍ଯ୍ୟାସ୍ତର ସୌନ୍ଦର୍ଯ୍ୟ ଉପଭୋଗ କରିବା ଅପେକ୍ଷା କ୍ୟାମେରାରେ କଏଦ କରିବା କିମ୍ବା ବର୍ଷାର ପ୍ରଥମ ସ୍ପର୍ଶକୁ ଆଘ୍ରାଣ କରିବା ଅପେକ୍ଷା ‘ଷ୍ଟାଟସ୍’ ଦେବା ଆଜିର ମଣିଷ ପାଇଁ ଅଧିକ ଜରୁରୀ ହୋଇପଡ଼ିଛି। ସୂଚନାର ବିସ୍ଫୋରଣ ଭିତରେ ପ୍ରଜ୍ଞା ଓ ମାନବିକ ସମ୍ବେଦନଶୀଳତା ଧୀରେ ଧୀରେ ହ୍ରାସ ପାଉଛି।

ବର୍ତ୍ତମାନର ସମୟ ଆଭାସୀ ଦୁନିଆର ବେଗ ସହ ବାସ୍ତବ ଜଗତର ଆବେଗ ମଧ୍ୟରେ ଏକ ସଠିକ ସମନ୍ୱୟ ଲୋଡୁଛି ।ଆଭାସୀ ଦୁନିଆ ଆମକୁ ଗତି ଦେଇପାରେ,କିନ୍ତୁ ବାସ୍ତବ ଜଗତ ହିଁ ଆମକୁ ସ୍ଥିରତା ଓ ମୂଳଦୁଆ ପ୍ରଦାନ କରିଥାଏ। ଗତି ବିନା ଜୀବନ ସ୍ଥାଣୁ ହୋଇଯାଏ, ମାତ୍ର ସୁଦୃଢ଼ ମୂଳଦୁଆ ବିନା ଜୀବନର ଅସ୍ତିତ୍ୱ ଭୁଶୁଡ଼ି ପଡ଼େ। ତେଣୁ, ଆମକୁ ପ୍ରଯୁକ୍ତିର ବ୍ୟବହାର କରିବାକୁ ହେବ, କିନ୍ତୁ ତାର ମାନସିକ ଦାସତ୍ୱରୁ ମୁକ୍ତ ରହିବାକୁ ପଡ଼ିବ।

ମଣିଷ ଯେତେବେଳେ ପୁନର୍ବାର ପ୍ରକୃତିର ସ୍ୱରକୁ ଶୁଣିବ,ପରିବାର ସହ କିଛି ମୂଲ୍ୟବାନ ମୁହୂର୍ତ୍ତ ଅତିବାହିତ କରିବ ଏବଂ ନିଜର ଅନ୍ତରାତ୍ମା ସହ ସଂଯୁକ୍ତ ହେବ,ସେତେବେଳେ ସେ ବୁଝିପାରିବ ଯେ ବାସ୍ତବ ଜୀବନର ଅନୁଭୂତି କେତେ ଗଭୀର ଓ ଅନନ୍ୟ। ଜୀବନର ପ୍ରକୃତ ସ୍ପନ୍ଦନ କୌଣସି ଡିଜିଟାଲ ‘ନୋଟିଫିକେସନ୍’ ରେ ନ ଥାଏ, ତାହା କେବଳ ସ୍ୱର୍ଣ୍ଣକ୍ଷମ ହୃଦୟର ନିଷ୍କପଟ ଆଦାନପ୍ରଦାନରେ ହିଁ ସମ୍ଭବ। ଆଭାସୀ ଦୁନିଆ ଆମକୁ କେବଳ କ୍ଷଣିକ ଚମକ ଦେଖାଏ,ମାତ୍ର ବାସ୍ତବତା ଆମକୁ ଜୀବନ ଜୀଇଁବାର ସାର୍ଥକ କଳା ଶିଖାଏ।

**ଓଡ଼ିଶା ଆଦର୍ଶ ବିଦ୍ୟାଳୟ**
**ରମ୍ଭା,ଗଞ୍ଜାମ**

# ବୁଲେଟ୍ ଟ୍ରେନ୍ ପ୍ରକଳ୍ପରେ ଇଞ୍ଜିନିୟରିଂ ମାଇଲଖୁଣ୍ଟ

ମହାରାଷ୍ଟ୍ରର ପାଲଘର ଜିଲ୍ଲାର ଦହାନୁ ତାଲୁକାର ଆମ୍ବେସରୀ ଗ୍ରାମରେ ତୃତୀୟ ମାଉଣ୍ଟେନ ଟନେଲ (ଏମଟି-୦୭) ର ସଫଳ ସଫଳତା ସହିତ ମୁମ୍ବାଇ-ଅହମ୍ମଦାବାଦ ବୁଲେଟ୍ ଟ୍ରେନ୍ ପ୍ରକଳ୍ପରେ ଏକ ପ୍ରମୁଖ ଇଞ୍ଜିନିୟରିଂ ମାଇଲଖୁଣ୍ଟ ହାସଲ କରାଯାଇଛି ।ଏହି ସଫଳତା



ସହିତ, ଗତ ପାଞ୍ଚ ମାସ ମଧ୍ୟରେ ମହାରାଷ୍ଟ୍ରରେ ତିନୋଟି ମାଉଣ୍ଟେନ ଟନେଲ ସଫଳତା ସମ୍ପନ୍ନ ହୋଇଛି, ଯାହା ଭାରତର ପ୍ରଥମ ହାଇ-ସ୍ପିଡ୍ ରେଳ କରିଡରର ସବୁଠାରୁ ବୈଷୟିକ ଦୃଷ୍ଟିରୁ ଆହ୍ୱାନପୂର୍ଣ୍ଣ ବିଭାଗରେ ଦ୍ରୁତ ଅଗ୍ରଗତିକୁ ପ୍ରତିଫଳିତ କରୁଛି ।ନୂତନ ଭାବେ ସମ୍ପୂର୍ଣ୍ଣ ହୋଇଥିବା ଏମ. ଟି.-୦୭ ମାଉଣ୍ଟେନ ଟନେଲର ଲମ୍ବ ୪୧୭ ମିଟର ଏବଂ ଓସାର ୧୪.୪ ମିଟର, ଯାହା ବୁଲେଟ୍ ଟ୍ରେନ୍ କରିଡରର ଉଭୟ ଉପର ଏବଂ ତଳ ଟ୍ରାକକୁ ସ୍ଥାନିତ କରିବା ପାଇଁ ପରିକଳ୍ପନା କରାଯାଇଛି। ଉନ୍ନତ ଇଞ୍ଜିନିୟରିଂ ଏବଂ ସୁରକ୍ଷା ପ୍ରୋଟୋକଲ ଦ୍ୱାରା ସମର୍ଥିତ, ଉଭୟ ପାର୍ଶ୍ୱରୁ ଏକ ନିୟନ୍ତ୍ରିତ ଖନନ ଏବଂ ବିସ୍ଫୋରଣ ପଦ୍ଧତି ମାଧ୍ୟମରେ ସୁଡ଼ଙ୍ଗ ଖନନ କରାଯାଇଥିଲା ।

ସମଗ୍ର ଖନନ ପ୍ରକ୍ରିୟାରେ, ଢାଞ୍ଚାଗତ ସ୍ଥିରତା, ଶ୍ରମିକ ସୁରକ୍ଷା ଏବଂ ସଠିକ୍ କାର୍ଯ୍ୟକାରିତା ସୁନିଶ୍ଚିତ କରିବା ପାଇଁ ଅତ୍ୟାଧୁନିକ ମନିଟରିଂ ସିଷ୍ଟମ ଏବଂ ଭୂ-ବୈଷୟିକ ଉପକରଣ ନିୟୋଜିତ କରାଯାଇଥିଲା। ସର୍ଫେସ ସେଟେଲମେଣ୍ଟ ପଏଣ୍ଟ (ଏସ୍. ଏସ୍. ପି.), ୩ଡି ଲକ୍ଷ୍ୟ, ଷ୍ଟ୍ରେନ୍ ଗେଜ ଏବଂ ସିସମୋଗ୍ରାଫ୍ ସମେତ ରିଅଲ୍ ଟାଇମ୍ ମନିଟରିଂ ବ୍ୟବସ୍ଥା କମ୍ପନ, ସୁଡ଼ଙ୍ଗ ଆଚରଣ ଏବଂ ଆଖପାଖର ସଂରଚନା ଉପରେ ନିରନ୍ତର ନଜର ରଖିଥିଲା। ଟନେଲ କାର୍ଯ୍ୟ ସମୟରେ ବାୟୁ ଚଳାଚଳ ବ୍ୟବସ୍ଥା, ଅଗ୍ନି-ସୁରକ୍ଷା ବ୍ୟବସ୍ଥା, ନିୟନ୍ତ୍ରିତ ପ୍ରବେଶ ଏବଂ ନିରନ୍ତର ଭୂ-ବୈଷୟିକ ତଦାରଖ ସମେତ ବ୍ୟାପକ ଶ୍ରମିକ-ସୁରକ୍ଷା ପଦକ୍ଷେପ ବଜାୟ ରଖାଯାଇଥିଲା।

ପ୍ରକଳ୍ପର ମହାରାଷ୍ଟ୍ର ଭାଗରେ ହାସଲ ହୋଇଥିବା ପୂର୍ବ ମାଇଲଖୁଣ୍ଟ ଉପରେ ସଦ୍ୟତମ ସଫଳତା ନିର୍ମାଣ କରେ । ୧.୫ କିଲୋମିଟର ବ୍ୟାପୀ ପ୍ରଥମ ମାଉଣ୍ଟେନ ଟନେଲ (ଏମ. ଟି.-୦୫), ପାଲଘର ଜିଲ୍ଲାର ସଫାଲେ ନିକଟରେ ୨ ଜାନୁଆରୀ ୨୦୨୬ରେ ହାସଲ କରାଯାଇଥିଲା, ଯାହା ମହାରାଷ୍ଟ୍ରର ବୁଲେଟ୍ ଟ୍ରେନ୍ ପ୍ରକଳ୍ପ ପାଇଁ ପ୍ରଥମ ସଫଳ ମାଉଣ୍ଟେନ ଟନେଲ ସଫଳତାକୁ ଦର୍ଶାଇଛି । ଏହା ପରେ ୩, ଫେବୃଆରୀ ୨୦୨୬ ରେ ଦ୍ୱିତୀୟ ସଫଳତା (ଏମଟି-୦୬) ହୋଇଥିଲା, ଯେଉଁଥିରେ ନ୍ୟୁ ଅଷ୍ଟ୍ରିଆନ୍ ଟନେଲିଂ ପଦ୍ଧତି (ଏନଏଟିଏମ) ବ୍ୟବହାର କରି ଖନନ କରାଯାଇଥିବା ୪୫୪ ମିଟର ଲମ୍ବ ସୁଡ଼ଙ୍ଗ ଅନ୍ତର୍ଭୁକ୍ତ ଥିଲା, ଯାହାର ଫଳସ୍ୱରୂପ ପାଲଘର ଜିଲ୍ଲାରେ ପ୍ରାୟ ଏକ ମାସ ମଧ୍ୟରେ ଦୁଇଟି ସଫଳତା ହାସଲ କରାଯାଇଥିଲା।

ମୁମ୍ବାଇ-ଅହମ୍ମଦାବାଦ ବୁଲେଟ୍ ଟ୍ରେନ୍ ପ୍ରକଳ୍ପ ଉନ୍ନତ ଟନେଲିଙ୍ଗ୍, ମନିଟରିଂ ଏବଂ ନିର୍ମାଣ ପ୍ରଯୁକ୍ତିବିଦ୍ୟା ଗ୍ରହଣ କରିବା, ହାଇ-ସ୍ପିଡ୍ ରେଳ ଭିତ୍ତିଭୂମିରେ ଭାରତର କ୍ଷମତାକୁ ମଜବୁତ କରିବା ଏବଂ ନିରାପଦ, ଆଧୁନିକ ଏବଂ ଭବିଷ୍ୟତ ପାଇଁ ପ୍ରସ୍ତୁତ ରେଳ ଗତିବିଧି ପାଇଁ ମୂଳଦୁଆ ପକାଇବା ଜାରି ରଖିଛି ।(ପିଆଇବି)

# ବିପଦସଂକୁଳ ଅବସ୍ଥାରେ ବିଲ ଗୋରାଡ଼ା ଉପ୍ରା ବିଦ୍ୟାଳୟ ବାରଣ୍ଡାରୁ ଖସିଲା ସିଲିଂ, ଛୁଟି ଥିବାରୁ ଅଘଟଣରୁ ବର୍ତ୍ତିଲା

ପିପିଲି,୫ ।୬ (ନିପ୍ର): ନିମାପଡା ଶିକ୍ଷା ଜିଲ୍ଲା ଅଧୀନସ୍ଥ ସାଇଁଶ ପଞ୍ଚାୟତର ବିଲ ଗୋରଡ଼ା ଉପ୍ରା ବିଦ୍ୟାଳୟ ବିପଦସଙ୍କୁଳ ଅବସ୍ଥାରେ ରହିଛି। ଦୀର୍ଘଦିନ ହେବ ବିଦ୍ୟାଳୟ ଛାତ ସିଲିଂ ଫାଟି ରଡ ବାହାରକୁ ଦେଖାଯାଉଥିଲା ବେଳେ ଏହାର ମରାମତି କରାଯାଉ ନଥିବା ନେଇ ଗ୍ରାମବାସୀ ମାନେ ଅଭିଯୋଗ କରିଛନ୍ତି। ଫଳରେ ଏହି ବିଦ୍ୟାଳୟରେ ପଢୁଥିବା ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ୩୦ରୁ ଉର୍ଦ୍ଧ୍ୱ ଛାତ୍ର ଛାତ୍ରୀ ଓ ଶିକ୍ଷକମାନଙ୍କ



ଜୀବନ ପ୍ରତି ବିପଦ ସୃଷ୍ଟି ହୋଇଛି। ବୁଧବାର ରାତିରେ ଏହି ବିଦ୍ୟାଳୟ ବାରଣ୍ଡାରୁ ପାଖପାଖି ୩ଫୁଟ ଓସାରର ସିଲିଂ ଛିଣ୍ଡି ପଡ଼ିଥିଲା। ବର୍ତ୍ତମାନ ବିଦ୍ୟାଳୟ ଛୁଟି ଥିବାରୁ ଏକ ବଡଧରଣର ବିପଦରୁ ବର୍ତ୍ତି ଯାଇଛି। ୧୫ଦିନ ପରେ ବିଦ୍ୟାଳୟ ଖୋଲାଯିବାକୁ ଥିବା ବେଳେ ବିଦ୍ୟାଳୟର ଏଭଳି ଅବସ୍ଥାକୁ ନେଇ ଅଭିଭାବକମାନେ ଚିନ୍ତିତ ଥିବା ବେଳେ ମରାମତି ନ ହେଲେ ସେମାନେ ତାଙ୍କ ପିଲାଙ୍କୁ ବିଦ୍ୟାଳୟ ଛାଡିବେନି ବୋଲି କହିଛନ୍ତି। ବ୍ଲକ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ବିଦ୍ୟାଳୟ ମରାମତି କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ଏସ୍‌ଟିଏସି ବର୍ଗର ଏଆର୍‌ଆଇ ଓ ଅମିନ ପଦୋନ୍ନତିରୁ ବଞ୍ଚିତ



କେନ୍ଦୁଝର,୫ ।୬ (ନିପ୍ର): କେନ୍ଦୁଝର ଜିଲ୍ଲାର ଏସଟି ଓ ଏସସି ବର୍ଗର ଏଆରଆଇ ଓ ଅମିନ କ୍ୟାଡର କର୍ମଚାରୀଙ୍କ ପଦୋନ୍ନତିରେ ବିଳମ୍ବ ହେଉଛି । ଏ ନେଇ ଆଜି ପଦୋନ୍ନତିରୁ ବଂଚିତ କର୍ମଚାରୀମାନେ ଜିଲ୍ଲାପାଳଙ୍କୁ ଗୁହାରୀ ଜଣାଇଛନ୍ତି। ପୂର୍ବରୁ ବାରମ୍ବାର ଅଭିଯୋଗ ଜଣାଇଥିଲେ କୋର୍ଟ ଏବଂ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଆଦେଶ ସତ୍ତ୍ୱେ ଜିଲ୍ଲା ପ୍ରଶାସନ ସେମାନଙ୍କୁ ପଦୋନ୍ନତିରୁ ବଂଚିତ କରୁଥିବା ପ୍ରକାଶ କରିଛନ୍ତି । ନିଜର ଯୋଗ୍ୟତା ଓ ବରିଷ୍ଠତା ଭିତ୍ତିରେ ଅଣ ସଂରକ୍ଷିତ ପଦବୀରେ ରାଜସ୍ୱ ନୀରିକ୍ଷକ(ଆରଆଇ) ଭାବେ ପଦୋନ୍ନତି ଦେବା ପାଇଁ ଏକ ରିଭ୍ୟୁ ବିଭାଗୀୟ ପଦୋନ୍ନତି କମିଟି(ଡିପିସି) ଗଠନ କରିବାକୁ ସ୍ମାରକପତ୍ର ମାଧ୍ୟମରେ ଅନୁରୋଧ କରିଛନ୍ତି । ଆବେଦନକାରୀଙ୍କ ସୂଚନା ଅନୁଯାୟୀ,ସେମାନେ କେନ୍ଦୁଝର ଜିଲ୍ଲା ଅଧୀନରେ କାର୍ଯ୍ୟରତ ଏବଂ ବିଭାଗୀୟ ପରୀକ୍ଷାରେ ମଧ୍ୟ ଉତ୍ତୀର୍ଣ୍ଣ ହୋଇ ସାରିଛନ୍ତି । ଓଡିଶା ଜିଲ୍ଲା ରାଜସ୍ୱ ସେବା ନିୟମାବଳୀ-୧୯୮୩ ର ରୁଲ-୧୧ ଏବଂ ମାନ୍ୟବର ଉଚ୍ଚ ନ୍ୟାୟାଳୟ ଦ୍ୱାରା ଦିଆଯାଇଥିବା ବିଭିନ୍ନ ନିର୍ଦ୍ଦେଶ (ଡବ୍ଲୁଏ ନଂ ୧୭୭୯ ଅଫ୍ ୨୦୨୫ ଓ ଆଇଏ ନଂ ୪୩୪୫ ଅଫ୍ ୨୦୨୫) ଅନୁସାରେ କୋର୍ଟ କୌଣସି ରିଭ୍ୟୁ ଡିପିସି ଉପରେ ରୋକ ଲଗାଇ ନାହାଁନ୍ତି । ଏଥିସହ ହାଇକୋର୍ଟ ଡବ୍ଲୁପି(ସି) ନଂ ୭୬୭୪/୨୦୨୫ ରେ ସ୍ପଷ୍ଟ କରିଛନ୍ତି ଯେ, ବରିଷ୍ଠ ଏସ୍‌ଟିଏସି କର୍ମଚାରୀମାନଙ୍କୁ ଓଡିଶା ସିଭିଲ ସର୍ଭିସେସ ରୁଲ-୩-ଏ(ସଂଶୋଧନ ନିୟମାବଳୀ-୨୦୨୨) ଏବଂ ଭାରତୀୟ ସମ୍ବିଧାନର ଧାରା ୧୬ (୪-ଏ) ଅନୁଯାୟୀ ନିଜ ଯୋଗ୍ୟତା ବଳରେ ଅଣ ସଂରକ୍ଷିତ ପଦବୀ ପାଇଁ ବିଚାର କରାଯାଇପାରିବ ।

ଆବେଦନପତ୍ରରେ ଦର୍ଶାଯାଇଛି ଯେ,ସାଧାରଣ ପ୍ରଶାସନ ବିଭାଗର ନିର୍ଦ୍ଦେଶକୁ ଆଧାର କରି ରାଜ୍ୟ ଜଳସମ୍ପଦ ବିଭାଗ ଏବଂ ସମ୍ବଲପୁର,ପୁରୀ ଭଳି ଜିଲ୍ଲାର ଜିଲ୍ଲାପାଳମାନେ ନିଜ ଯୋଗ୍ୟତା ଭିତ୍ତିରେ ବରିଷ୍ଠ ଏସ୍‌ଟିଏସି କର୍ମଚାରୀମାନଙ୍କୁ ପଦୋନ୍ନତି ପ୍ରଦାନ କରିଥିବାବେଳେ କେନ୍ଦୁଝର ଜିଲ୍ଲାରେ ଏହି ବର୍ଗର କର୍ମଚାରୀମାନେ ପଦୋନ୍ନତିରୁ ବଂଚିତ ହୋଇଛନ୍ତି । ଏ ନେଇ ଆଜି କେନ୍ଦୁଝର ଜିଲ୍ଲାର ଏଆରଆଇ ଓ ଅମିନ କ୍ୟାଡରର କ୍ଷମାନିଧି ନାଏକ,ଭୋଳେଶ୍ୱର ପାତ୍ର,ନକୁଳ ସେଠୀ,ବୁଲୁ ମହାରଣା, ସୁଶାନ୍ତ କୁମାର ସେଠୀ, ବିକାଶ ସେଠୀ,ପ୍ରଶାନ୍ତ କୁମାର ସେଠୀ, ବିଜୟାନନ୍ଦ ଅମାନ୍ତ, ନିରଞ୍ଜନ ବେହେରା, ପିତାମ୍ବର ପାତ୍ର, ତପନ କୁମାର ଦେହୁରୀ, ରଞ୍ଜନ କୁମାର ନାୟକ, ବିଜୟ କୁମାର ହୋ, ରବିନାରାୟଣ ନାଏକ,ଦୀପକ କୁମାର ହେମ୍ବ୍ରମ, ସାଗରିକା ନାଏକ, ପୂର୍ଣ୍ଣଚନ୍ଦ୍ର ମାଝୀ ପ୍ରମୁଖ ସ୍ମାରକପତ୍ର ଦେଇ ବିହିତ ପଦକ୍ଷେପ ନେବାକୁ ନିବେଦନ କରିଛନ୍ତି । ଏହି ସ୍ମାରକପତ୍ରର ନକଲ ରାଜସ୍ୱ ବିଭାଗର ଉପସଚିବ, ଉତ୍ତରାଞ୍ଚଳ ରାଜସ୍ୱ କମିଶନର, ସମ୍ବଲପୁର ଅବଗତି ଏବଂ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରଦାନ କରିଛନ୍ତି ।

# ବିଶ୍ୱ ପରିବେଶ ଦିବସ-୨୦୨୬ ଆଲୋଚନାଚକ୍ର

ରାଉରକେଲା ୫/୬ (ନିପ୍ର): ବିଶ୍ୱ ପର୍ଯ୍ୟାବରଣ ଦିବସ-୨୦୨୬ ଉପଲକ୍ଷେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ରାଉରକେଲା ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ସେକ୍ଟର-୧୯ ସିଭିକ୍ ସେଣ୍ଟର୍ ଠାରେ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଅତିଥିମାନଙ୍କ ମଧ୍ୟରେ ଜାତୀୟ ପ୍ରଯୁକ୍ତିବିଦ୍ୟା ପ୍ରତିଷ୍ଠାନ ର ପରିବେଶ ବିଭାଗ ପ୍ରଫେସର ହିଂମାଂଶୁ ଭୂଷଣ ସାହୁ, ଶିଳ୍ପ ଓ ବାଣିଜ୍ୟ ବିଭାଗ ଉପନିର୍ଦ୍ଦେଶକ ବିଭୁ ପ୍ରସାଦ, ରାଉରକେଲା ଡିଏଫ୍‌ଓ ରବିକାନ୍ତ ମିନା, ରାଉରକେଲା ଇସ୍ପାତ କାରଖାନା ପରିବେଶ ବିଭାଗ ମୁଖ୍ୟ ସାଧାରଣ ପରିଚାଳକ ଆଶା ସୁନୀଲ କାର୍ଥା, ପରିବେଶ ବିଜ୍ଞାନୀ ଡକ୍ଟର ଏ. ଜି. ସାମଲ, ଅତିରିକ୍ତ ପରିବେଶ ବିଜ୍ଞାନୀ ତଥା ରାଉରକେଲା ଆଞ୍ଚଳିକ ଅଧିକାରୀ ଡକ୍ଟର ଅନୁପ କୁମାର ମଲ୍ଲିକ ପ୍ରମୁଖ ଯୋଗଦେଇ ବିଶ୍ୱ ପରିବେଶ ଦିବସ-୨୦୨୬ ଆଲୋଚନାଚକ୍ରରେ ଅଂଶଗ୍ରହଣ କରି ଉପସ୍ଥିତ ଥିବା ବିଭିନ୍ନ ଶିଳ୍ପ ଓ ଖଣିଜ ପ୍ରତିଷ୍ଠାନର ପ୍ରତିନିଧି, ସ୍ୱାସ୍ଥ୍ୟ ସେବାରେ ନିୟୋଜିତ ପ୍ରତିନିଧି, ଛାତ୍ରଛାତ୍ରୀ, ବରିଷ୍ଠ ନାଗରିକ, ସରକାରୀ ଅଧିକାରୀ, ବିଭିନ୍ନ ଶିକ୍ଷାନୁଷ୍ଠାନର ପ୍ରତିନିଧି ଏବଂ ସାମାଜିକ ଅନୁଷ୍ଠାନର ପ୍ରତିନିଧିଙ୍କୁ ପରିବେଶକୁ ସୁସ୍ଥ ରଖିବା ପାଇଁ ଆବଶ୍ୟକୀୟ ପଦକ୍ଷେପ ସମ୍ପର୍କରେ ଆଲୋକପାତ କରିଥିଲେ। ବିଶ୍ୱ ପରିବେଶ ଦିବସ ପାଳନ ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ସମ୍ମୁଖରେ ପ୍ରଦୀପ ପ୍ରଜ୍ୱଳନ କରାଯାଇ କାର୍ଯ୍ୟକ୍ରମ ଆରମ୍ଭ କରାଯିବା ସହିତ ମଧ୍ୟାନ୍ତରରେ ପରିବେଶକୁ ସୁସ୍ଥ ରଖିବା ପାଇଁ ବିବେକାନନ୍ଦ ଦାସଙ୍କ ଏକ ପଥପ୍ରାନ୍ତ ନାଟିକା ପରିବେଷଣ କରାଯାଇଥିଲା।

# ବୁଗୁଡ଼ା ବ୍ଲକର ୨୧ ପଞ୍ଚାୟତରେ ବ୍ୟାପକ ସଫେଇ

ବୁଗୁଡ଼ା,୫ ।୬ (ନିପ୍ର): ବିଶ୍ୱ ପରିବେଶ ଦିବସ ଅବସରରେ ଗଞ୍ଜାମ ଜିଲ୍ଲା ବୁଗୁଡ଼ା ବ୍ଲକର ସମସ୍ତ ୨୧ଟି ପଞ୍ଚାୟତରେ ବ୍ୟାପକ ସଫେଇ ଅଭିଯାନ ଓ ପରିବେଶ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଗ୍ରାମର ରାସ୍ତାଘାଟ, ନାଳନର୍ଦ୍ଦମା ଓ ସର୍ବସାଧାରଣ ସ୍ଥାନଗୁଡ଼ିକୁ ସଫା ସୁତୁରା କରାଯିବା ସହ ସ୍ଥାନୀୟ ଲୋକଙ୍କୁ ପରିବେଶ ସୁରକ୍ଷା ସମ୍ପର୍କରେ ସଚେତନ କରାଯାଇଥିଲା। ଏହି ଅବସରରେ ସ୍ଥାନୀୟ ଜନପ୍ରତିନିଧି, ସରକାରୀ କର୍ମଚାରୀ, ମିଶନ ଶକ୍ତିର ମା'ମାନେ, ବିଭିନ୍ନ ସ୍ୱୟଂସେବୀ ସଂଗଠନର କର୍ମକର୍ତ୍ତା, ଛାତ୍ରଛାତ୍ରୀ ଏବଂ ସାଧାରଣ ଜନତା ସକ୍ରିୟ

**ବିଶ୍ୱ ପରିବେଶ ଦିବସ**

ଭାବେ ଅଂଶଗ୍ରହଣ କରିଥିଲେ। ପରିବେଶକୁ ପ୍ରଦୂଷଣମୁକ୍ତ ରଖିବା ପାଇଁ ପ୍ଲାଷ୍ଟିକ ବ୍ୟବହାର ବର୍ଜନ କରିବା, ବ୍ୟାପକ ବୃକ୍ଷରୋପଣ କରିବା ଏବଂ ନିଜ ଅଞ୍ଚଳକୁ ସ୍ୱଚ୍ଛ ରଖିବା ପାଇଁ ଏହି ଅବସରରେ ସମସ୍ତଙ୍କୁ ସମୂହ ଶପଥ ପାଠ କରାଯାଇଥିଲା। ସଫେଇ କାର୍ଯ୍ୟକୁ ସୁଚାରୁରୂପେ ପରିଚାଳନା କରିବା ପାଇଁ ପ୍ରତ୍ୟେକ ପଞ୍ଚାୟତରେ ଜଣେ ଜଣେ ନୋଡାଲ ଅଫିସର ଉପସ୍ଥିତ ରହି ସମସ୍ତ କାର୍ଯ୍ୟର ତଦାରଖ କରିଥିଲେ। ବୁଗୁଡ଼ା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦୁତିକୃଷ୍ଣ ପାତ୍ର ଏବଂ ସହକାରୀ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଧର୍ମରାଜ ପରିଡା ତାକରଡ଼ା ପଞ୍ଚାୟତର ମତାଝରି ଗ୍ରାମରେ ଉପସ୍ଥିତ ରହି ସଫେଇ କାର୍ଯ୍ୟରେ ସାମିଲ ହୋଇଥିଲେ। ଏହି ଅବସରରେ ବାର୍ତ୍ତା ଦେଇ ବିଡ଼ିଓ ଶ୍ରୀ ପାତ୍ର କହିଥିଲେ ଯେ, ବର୍ତ୍ତମାନ ସମୟରେ ଜଳବାୟୁ ପରିବର୍ତ୍ତନ, ବଢୁଥିବା ପ୍ରଦୂଷଣ ଓ ପ୍ଲାଷ୍ଟିକ ବର୍ଜ୍ୟବସ୍ତୁ ସାରା ବିଶ୍ୱ ପାଇଁ ଏକ ବଡ଼ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ସମସ୍ତଙ୍କ ମିଳିତ ସହଯୋଗ ଦ୍ୱାରା ହିଁ ଏକ ସୁସ୍ଥ ଓ ସବୁଜ ପରିବେଶ ଗଠନ ସମ୍ଭବ।' ଏଥିସହ ସେ "ସ୍ୱଚ୍ଛ ଗାଁ, ସୁସ୍ଥ ପରିବେଶ"ର ବାର୍ତ୍ତା ଦେଇ ସମସ୍ତଙ୍କୁ ସଚେତନ କରାଇଥିଲେ।

# ବିଶ୍ୱ କ୍ଲବ୍‌ଫୁଟ୍ ଦିବସ : ୭୨ ଶିଶୁଙ୍କ ବଙ୍କା ପାଦ ହେଲା ସିଧା

ଭବାନୀପାଟଣା,୫ ।୬ (ନିପ୍ର): -ଜାତୀୟ ସ୍ୱାସ୍ଥ୍ୟ ମିଶନ ଅଧୀନରେ କାର୍ଯ୍ୟକାରୀ ହେଉଥିବା ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ କଳାହାଣ୍ଡି ପକ୍ଷରୁ ବୁଧବାର ଭବାନୀପାଟଣା ସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟରେ ବିଶ୍ୱ କ୍ଲବ୍ ଫୁଟ୍ (ଜନ୍ମଗତ ବଙ୍କା ପାଦ) ଦିବସ ବେଶ୍ ଉତ୍ସାହର ସହ ପାଳିତ ହୋଇଯାଇଛି। ଶିଶୁମାନଙ୍କ ପାଦର ଏହି ଜନ୍ମଗତ ତ୍ରୁଟିକୁ ଦୂର କରି ସେମାନଙ୍କୁ ଏକ ସ୍ୱାଭାବିକ ଜୀବନ ଦେବା ଲକ୍ଷ୍ୟରେ ଏହି ସଚେତନତା କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଚଳିତ ବର୍ଷ କଳାହାଣ୍ଡିରେ ମୋଟ ୭୨ ଜଣ କ୍ଲବ୍ ଫୁଟ୍ ସମସ୍ୟା ଥିବା ଶିଶୁଙ୍କୁ ଚିହ୍ନଟ କରାଯାଇ ସେମାନଙ୍କର ସଫଳ ଚିକିତ୍ସା କରାଯାଇଛି। ବିଶ୍ୱ ପ୍ରସିଦ୍ଧ 'ପୋନସେଟି ପଦ୍ଧତି' ଅବଲମ୍ବନ କରି ଏହି ଶିଶୁମାନଙ୍କର ବଙ୍କା ପାଦରେ ପ୍ଲାଷ୍ଟର କାଷ୍ଟିଂ କରାଯାଇ ସେଗୁଡ଼ିକୁ ସମ୍ପୂର୍ଣ୍ଣ ସିଧା ଓ ସ୍ୱାଭାବିକ କରାଯାଇପାରିଛି। ଏହି ସମସ୍ତ ୭୨ ଜଣ ଶିଶୁଙ୍କୁ ସମ୍ପୂର୍ଣ୍ଣ ମାଗଣାରେ ଚିକିତ୍ସା ସେବା ଯୋଗାଇ ଦିଆଯାଇଛି। ଚିକିତ୍ସା ପରେ ବର୍ତ୍ତମାନ ଏହି ଶିଶୁମାନେ ସାଧାରଣ ପିଲାଙ୍କ ଭଳି ଚାଲିବାକୁ ସକ୍ଷମ ହୋଇଛନ୍ତି। ଆୟୋଜିତ ଏହି ସଚେତନତା କାର୍ଯ୍ୟକ୍ରମ ସଭାରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର. ହରେକୃଷ୍ଣ ଶତପଥି, ଉପଚିକିତ୍ସାଧିକାରୀ ଡାକ୍ତର. ଦେବୀ ପ୍ରସାଦ ମହାପାତ୍ର, ବରିଷ୍ଠ ଶିଶୁ ବିଶେଷଜ୍ଞ ଡାକ୍ତର ପି. ଆଚାରି, ଆରବିଏସକେସି ପରିଚାଳକ କୃଷ୍ଣ ଚନ୍ଦ୍ର ପ୍ରଧାନ, ଜିଲା ସ୍ୱାସ୍ଥ୍ୟ ସମ୍ପର୍କ ଅଧିକାରୀ ଧର୍ମେନ୍ଦ୍ର ତାଣ୍ଡି, ସହଯୋଗକାରି ସଂସ୍ଥା କିଓର ଇଣ୍ଟରନେସନାଲ କର୍ମକର୍ତ୍ତା ଧରିତ୍ରୀ ସାଗର ସମେତ ଡ଼ିଏଆଇସିର ସମସ୍ତ କର୍ମକର୍ତ୍ତା, ମୋବାଇଲ ହେଲଥ ଟିମର ଆୟୁଷ ଡାକ୍ତର,




ଫାର୍ମାସିଷ୍ଟ ଓ ମହିଳା ସ୍ୱାସ୍ଥ୍ୟକର୍ମୀ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ବରିଷ୍ଠ ଶିଶୁ ବିଶେଷଜ୍ଞ ଡାକ୍ତର. ପି. ଆଚାରି କହିଛନ୍ତି ଯେ, ଜନ୍ମରୁ ଶିଶୁର ପାଦ ବଙ୍କା ଥିଲେ ଭୟଭୀତ ନହୋଇ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନେବା ଉଚିତ୍। ଶୀଘ୍ର ଚିକିତ୍ସା ଆରମ୍ଭ କଲେ ପୋନସେଟି ପଦ୍ଧତି ଦ୍ୱାରା ବିନା ଅସ୍ତ୍ରୋପଚାରରେ ଏହା ସମ୍ପୂର୍ଣ୍ଣ ଭଲ ହେଇ ପାରିବ। ଏହି ସଫଳତାର ଏକମାତ୍ର ଚାବିକାଠି ହେଉଛି ଏ ବର୍ଷର ମୁଖ୍ୟ ବିଷୟବସ୍ତୁ ବା ଥିମ୍ 'ଶୀଘ୍ର ଚିହ୍ନଟ ଓ ଶୀଘ୍ର ଚିକିତ୍ସା'। ଏହି ସଫଳତା ପାଇଁ ଆରବିଏସକେ ର ସମସ୍ତ ମୋବାଇଲ୍ ହେଲ୍ଥ ଟିମ୍, ଡାକ୍ତର ଏବଂ ସ୍ୱାସ୍ଥ୍ୟକର୍ମୀମାନଙ୍କୁ ବିଭିନ୍ନ ମହଲରୁ ପ୍ରଶଂସା କରାଯାଇଛି। ସରକାରଙ୍କ ଏହି ମାଗଣା ଚିକିତ୍ସା ସେବା ଯୋଗୁଁ ଅନେକ ଗରିବ ଶିଶୁ ଅକ୍ଷମତାରୁ ରକ୍ଷା ପାଇ ଏକ ନୂତନ ଜୀବନ ପାଇଛନ୍ତି ବୋଲି ଉପସ୍ଥିତ ଅଭିଭାବକମାନେ କୃତଜ୍ଞତା ଜଣାଇଛନ୍ତି।

# ଆଇଆଇଟି ଭୁବନେଶ୍ୱର ପକ୍ଷରୁ ଚାରାରୋପଣ

ଜଟଣୀ,୫ ।୬ (ନିପ୍ର) : ଭାରତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ (ଆଇଆଇଟି) ଭୁବନେଶ୍ୱର ଏକ ସ୍ୱଚ୍ଛ ତଥା ସବୁଜ ପରିବେଶ ପ୍ରତି ନିଜର ପ୍ରତିବଦ୍ଧତାକୁ ଦୋହରାଇ ବିଶ୍ୱ ପରିବେଶ ଦିବସ ପାଳନ କରିଛି। ଚଳିତ ବର୍ଷର ଶୀର୍ଷକ 'ପ୍ରକୃତି ଦ୍ୱାରା ଅନୁପ୍ରାଣିତ- ଜଳବାୟୁ ପାଇଁ, ଆମ ଭବିଷ୍ୟତ ପାଇଁ' ଅନୁଯାୟୀ ଏହି ଉତ୍ସବକୁ ପାଳନ କରିବା ପାଇଁ ଅନୁଷ୍ଠାନ କ୍ୟାମ୍ପସ୍ ପରିସରରେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରି ପ୍ରାୟ ୧୦୦ ଟି ଛାୟା ପ୍ରଦାନକାରୀ ଗଛ, ଫଳ ଏବଂ ଫୁଲ ଗଛ ଲଗାଯାଇଥିଲା।ଆଇଆଇଟିର ନିର୍ଦ୍ଦେଶକ ପ୍ରଫେସର ଶ୍ରୀପଦ କରମଲକର ରୋପଣ ଅଭିଯାନର ଶୁଭାରମ୍ଭ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ, ପ୍ରଫେସର ବିଜୟ ଶଙ୍କର ପାସୁପୁରେଡ଼ି, ଡିନ୍ (ପ୍ରାୟୋଜିତ ଗବେଷଣା ଏବଂ ଶିଳ୍ପ ପରାମର୍ଶ), ପ୍ରଫେସର ଶରତ କୁମାର ପଣ୍ଡା, ଅଧ୍ୟକ୍ଷ-ଭିତ୍ତିଭୂମି, ଡକ୍ଟର ନରସା ରେଡ୍ଡୀ ଟୁମ୍ମୁରୁ, ସହ-ଅଧ୍ୟକ୍ଷ-ଭିତ୍ତିଭୂମି, ବାମଦେବ ଆଚାର୍ଯ୍ୟ ରେଜିଷ୍ଟ୍ରାର, ଡକ୍ଟର ଶିବୈୟା ବାଥୁଲା, ଏନଏସଏସ ସଂଯୋଜକ, କେ. ରବିନ କୁମାର ଡୋରା, ଅଧୀକ୍ଷଣ ଇଞ୍ଜିନିୟର,ଶ୍ରୁତି କରମଲକର, ସଭାପତି-ପ୍ରତିଷ୍ଠାନର ଆବାସିକ କ୍ଲବ, ଅଧ୍ୟାପକ, କର୍ମଚାରୀ, ଛାତ୍ର, ଏନଏସଏସ ସ୍ୱେଚ୍ଛାସେବକ ଏବଂ କ୍ୟାମ୍ପସର ବାସିନ୍ଦାମାନେ ଏହି ଅଭିଯାନରେ ଅଂଶଗ୍ରହଣ କରିଥିଲେ ଏବଂ ଚାରା ରୋପଣ କରିଥିଲେ। ପ୍ରତିଷ୍ଠାନର ଉଦ୍ୟାନବିତ୍ କାମିରେଡ୍ଡି ବିଶ୍ୱେଶ୍ୱର ରେଡ୍ଡୀ, କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ ।

# ଛେଲିଗଡ଼ ପ୍ରକଳ୍ପରେ ବିସ୍ଥାପିତ ଏବଂ ଜିଲ୍ଲା ପ୍ରଶାସନ ମଧ୍ୟରେ ଆଲୋଚନା


ପାରଳାଖେମୁଣ୍ଡି,୫ ।୬ (ନିପ୍ର):ଗଜପତି ଜିଲ୍ଲା ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ ମଙ୍ଗଳବାର ଛେଲିଗଡ଼ ପ୍ରକଳ୍ପରେ ବିସ୍ଥାପିତ ଏବଂ ଜିଲ୍ଲା ପ୍ରଶାସନ ମଧ୍ୟରେ ଆଲୋଚନା ଅନୁଷ୍ଠିତ ହୋଇ ଯାଇଛି। ଦୀର୍ଘ ବର୍ଷ ହେବ ବିବାଦିତ ଏହି ପ୍ରକଳ୍ପ କାର୍ଯ୍ୟକୁ ନେଇ ଜିଲ୍ଲା



ପ୍ରଶାସନ ଏବଂ ବିସ୍ଥାପିତ ଅଞ୍ଚଳବାସୀଙ୍କ ମଧ୍ୟରେ ତାଳ ମେଳ ରହୁନଥିବା ବେଳେ ବିସ୍ଥାପିତ ଗ୍ରାମବାସୀ ନିଜର ଦାବି ଗୁଡିକୁ ନେଇ ଅଟଳ । ସରକାର ବିସ୍ଥାପିତଙ୍କ ଗୁହାରୀ ଆଜି ଯାଏଁ ଶୁଣୁ ନଥିବା ବେଳେ କେବଳ ଆଜି ଯାଏଁ ମିଥ୍ୟା ପ୍ରତିଶ୍ରୁତି ଦେଇ ଚାଲିଛନ୍ତି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଆଜି ବହୁ ସମୟ ଜିଲ୍ଲା ପ୍ରଶାସନ ସହ ଆଲୋଚନା କରିବା ପରେ କିଛି ଦାବି ପାଇଁ ପ୍ରତିଶ୍ରୁତି ଦେଇଥିବା ବେଳେ କିଛି ଦାବିକୁ ନେଇ ମୌନ ଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି । ଅନ୍ୟ ପଟେ ବିସ୍ଥାପିତ ଅଞ୍ଚଳବାସୀଙ୍କ ଦାବି ପୂରଣ ନହେଲେ ଆଗାମୀ ଦିନରେ ଆନ୍ଦୋଳନ ଜାରି ରହିବ ବୋଲି ଚେତାବନୀ ଦେଇଛନ୍ତି ।

# ମହଙ୍ଗା ପଡିଲା ମୋଡିଫାଏଡ୍ ସାଇଲେନ୍ସର ଲଗାଇବା , ୧୧ ବୁଲେଟକୁ ଜରିମାନା

ଭବାନୀପାଟଣା,୫ ।୬(ନିପ୍ର)-କଳାହାଣ୍ଡି ଜିଲା ଭବାନୀପାଟଣା ସହରର ବିଭିନ୍ନ ସ୍ଥାନରେ ଗୁରୁବାର ସ୍ଥାନୀୟ ପୋଲିସ ପକ୍ଷରୁ ମୋଟର ଯାନ ଯାଞ୍ଚ କରାଯାଇଥିଲା। ଏହି ସମୟରେ ୧୧ ଜଣ ବାଇକ ଚାଳକ ନିଜ ବୁଲେଟକୁ ମୋଡିଫାଏଡ୍ (ଶବ୍ଦ ପ୍ରଦୂଷଣ) ସାଇଲେନ୍ସର ଲଗାଇଥିବାବେଳେ ଧରାପଡିଥିଲେ। ଉକ୍ତ ବାଇକ ଗୁଡିକୁ ଥାନାକୁ ଆଣି ଜବତ କରି ପ୍ରାୟ ଲକ୍ଷେ ୨୦ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ସେହିପରି ବାଇକ ଚାଳକ ଅସଲି ସାଇଲେନ୍ସର ଆଣି ଗାଡ଼ିରେ ଲଗାଇବା ପରେ ଗାଡି ଛଡ଼ାଯିବ ବୋଲି ଟାଉନ ଥାନା ଆଇ ଆଇ ସି ପ୍ରଦ୍ୟୁମ୍ନ ମହାପାତ୍ର ପ୍ରକାଶ କରିଛନ୍ତି।



# ମହିଳାଙ୍କୁ ନିର୍ଯାତନା ଅଭିଯୋଗ, ଥାନାରେ ମାମଲା

ପିପିଲି,୫ ।୬ (ନିପ୍ର): ଜଣେ ବିବାହିତା ମହିଳାଙ୍କୁ ନିର୍ଯାତନା ଦିଆଯାଇ ଥିବା ନେଇ ବଳଙ୍ଗା ଥାନାରେ ଲିଖିତ ଅଭିଯୋଗ ହୋଇଛି। ବଳଙ୍ଗା ଥାନା ଅଧିକାରିଣୀ ଅଭିଯୋଗକୁ ଆଧାର କରି ଥାନା କେଶ ନଂ ୧୬୯/୨୬ ମାମଲା ଆଗତ କରିଛନ୍ତି। ପରେ ଅଭିଯୋଗ କାରିଣୀଙ୍କ ସାମଗ୍ରୀକୁ ପୋଲିସ ଜବତ କରି ହସ୍ତାନ୍ତର କରି ଥିବା ଜାଣିବାକୁ ମିଳିଛି। ଶର୍ମିଷ୍ଠା ସାମନ୍ତରାୟ ଓରଫ ପଣ୍ଡା (୨୬) ରଥପୁରୁଷୋତ୍ତମପୁର ପଞ୍ଚାୟତ ନାଲିହଣା ହର ପ୍ରସାଦ ପଣ୍ଡାଙ୍କୁ ଗତ ୧୩.୧୨.୨୦୧୮ ମସିହାରେ ବିବାହ କରି ଥିଲେ । ବିବାହ ସମୟରେ ଅଭିଯୋଗ କାରିଣୀଙ୍କ ଶାଶୁ ଘର ଦାବି ମୁତାବକ କ୍ୱାଇଁଙ୍କୁ ଯୌତୁକ ବାବଦରେ ନଗଦ ୮୦ ହଜାର ଟଙ୍କା,୧ ଭରିର ସୁନା ଚେନ୍,ସୁନା ମୁଦି ଦେଇଥିଲେ । ଏହା ବ୍ୟତୀତ ଅଭିଯୋଗ କାରିଣୀ ସୁନାର ଚେନ୍ , ସୁନା କାନଫୁଲ ୨ ହଳ ଶଙ୍ଖା ୪ ପଟ,ରୁପାର ପାଉଜି,ଅଣ୍ଟାସୂତା,ବ୍ରତ ଓ ଅନ୍ୟାନ୍ୟ ଘର କରଣା ଜିନିଷ ଇତ୍ୟାଦି ଦେଇଥିଲେ । ବିବାହ ପରେ କିଛିଦିନ ଶାଶୁ ଘରେ ଭଲରେ ଚଳିଥିଲେ । ଶାଶୁ ଓ ନଣନ୍ଦ ଅଧିକ ଯୌତୁକ ଦାବି କରି ସେମାନେ ହର ପ୍ରସାଦକୁ ଶିଖେଇ ଶାରୀରିକ ମାନସିକ ନିର୍ଯାତନା ଦେଉଥିବା ଅଭିଯୋଗ କରିଛନ୍ତି। ଗତ ତା- ୧୯.୧୨.୨୦୧୯ ରିଖରେ ଅଭିଯୋଗ କାରିଣୀଙ୍କ ଗର୍ଭରୁ ଏକ ପୁତ୍ର ସନ୍ତାନ ପୁରୀ ଡାକ୍ତରଖାନାରେ ଜନ୍ମ ହୋଇଥିଲା । ପୁଅ ଜନ୍ମ ପରେ ପରିବାର ସଦସ୍ୟା ବଦଳି ଯିବେ ବୋଲି ଅଭିଯୋଗ କାରିଣୀ ଚାହିଁ ଥିଲେ । କିନ୍ତୁ ପର ଶାଶୁ ବୀଣାପାଣି ପଣ୍ଡା,ନଣନ୍ଦ ଜୟଶ୍ରୀ ପଣ୍ଡା, କୁମୁଦିନୀ ପଣ୍ଡା, ସ୍ୱାମୀଙ୍କୁ ଶିଖାଇ ମୋର ବାପ ଘରୁ ଅଧିକ ଟଙ୍କା ଆଣିବା ପାଇଁ ଦାବି କରି ଥିଲେ । ସ୍ୱାମୀ ସେମାନଙ୍କ କଥାରେ ପରିଚାଳିତ ହୋଇ ବାଡିଆବାଡି କରି ୨ ଲକ୍ଷ ଟଙ୍କା ଆଣିବୁ ତାହାଲେ ଏଠାରେ ରହିବୁ ବୋଲି ଦାବି କରି ଥାନ୍ତି । ଅଭିଯୋଗକାରିଣୀଙ୍କ ବାପା ବୋଉଙ୍କର ଅବସ୍ଥା ଭଲ ନଥିବା ଦର୍ଶାଇ ଥିଲେ । ଏତେ ଟଙ୍କା ଦେଇ ପାରିବେ ନାହିଁ ବୋଲି କହିବାରୁ ସମସ୍ତେ ଜୀବନରୁ ମାରିଦେଇ ଅନ୍ୟତ୍ର ବିବାହ ହୋଇ ଅଧିକ ଯୌତୁକ ଆଣିବା ପାଇଁ ଚକ୍ରାନ୍ତ କରି ବାରମ୍ବାର ବାଡିଆପିଟା କରି ଘରୁ ବାହାର କରି ଦିଅନ୍ତି । ଅଭିଯୋଗ କାରିଣୀଙ୍କ ବାପା ଓ ବୋଉ ଆସି ଥାନାରେ ଜଣାଇବାରେ ସେମାନେ ଭୁଲ ମାଗି ଆଉ ଏମିତି କରିବୁ ନାହିଁ ବୋଲି କହି ଶାଶୁ ଘରକୁ ନେଇ ଯାଇ ଥିଲେ । କିଛିଦିନ ପରେ ପୂର୍ବପରି ଶାରୀରିକ ମାନସିକ ନିର୍ଯାତନା ଦିଅନ୍ତି । ଏପରିକି ଅଭିଯୋଗ କାରିଣୀ ଓ ଜନ୍ମିତ ପୁଅକୁ ଯନ୍ତ୍ରଣା ଦିଅନ୍ତି । ଖାଇବା ପିଇବାକୁ ଦିଅନ୍ତି ନାହିଁ । ଗତ ତା-୦୩.୦୨.୨୬ ରିଖରେ ସମସ୍ତେ ଅଭିଯୋଗ କାରିଣୀଙ୍କୁ ଜୀବନରେ ମାରିଦେବା ପାଇଁ ଚକ୍ରାନ୍ତ କରୁଥିବାର ଜାଣି ଅଭିଯୋଗ କାରିଣୀ ବାଧ ହୋଇ ନିଜ ଜନ୍ମିତ ବୋଉକୁ ଖବର ଦେଇ ଥିଲେ । ଅଭିଯୋଗ କାରିଣୀ ନିଜ ବୋଉଙ୍କ ଶହ ବଳଙ୍ଗା ଥାନାରେ ଅଭିଯୋଗ କରିବା ପରେ ଥାନା ବାବୁ ସମସ୍ତ ଅଭିଯୁକ୍ତ ଡକାଇବାରୁ ସେମାନେ ଥାନାକୁ ନ ଆସିବାରୁ ଥାନା ବାବୁ ଘଟଣା ବୁଝିବେ କହିବାରୁ ଅଭିଯୋଗ କାରିଣୀ ପୁଅ ସହିତ ବାପ ଘରେ ଆସି ରହିଥିଲେ ବୋଲି ଅଭିଯୋଗରେ ଦର୍ଶାଇ ଅଛନ୍ତି।

# ବେଆଇନ ବାଲିଖନନ ଏବଂ ପରିବହନ ବିରୋଧରେ ପାରଳାଖେମୁଣ୍ଡି ପୋଲିସ ଚଢ଼ାଉ

ପାରଳାଖେମୁଣ୍ଡି,୫ ।୬ (ନିପ୍ର); ସନ୍ଧ୍ୟାରୁ ଏକ ସ୍ୱତନ୍ତ୍ର ଏନଫୋର୍ସମେଣ୍ଟ ଅଭିଯାନ ଆରମ୍ଭ କରାଯାଇଥିଲା । ଏହି ଅଭିଯାନ ସମୟରେ ଏକ ସଂଗଠିତ ବାଲି ଚୋରା ଚାଲାଣ ଚକ୍ରର ସନ୍ଧାନ ମିଳିଥିବା ବେଳେ ବାଲି ବୋଝେଇ ୭ଟି ଗାଡ଼ି (ଟ୍ରାକ୍ଟର ଏବଂ ଭାରୀ ଟିପର) ଜବତ କରାଯାଇଛି। ପୋଲିସ ଟିମ୍ ରାଜ୍ୟ ରାଜପଥ-୪ ଉପରେ ଏହି ଗାଡ଼ିଗୁଡ଼ିକୁ ଅଟକାଇ ଯାଞ୍ଚ କରିଥିଲେ। ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ, ବେଆଇନ ଭାବରେ ବାଲି ଉତ୍ତୋଳନ, ରୟାଲଟି ଏବଂ ଟିକସ ଫାଙ୍କି, ଜାଲିଆତିପୂର୍ଣ୍ଣ ଚାଲାଣ ବ୍ୟବହାର, ଓଭରଲୋଡିଂ ଏବଂ ସରକାରୀ ଖଣିଜ ସମ୍ପତ୍ତି ଚୋରି କରି ପରିବହନ କରାଯାଉଥିଲା । ଏହା ଦ୍ୱାରା ସରକାରଙ୍କ ରାଜସ୍ୱର ବ୍ୟାପକ କ୍ଷତି ହେଉଥିବା ଅନୁମାନ କରାଯାଉଛି। ଏହି ଘଟଣାରେ ପାରଳାଖେମୁଣ୍ଡି ଥାନା କେସ୍ ନଂ-୧୯୯, ୨୦୦, ୨୦୧, ୨୦୨, ୨୦୩, ୨୦୪, ୨୦୫ ଏବଂ ୨୦୬/୨୦୨୬ ରୁଜୁ କରାଯାଇଛି। ଏହି ମାମଲାଗୁଡ଼ିକରେ ମୋଟ ୧୩ ଜଣ ବ୍ୟକ୍ତି, ଯଥା ଗାଡ଼ି ମାଲିକ, ଚାଳକ ଏବଂ ବାଲି ପରିବହନ ସହିତ ସଂପୃକ୍ତ ଅନ୍ୟାନ୍ୟ ବ୍ୟକ୍ତି ଜଡ଼ିତ ଥିବା ଜଣାପଡ଼ିଛି । ଟ୍ରାକ୍ଟର ମାମଲାରେ ଗିରଫ ହୋଇଥିବା




ଅଭିଯୁକ୍ତ ଚାଳକ ସୁରେଶ ସବର ଓ ମାଲିକ ଏସ୍. ବିଜୟ କୁମାର, ଚାଳକ ଦିନେଶ ଗୌଡ଼ ଓ ମାଲିକ ଏସ୍. ବିଜୟ କୁମାର, ଏବଂ ଚାଳକ ପ୍ରକାଶ ଗୌଡ଼ ଓ ମାଲିକ ଦିବାକର ଗୌଡ଼ଙ୍କୁ ଆଜି ମାନ୍ୟବର ନ୍ୟାୟାଳୟକୁ ଚାଲାଣ କରାଯାଉଛି । ତଦନ୍ତରୁ ଏହା ମଧ୍ୟ ଜଣାପଡ଼ିଛି ଯେ ବେଆଇନ ବାଲି ଖନନ ଏବଂ ପରିବହନ କାର୍ଯ୍ୟକଳାପ ଏକ ସଂଗଠିତ ଚକ୍ର ମାଧ୍ୟମରେ ଚାଲିଥିଲା ଏବଂ ଏଥିରୁ ବେଆଇନ ଆର୍ଥିକ ଲାଭ ହାସଲ କରାଯାଉଥିଲା। ଏହି ଚକ୍ର ସହିତ ସଂପୃକ୍ତ ଅନ୍ୟାନ୍ୟ ବ୍ୟକ୍ତିଙ୍କ ଭୂମିକା ଓ ସଂପୃକ୍ତି ସମ୍ପର୍କରେ ତଦନ୍ତ ଜାରି ରହିଛି ପାରଳାଖେମୁଣ୍ଡି ପୋଲିସ ପକ୍ଷରୁ ସ୍ପଷ୍ଟ କରାଯାଇଛି ଯେ ବେଆଇନ ଖଣିଜ ଖନନ, ଚୋରା ଚାଲାଣ ଏବଂ ପରିବହନରେ ସଂପୃକ୍ତ ସମସ୍ତ ବ୍ୟକ୍ତିଙ୍କ ବିରୋଧରେ ଆଗାମୀ ଦିନରେ ମଧ୍ୟ କଡ଼ା ଆଇନଗତ କାର୍ଯ୍ୟାନୁଷ୍ଠାନ ଜାରି ରହିବ। ବର୍ତ୍ତମାନ ମାମଲାଗୁଡ଼ିକର ତଦନ୍ତ ଚାଲୁ ରହିଛି।

# ଆୟୁଷ୍ମାନ ଭାରତ ଓ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାର ସମୀକ୍ଷା

## ଆସନ୍ତା ୧୦ ରୁ ୧୫ ଦିନ ମଧ୍ୟରେ ଶତପ୍ରତିଶତ କାର୍ଡ ବଣ୍ଟନ ପାଇଁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ

ଯାଜପୁର,୫ ।୬ (ନିପ୍ର): ଯାଜପୁର ଜିଲ୍ଲାପାଳ ଅମ୍ବର କୁମାର କରଙ୍କ ଅଧ୍ୟକ୍ଷତାରେ 'ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା'ର ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ଜିଲ୍ଲାର ବ୍ଲକଓ୍ୱାରୀ 'ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା' ଏବଂ 'ଆୟୁଷ୍ମାନ ବୟୋ ବନ୍ଦନା କାର୍ଡ' ବଣ୍ଟନର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରାଯାଇଥିଲା। ସୂଚନା ଅନୁଯାୟୀ, ଜିଲ୍ଲାରେ ନୂତନ ଭାବେ ୩ ଲକ୍ଷ କାର୍ଡ ଯୋଡ଼ାଯିବା ପରେ ଜିଲ୍ଲାର ସଫଳତା ହାର ୭୧% ରୁ ହ୍ରାସ ପାଇ ୫୦% ହୋଇଯାଇଛି। ଅପରପକ୍ଷରେ, ଆୟୁଷ୍ମାନ ବୟୋ ବନ୍ଦନା କାର୍ଡର ସ୍ଥିତି ମାତ୍ର ୩୨% ରହିଛି। ଏହାକୁ ନେଇ ଜିଲ୍ଲାପାଳ କମନ୍ ସର୍ଭିସ୍ ସେଣ୍ଟରର ଜିଲ୍ଲା ପରିଚାଳକଙ୍କୁ ଭି.ଏଲ.ଇ ମାନଙ୍କ କାର୍ଯ୍ୟର ଅଗ୍ରଗତି ଉପସ୍ଥାପନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲା ପରିଚାଳକ ସୂଚନା ଦେଇଛନ୍ତି ଯେ, ବର୍ତ୍ତମାନ ଜିଲ୍ଲାରେ ୭୪୯ ଜଣ ସକ୍ରିୟ ଭି.ଏଲ.ଇ କାର୍ଯ୍ୟ କରୁଛନ୍ତି ଏବଂ ଆସନ୍ତା ୧ ରୁ ୨ ଦିନ ମଧ୍ୟରେ ଆଉ ୨୫୦ ରୁ ୩୦୦ ନୂତନ ଭାବେ ପଞ୍ଜୀକୃତ ହୋଇ ସେବା ଯୋଗାଇବେ। ଜିଲ୍ଲାପାଳ ଆସନ୍ତା ୧୦ ରୁ ୧୫ ଦିନ ମଧ୍ୟରେ ଅବଶିଷ୍ଟ ପ୍ରାୟ ୫,୭୭,୬୨୯ ଟି କାର୍ଡ ବଣ୍ଟନ କରି



ଶତପ୍ରତିଶତ ଲକ୍ଷ୍ୟ ହାସଲ କରିବାକୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ଯେଉଁ ଭି.ଏଲ.ଇମାନେ ଏହି କାର୍ଯ୍ୟରେ ସହଯୋଗ କରୁନାହାନ୍ତି, ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ନାମ ସୁପାରିସ କରିବାକୁ ସେ କହିଛନ୍ତି। ବ୍ଲକ ପ୍ରୋଗ୍ରାମ ମ୍ୟାନେଜର ଏବଂ ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ମାନେ କାର୍ଡ ବଣ୍ଟନ ପ୍ରକ୍ରିୟାରେ ସକ୍ରିୟ ଭାବେ ସାମିଲ ହେବେ। ଡି.ପି.ଏମ ପ୍ରତିଦିନ ସନ୍ଧ୍ୟାରେ ଜିଲ୍ଲାପାଳଙ୍କୁ କାର୍ଡ ବଣ୍ଟନର ଅଗ୍ରଗତି ଏବଂ ବି.ପି.ଏମ. ମାନଙ୍କ ପ୍ରଦର୍ଶନ ବାବଦରେ ରିପୋର୍ଟ ପ୍ରଦାନ କରିବେ। ସେକ୍ଟର ସ୍ତରୀୟ ସୁପରଭାଇଜର ମାନେ ଦୈନିକ ଭିତ୍ତିରେ କ୍ଷେତ୍ର ସ୍ତରୀୟ ଅନୁଧ୍ୟାନ କରିବେ ଏବଂ ପ୍ରତିଦିନ ଅତିକମରେ ୫ ରୁ ୬ ଟି କମନ୍ ସର୍ଭିସ୍ ସେଣ୍ଟର ପରିଦର୍ଶନ କରିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଆଶା କର୍ମୀ ଓ ସ୍ୱାସ୍ଥ୍ୟ କର୍ମୀଙ୍କ ଦାୟିତ୍ୱ ଆଶା ମ୍ୟାନେଜରଙ୍କୁ ଆଶା କର୍ମୀଙ୍କ କାର୍ଯ୍ୟର ସମୀକ୍ଷା କରିବାକୁ କୁହାଯାଇଛି। ପ୍ରତ୍ୟେକ ଆଶା କର୍ମୀ ଗ୍ରାମାଞ୍ଚଳର ଲୋକମାନଙ୍କୁ ସି.ଏସ.ସି କେନ୍ଦ୍ରକୁ ଆଣିବା ପାଇଁ ସଚେତନ କରିବେ। ଏହା ସହିତ ସିଏଚଓ ଏବଂ ଏଏନଏମ୍‌ମାନଙ୍କୁ ଘରକୁ ଘର ବୁଲି ଆୟୁଷ୍ମାନ ବୟୋ ବନ୍ଦନ ଯୋଜନା କାର୍ଯ୍ୟକ୍ରମ ଅଧୀନରେ ବୟସ୍କ ନାଗରିକଙ୍କ କାର୍ଡ ଜେନେରେଟ୍ କରିବା ପାଇଁ ବ୍ୟକ୍ତିଗତ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଏହାସହ ବି.ପି.ଏମମାନେ ପଞ୍ଚାୟତ ସ୍ତରୀୟ ମାଇକ୍ରୋପ୍ଲାନ ପ୍ରସ୍ତୁତ କରି ସୁପରଭାଇଜର ମାନଙ୍କୁ ପ୍ରଦାନ କରିବେ, ଯଦ୍ୱାରା ଅଧିକ କାର୍ଯ୍ୟଭାର ଥିବା ଏବଂ କମ୍ ପ୍ରଦର୍ଶନ କରୁଥିବା କେନ୍ଦ୍ରଗୁଡ଼ିକ ଉପରେ ବିଶେଷ ଧ୍ୟାନ ଦିଆଯାଇପାରିବ। ଆସନ୍ତା ସୋମବାର ଅପରାହ୍ନରେ ଏହି ଅଗ୍ରଗତିର ପୁନଃ ସମୀକ୍ଷା ବୈଠକ ଜିଲ୍ଲାପାଳଙ୍କ ଦ୍ୱାରା କରାଯିବ। ପ୍ରତି ବ୍ଲକ ପାଇଁ ନିୟୋଜିତ ହୋଇଥିବା ବ୍ଲକ ନୋଡାଲ ଅଧିକାରୀମାନଙ୍କ ସହାୟତାରେ ସମଗ୍ର ପ୍ରକ୍ରିୟାର ତଦାରଖ ଓ ଲକ୍ଷ୍ୟ ହାସଲ କରିବା ପାଇଁ ସିଡିଏମଓଙ୍କୁ ଦାୟିତ୍ୱ ଦିଆଯାଇଛି।

# ମନ୍ତ୍ରୀ ପଦରୁ ଇସ୍ତଫା ଦେଲେ ରାମଲିଙ୍ଗା ରେଡ୍ଡୀ



ବେଙ୍ଗାଲୁର, ୫/୬: କର୍ଣ୍ଣାଟକରେ ନୂତନ ସରକାର ଗଠନର ମାତ୍ର ଦୁଇ ଦିନ ପରେ ଶାସକ କଂଗ୍ରେସ ଶିବିରରେ ଏକ ବଡ଼ ଧରଣର ରାଜନୈତିକ ସଙ୍କଟ ଦେଖାଦେଇଛି। ବରିଷ୍ଠ ନେତା ତଥା କ୍ୟାବିନେଟ୍ ମନ୍ତ୍ରୀ ରାମଲିଙ୍ଗା ରେଡ୍ଡୀ ଶୁକ୍ରବାର ନିଜ ପଦରୁ ଇସ୍ତଫା ଦେଇ ସମସ୍ତଙ୍କୁ ଚକିତ କରିଦେଇଛନ୍ତି। ବିଶେଷ କରି ବିଭାଗ ବଣ୍ଟନକୁ ନେଇ ସେ ଅସନ୍ତୋଷ ପ୍ରକାଶ କରିଥିବା ଜଣାପଡ଼ିଛି। ତାଙ୍କୁ ଗୁରୁତ୍ୱପୂର୍ଣ୍ଣ ''ବେଙ୍ଗାଲୁରୁ ବିକାଶ'' ବିଭାଗ ମିଳିବ ବୋଲି ପୂର୍ବରୁ ଦୁଇ ଦୁଇ ଥର ପ୍ରତିଶ୍ରୁତି ଦିଆଯାଇଥିଲେ ମଧ୍ୟ ଶେଷ ମୁହୂର୍ତ୍ତରେ ତାଙ୍କୁ ''ମଧ୍ୟମ ଓ ବୃହତ ଜଳସେଚନ'' ବିଭାଗ ପ୍ରଦାନ କରାଯିବା ପରେ ସେ ଏହି ଚରମ ନିଷ୍ପତ୍ତି ନେଇଛନ୍ତି। ନିଜର ଇସ୍ତଫା ପତ୍ରରେ ସ୍ୱାକ୍ଷର କରିବା ପରେ ସେ ସ୍ପଷ୍ଟ କରିଛନ୍ତି ଯେ, ସେ କେବଳ ମନ୍ତ୍ରୀ ପଦରୁ ଇସ୍ତଫା ଦେଉଛନ୍ତି ମାତ୍ର ଜଣେ ବିଧାୟକ ଭାବେ କାର୍ଯ୍ୟ ଜାରି ରଖିବେ। ଏଥିସହ ସେ ମୁଖ୍ୟମନ୍ତ୍ରୀ ଡିକେ ଶିବକୁମାର କିମ୍ବା ପୂର୍ବତନ ମୁଖ୍ୟମନ୍ତ୍ରୀ ସିଦ୍ଧାରାମୈୟାଙ୍କ ଉପରେ ବ୍ୟକ୍ତିଗତ ଭାବେ ଅସନ୍ତୋଷ ନଥିବା ପ୍ରକାଶ କରିଛନ୍ତି। ଅନ୍ୟପଟେ ମୁଖ୍ୟମନ୍ତ୍ରୀ ଡିକେ ଶିବକୁମାର ଏହି ଇସ୍ତଫା ପ୍ରସଙ୍ଗକୁ ହାଲୁକା ଭାବେ ଗ୍ରହଣ କରି କହିଛନ୍ତି ଯେ, ରାମଲିଙ୍ଗା ରେଡ୍ଡୀ ତାଙ୍କର ଜଣେ ପୁରୁଣା ସହକର୍ମୀ ଏବଂ ଘନିଷ୍ଠ ବନ୍ଧୁ। ସେ ଜଣେ ଅଭିଜ୍ଞ ନେତା ଏବଂ ସରକାରରେ ତାଙ୍କର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି। ବିଭାଗ ବଣ୍ଟନକୁ ନେଇ ଯଦି କିଛି ମତାନ୍ତର ରହିଛି, ତେବେ ସେ ବ୍ୟକ୍ତିଗତ ଭାବେ ତାଙ୍କ ସହ ଆଲୋଚନା କରି ଏହାର ସମାଧାନ କରିବେ।

# ନୂଆ ଦଳ ଘୋଷଣା କଲେ କେ ଅନ୍ନାମଲାଇ



ଚେନ୍ନାଇ, ୫/୬: କେ ଅନ୍ନାମଲାଇ ବିଜେପି ଛାଡ଼ିବା ପରେ ନିଜର ନୂଆ ଆନ୍ଦୋଳନ ଘୋଷଣା କରିଛନ୍ତି। ଏହି ଆନ୍ଦୋଳନ ଶେଷରେ ଏକ ରାଜନୈତିକ ଦଳରେ ପରିଣତ ହେବ ଓ ତାମିଲନାଡୁରେ ପରବର୍ତ୍ତୀ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବ ବୋଲି ଅନ୍ନାମଲାଇ କହିଛନ୍ତି। ଅନ୍ନାମଲାଇ 'ଅନ୍ନାମଲାଇ ମକ୍କାଲ ଇୟାକକମ୍ (ଏଏମ୍ଆଇ)' ଆନ୍ଦୋଳନ କରିବାକୁ ଘୋଷଣା କରିଥିବାବେଳେ 'କଲ୍ଟ ପଲିଟିକ୍ସ' ବା 'ବ୍ୟକ୍ତି ପୂଜା ରାଜନୀତି'କୁ ବିରୋଧ କରିଛନ୍ତି। ଅନ୍ନାମଲାଇ କହିଛନ୍ତି, ଆମେ ଏକ ରାଜନୈତିକ ଆନ୍ଦୋଳନ ଆରମ୍ଭ କରିବୁ। ଆମେ ପରବର୍ତ୍ତୀ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବୁ, ଯାହା ପାଇଁ ଆମକୁ ପ୍ରସ୍ତୁତ ରହିବାକୁ ପଡିବ। ପୂର୍ବତନ ଆଇପିଏସ ଅଧିକାରୀ ଏକ ଭିଡିଓ ବାର୍ତ୍ତାରେ ଏହା କହିଛନ୍ତି। ସେ ତାଙ୍କ ସଙ୍ଗଠନ କେଉଁ ଆଦର୍ଶରେ ଆଧାରିତ ହେବ ତାହାର ଏକ ଝଲକ ମଧ୍ୟ ଦେଇଥିଲେ। ପାରିବାରିକ ଓ ବ୍ୟକ୍ତି ପୂଜା ରାଜନୀତି ବଦଳରେ ସାଧାରଣ ଲୋକଙ୍କୁ ରାଜନୀତିକୁ ଆଣିବାକୁ ପଡ଼ିବ ବୋଲି ଅନ୍ନାମଲାଇ କହିଛନ୍ତି। କର୍ଣ୍ଣାଟକରେ କାର୍ଯ୍ୟ କରିଥିବା ଜଣେ ପୂର୍ବତନ ଆଇପିଏସ୍ ଅଧିକାରୀ ଅନ୍ନାମଲାଇ ୨୦୧୯ ମସିହାରେ 'ୱି ଦି ଲିଡର୍ସ ଫାଉଣ୍ଡେସନ୍' ନାମକ ଏକ ସଂଗଠନ ଚଲାଇବା ପାଇଁ ଚାକିରି ଛାଡି ଦେଇଥିଲେ। ତାଙ୍କର ନୂତନ ଆନ୍ଦୋଳନର ଅଧିକାଂଶ ସ୍ୱେଚ୍ଛାସେବକ ସମ୍ଭବତଃ ଏହି ସଂଗଠନର ହେବେ। ସେ ୨୦୨୦ ମସିହାରେ ବିଜେପିରେ ଯୋଗ ଦେଇଥିଲେ ଓ ଗୋଟିଏ ବର୍ଷ ମଧ୍ୟରେ ତାଙ୍କୁ ବିଜେପି ରାଜ୍ୟ ସଭାପତି କରାଯାଇଥିଲା।

### ଭାରତୀୟଙ୍କ ପାଇଁ ବଡ଼ ଘୋଷଣା କଲା ଜର୍ମାନୀ

# ଆବଶ୍ୟକ ହେବନି ଟ୍ରାଞ୍ଜିଟ୍ ଭିସା



ନୂଆଦିଲ୍ଲୀ, ୫/୬: ଭାରତୀୟଙ୍କ ପାଇଁ ବଡ଼ ଘୋଷଣା କରିଛି ଜର୍ମାନୀ। ଜର୍ମାନୀ ଦୂତାବାସ ଘୋଷଣା କରିଛି ଯେ ଭାରତୀୟ ନାଗରିକମାନଙ୍କୁ ଆଉ ଜର୍ମାନୀର କୌଣସି ବି ବିମାନବନ୍ଦରରେ ଅଟକି ଅନ୍ୟ ଦେଶକୁ ଯାତ୍ରା କରିବା ପାଇଁ ଟ୍ରାଞ୍ଜିଟ୍ ଭିସାର ଆବଶ୍ୟକତା ପଡ଼ିବ ନାହିଁ। ଦୂତାବାସ ଅନୁଯାୟୀ, ଛାତ୍ର, କର୍ମଜୀବୀ ଏବଂ ପର୍ଯ୍ୟଟକଙ୍କ ସମେତ ବହୁ ସଂଖ୍ୟକ ଭାରତୀୟ ଅନ୍ୟ ଗନ୍ତବ୍ୟସ୍ଥଳରେ ପହଞ୍ଚିବା ପାଇଁ ଜର୍ମାନ ବିମାନବନ୍ଦର ଦେଇ ଯାତ୍ରା କରନ୍ତି। ଏକ ବିବୃତ୍ତିରେ, ଜର୍ମାନୀ ଦୂତାବାସ କହିଛି, 'ଜର୍ମାନୀ ବିମାନବନ୍ଦରରେ ଅଟକି ଅନ୍ୟ ଦେଶକୁ ଯାତ୍ରା କରୁଥିବା ଭାରତୀୟ ନାଗରିକମାନଙ୍କୁ ଆଉ ଟ୍ରାଞ୍ଜିଟ୍ ଭିସାର ଆବଶ୍ୟକତା ପଡ଼ିବ ନାହିଁ। ଏହି ପଦକ୍ଷେପ ୟୁରୋପ, ଉତ୍ତର ଆମେରିକା ଏବଂ ଅନ୍ୟାନ୍ୟ ଅଞ୍ଚଳକୁ ଯାତ୍ରା କରିବା ସମୟରେ ଜର୍ମାନୀ ବିମାନବନ୍ଦରକୁ ଟ୍ରାଞ୍ଜିଟ୍ ହବ୍ ଭାବରେ ବ୍ୟବହାର କରୁଥିବା ଭାରତୀୟ ଯାତ୍ରୀମାନଙ୍କୁ ଯଥେଷ୍ଟ ଲାଭ ଦେବ ବୋଲି ଆଶା କରାଯାଉଛି। ଦୂତାବାସ କହିଛି, 'ଏହି ନିଷ୍ପତ୍ତି ଭାରତ-ଜର୍ମାନୀ ସମ୍ପର୍କକୁ ଆହୁରି ମଜବୁତ କରିବା, ଲୋକଙ୍କ ମଧ୍ୟରେ ଯାତାୟାତକୁ ସହଜ କରିବା ଏବଂ ଆର୍ଥିକ ସମ୍ପର୍କକୁ ଗଭୀର କରିବା ପାଇଁ ଜର୍ମାନୀ ସଂଘୀୟ ସରକାରଙ୍କ ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି।

# ଭାରତ ସହ ରାଜିନାମା ନେଇ ଟ୍ରମ୍ପ ଆଶାବାଦୀ



ୱାସିଂଟନ, ୫/୬: ଭାରତ ସହ ଖୁବ୍‌ଶୀଘ୍ର ବାଣିଜ୍ୟ ରାଜିନାମା ହେବା ନେଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଆଶା ପ୍ରକଟ କରିଛନ୍ତି। ଚଢ଼ା ଟିକସ ଲଗାଉଥିବା ଭାରତକୁ ସମାଲୋଚନା କରିବାକୁ ସେ ଭୁଲିନାହାନ୍ତି। ସେ କହିଛନ୍ତି ଯେ ବର୍ଷ ବର୍ଷ ଧରି ଭାରତ ଆମର ଫାଇଦା ଉଠାଉଥିଲା। ଆମେ ଉପରେ ସେମାନେ ଚଢ଼ା ଟିକସ ଲଗାଇଥିଲେ, କିନ୍ତୁ କିଛି ବି ଦେଉନଥିଲେ। ଏବେ କିନ୍ତୁ ତାହା ବଦଳିଛି। ଆମେ ଭାରତ ମାଧ୍ୟମରେ ଆୟ କରିପାରୁଛୁ ବୋଲି ସେ କହିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ପସନ୍ଦ କରୁଥିବା ଟ୍ରମ୍ପ କହିବା ସହ ସେ ମୋର ଜଣେ ଭଲ ବନ୍ଧୁ ବୋଲି କହିଛନ୍ତି। ଆମ ଭିତରେ ସମ୍ପର୍କ ବହୁତ ଭଲ ଅଛି ବୋଲି ହ୍ୱାଇଟ୍ ହାଉସ୍‌ରେ ଗଣମାଧ୍ୟମ ସହ ଆଲୋଚନା ବେଳେ ଟ୍ରମ୍ପ କହିଛନ୍ତି। ସେ ପୁଣି ଥରେ ସେହି ପୁରୁଣା ହାର୍ଲି ଡେଭିଡ୍‌ସନ୍ ଟିକସ ପ୍ରସଙ୍ଗ ଉଠାଇ କହିଥିଲେ ଯେ ଭାରତ ତାହା ଉପରେ ୨୦୦ ପ୍ରତିଶତ ଟିକସ ଲଗାଇଥିଲା। ତେଣୁ ସେମାନେ ବାଧ୍ୟ ହୋଇ ଭାରତରେ ସେମାନଙ୍କ କାରଖାନା ବସାଇଥିଲେ। ତାହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। କିନ୍ତୁ ସେହି ଘଟଣା ମୋ ପୂର୍ବ ସରକାର ସମୟରେ ଘଟିଥିଲା ବୋଲି ଟ୍ରମ୍ପ କହିଛନ୍ତି। ଉଲ୍ଲେଖଯୋଗ୍ୟ, ଭାରତଆମେରିକା ମଧ୍ୟରେ ବାଣିଜ୍ୟ ଆଲୋଚନାକୁ ନେଇ କଥାବାର୍ତ୍ତା ଜାରି ରହିଛି। ଆମେରିକା ପ୍ରତିନିଧି ଭାରତ ଆସି ଆଲୋଚନା କରୁଛନ୍ତି। ଆମେରିକା ରାଷ୍ଟ୍ରଦୂତ ସର୍ଗିଓ ଗୋର କହିଥିଲେ ଯେ ରାଜିନାମାର ୯୯ ପ୍ରତିଶତ ଚୂଡ଼ାନ୍ତ ହୋଇସାରିଛି। ଅବଶିଷ୍ଟ ୧ ପ୍ରତିଶତର ମୁଲଚାଲ ଚାଲିଛି।

# ନୂଆଦିଲ୍ଲୀକୁ 'ନିର୍ଭରଯୋଗ୍ୟ ସହଯୋଗୀ' କହି ପ୍ରଶଂସା କଲେ ପୁଟିନ

ସେଣ୍ଟ୍ ପିଟର୍ସବର୍ଗ, ୫/୬: ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ଗୁରୁବାର ନୂଆଦିଲ୍ଲୀ ସହିତ ମସ୍କୋର ରଣନୈତିକ ସହଭାଗିତାକୁ ପ୍ରଶଂସା କରିଛନ୍ତି। ଏଥି ସହ ସେ କହିଛନ୍ତି ଯେ ଭାରତ-ରୁଷ୍ ସମ୍ପର୍କ ଭାଙ୍ଗିବା ପାଇଁ ପାଶ୍ଚାତ୍ୟ ଉଦ୍ୟମ ବ୍ୟର୍ଥ ହୋଇଛି ଏବଂ ତାହା ବିଶ୍ୱ ସ୍ଥିରତା ପାଇଁ ମଧ୍ୟ କ୍ଷତିକାରକ। ଅଗ୍ରଣୀ ବିଶ୍ୱସ୍ତରୀୟ ସମ୍ବାଦ ଏଜେନ୍ସିର ପ୍ରତିନିଧିଙ୍କ ସହ ଏକ କଥାବାର୍ତ୍ତାରେ ପୁଟିନ ଭାରତର ଅର୍ଥନୈତିକ ଅଭିବୃଦ୍ଧି ଓ ଏହାର ସ୍ୱାଧୀନ ବୈଦେଶିକ ନୀତିକୁ ପ୍ରଶଂସା କରିଛନ୍ତି ଏବଂ କହିଛନ୍ତି ଯେ ରୁଷ୍ ଭାରତ ସହିତ ଏହାର ଅର୍ଥନୈତିକ ସମ୍ପର୍କକୁ ବିସ୍ତାର କରିବାକୁ ପ୍ରତିଶ୍ରୁତିବଦ୍ଧ। ପୁଟିନ କହିଛନ୍ତି ଯେ ଭାରତ ବିଶ୍ୱର ପ୍ରମୁଖ ଅର୍ଥନୀତି ମଧ୍ୟରେ ଅନ୍ୟତମ ଏବଂ ବର୍ତ୍ତମାନ ଅର୍ଥନୈତିକ ଅଭିବୃଦ୍ଧିର ଏକ ପ୍ରଭାବଶାଳୀ ହାର ପ୍ରଦର୍ଶନ କରୁଛି। ଆଗାମୀ ବର୍ଷରେ ଦୁଇ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ବାଣିଜ୍ୟ ୧୦୦ ବିଲିୟନ ଡଲାରରେ ପହଞ୍ଚିବ ବୋଲି ସେ ଆତ୍ମବିଶ୍ୱାସ ପ୍ରକାଶ କରିଛନ୍ତି। ପୁଟିନ କହିଛନ୍ତି ଯେ ରୁଷ୍ ସହିତ ସମ୍ପର୍କକୁ ସୀମିତ କରିବା ପାଇଁ ଭାରତ ଉପରେ ପାଶ୍ଚାତ୍ୟ ଚାପର କୌଣସି ପ୍ରଭାବ ରୁଷ୍ ଦେଖିନାହିଁ। ସେ କହିଛନ୍ତି, ସମସ୍ତେ ବୁଝିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଉପରେ ଚାପ ପକାଇବା ଅନ୍ତର୍ଜାତୀୟ ସମ୍ପର୍କ ଓ ଦ୍ୱିପାକ୍ଷିକ ସମ୍ପର୍କ ପାଇଁ କ୍ଷତିକାରକ। ଏହି ଚାପ କେଉଁଠୁ ଆସୁଛି ତାହା ଗୁରୁତ୍ୱପୂର୍ଣ୍ଣ ନୁହେଁ। ତା' ସତ୍ତ୍ୱେ ଆମେ କୌଣସି ନକାରାତ୍ମକ ପରିଣାମ ଦେଖୁନାହୁଁ। ଭାରତ-ରୁଷ୍ ସମ୍ପର୍କକୁ ନେଇ କେତେକ ପାଶ୍ଚାତ୍ୟ ରାଜଧାନୀରେ ଅସନ୍ତୋଷ ବୃଦ୍ଧି ପାଉଥିବା ପୃଷ୍ଠଭୂମିରେ ରୁଷ୍ ରାଷ୍ଟ୍ରପତିଙ୍କ ଏହି ମନ୍ତବ୍ୟ ଆସିଛି। ରୁଷ୍‌ର ଅଶୋଧିତ ତୈଳ କ୍ରୟ ହ୍ରାସ କରିବାକୁ ଆମେରିକା କ୍ରମାଗତ ଭାବରେ ଭାରତକୁ ଅନୁରୋଧ କରିଆସୁଛି। ରୁଷ୍ ରାଷ୍ଟ୍ରପତି ଗୁରୁତ୍ୱାରୋପ କରିଛନ୍ତି ଯେ, ନୂଆଦିଲ୍ଲୀ ନିଜର ଜାତୀୟ ସ୍ୱାର୍ଥକୁ ପ୍ରାଥମିକତା ଦେବା ଜାରି ରଖିବ ଏବଂ ଆମେରିକା ସହିତ ଭାରତର କୂଟନୈତିକ ସମ୍ପର୍କ ରୁଷ୍ ସହିତ ଏହାର ସମୟ-ପରୀକ୍ଷିତ ସମ୍ପର୍କକୁ ବାଧା ଦେବ ନାହିଁ କିମ୍ବା ଦୁର୍ବଳ କରିବ ନାହିଁ। ୱାସିଂଟନ ସହ ଭାରତର ଗଭୀର ମେଣ୍ଟ ରୁଷ୍ ପାଇଁ ସମସ୍ୟା ସୃଷ୍ଟି କରୁଛି କି ବୋଲି ପଚରାଯିବାରୁ ପୁଟିନ କହିଛନ୍ତି, ଆମେ ଖୁସି ଯେ ଭାରତ ଏହାର ଜାତୀୟ ସ୍ୱାର୍ଥ ପାଇଁ ଗୁରୁତ୍ୱପୂର୍ଣ୍ଣ ମନେ କରୁଥିବା ସମସ୍ତ ଦେଶ ସହ ସମ୍ପର୍କ ରଖୁଛି। ରୁଷ୍ ଭାରତକୁ ଏକ ବିଶ୍ୱସନୀୟ ସହଯୋଗୀ ଭାବରେ ବିବେଚନା କରେ ଏବଂ ଅନ୍ୟ କୌଣସି ଦେଶ ସହିତ ନୂଆଦିଲ୍ଲୀର ଦ୍ୱିପାକ୍ଷିକ ସମ୍ପର୍କରୁ ଏହା କୌଣସି ନକାରାତ୍ମକ ପରିଣାମ ଦେଖେ ନାହିଁ। ସେ କହିଛନ୍ତି ଯେ ଭାରତ ଏକ ମହାନ ରାଷ୍ଟ୍ର ଓ ବୃହତ୍ତମ ଗଣତନ୍ତ୍ର ଏବଂ ରୁଷ୍ ଏହା ସହିତ ସମ୍ପର୍କ ଜାରି ରଖିବ। ୟୁକ୍ରେନ ବିବାଦ ଉପରେ ଏକ ପ୍ରଶ୍ନର ଉତ୍ତରରେ ରୁଷ୍ ରାଷ୍ଟ୍ରପତି କହିଛନ୍ତି ଯେ ସେ ଏହାର ସମାଧାନ ପାଇଁ ଖୋଲା ଅଛନ୍ତି ଏବଂ ବର୍ତ୍ତମାନ କାର୍ଯ୍ୟ ହେଉଛି କିବ୍‌କୁ ବୁଝାଇବା। ୟୁକ୍ରେନ ସହ ଶାନ୍ତି ଆଲୋଚନାରେ ୟୁରୋପୀୟ ସଂଘର ଦେଶଗୁଡ଼ିକ ମଧ୍ୟସ୍ଥି ଭାବରେ କାର୍ଯ୍ୟ କରିପାରିବେ ବୋଲି ଧାରଣାକୁ ମଧ୍ୟ ସେ ଖାରଜ କରିଛନ୍ତି। ରୁଷ୍ ରାଷ୍ଟ୍ରପତି କହିଛନ୍ତି ଯେ ୟୁରୋପୀୟ ସଂଘ କିବ୍‌କୁ ଅସ୍ତ୍ରଶସ୍ତ୍ର ଯୋଗାଇବା ପରିବର୍ତ୍ତେ ଆପୋସ ବୁଝାମଣା କରିବାକୁ ପ୍ରବର୍ତ୍ତାଇ ବିବାଦର ସମାଧାନ କରିବାରେ ସାହାଯ୍ୟ କରିପାରିବ। ପୁଟିନ କହିଛନ୍ତି ଯେ ୟୁକ୍ରେନ୍ ସଙ୍କଟ ସ୍ଥାନୀୟ ପ୍ରସଙ୍ଗ ହୋଇଥିବାବେଳେ ଇରାନ ପ୍ରସଙ୍ଗ ଏକ ବିଶ୍ୱସ୍ତରୀୟ ପ୍ରସଙ୍ଗ। ପଶ୍ଚିମ ଏସିଆରେ ଉତ୍ତେଜନା ହ୍ରାସ କରିବାରେ ସହାୟକ ହେଉଥିବା ଯେକୌଣସି ନିଷ୍ପତ୍ତିକୁ ରୁଷ୍ ସମର୍ଥନ କରିବାକୁ ପ୍ରସ୍ତୁତ ଅଛି। ପୁଟିନ ରାଷ୍ଟ୍ରପତି ଭାବରେ ଭୋଲଡିମିର ଜେଲେନସ୍କିଙ୍କ ବୈଧତା ଉପରେ ମଧ୍ୟ ପ୍ରଶ୍ନ ଉଠାଇ କହିଛନ୍ତି ଯେ ୟୁକ୍ରେନ ନେତାଙ୍କ କାର୍ଯ୍ୟକାଳ ସମାପ୍ତ ହୋଇଛି। ସେମାନେ ନିର୍ବାଚନ କରିବେ କି ନାହିଁ, ଆମେ ଏହି ପ୍ରଶ୍ନ ପଚାରିବା ଉଚିତ।



# ଏଲ୍‌ନିନୋ ବଳବାନ୍ ହେଉଛି

## ଭାରତରେ ଏ ବର୍ଷର ମୌସୁମୀ ଋତୁ ଛୋଟ ହୋଇପାରେ

ନୂଆଦିଲ୍ଲୀ, ୫/୬: ପ୍ରଶାନ୍ତ ମହାସାଗର ଉତ୍ତପ୍ତ ହେବାରେ ଲାଗିଛି। ଏହା ଏଲ୍‌ନିନୋ ନାମକ ପାଣିପାଗ ଘଟଣାକୁ ସୂଚାଉଛି। ଏଲ୍‌ନିନୋ ହେଉଛି ଏକ ପ୍ରାକୃତିକ ଚକ୍ରର ଉଷ୍ମ ପର୍ଯ୍ୟାୟ ଯାହାକୁ ଏଲ୍‌ନିନୋ ସାଉଥ୍ ଓସିଲେସନ୍ ବା ଇଏନ୍ଏସ୍ଓ କୁହାଯାଏ। ଏଲ୍‌ନିନୋ ଶକ୍ତିଶାଳୀ ହେବା ଅର୍ଥ ଭାରତରେ ମୌସୁମୀ ଋତୁ ଛୋଟ ହେବା ଓ କମ୍ ବର୍ଷା ହେବା, ଯାହା ଭାରତର ବର୍ଷା-ନିର୍ଭର କୃଷି ବ୍ୟବସ୍ଥାକୁ ପ୍ରଭାବିତ କରିବ। ଏଲ୍‌ନିନୋ ସମୟରେ, ଉଷ୍ମତାକୁ ଧରି ରଖିଥିବା ବାଣିଜ୍ୟ ବାୟୁ (ଟ୍ରେଡ୍ ୱିଣ୍ଡ୍) ଶିଥିଳ ହୋଇଯାଏ ଏବଂ ଏହା ପୂର୍ବକୁ ଦକ୍ଷିଣ ଆମେରିକା ଆଡକୁ ଗତି କରେ। ବୈଜ୍ଞାନିକମାନେ କେନ୍ଦ୍ରୀୟ ପ୍ରଶାନ୍ତ ମହାସାଗରରେ ଥିବା ନିନୋ ୩.୪ ଅଞ୍ଚଳ ନାମକ ସମୁଦ୍ରର ଏକ ଅଂଶ ମାଧ୍ୟମରେ ଏହାକୁ ଟ୍ରାକ୍ କରିଛନ୍ତି। ଯେତେବେଳେ ସମୁଦ୍ର ପୃଷ୍ଠର ତାପମାତ୍ରା ହାରାହାରିଠାରୁ ଅତି କମ୍‌ରେ ୦.୫ ଡିଗ୍ରୀ ସେଲସିୟସ୍ ଅଧିକ ରହିଥାଏ, ସେତେବେଳେ ଏହି ଅବସ୍ଥାକୁ ଏଲ୍‌ନିନୋ ଘୋଷଣା କରାଯାଏ। ସେହି ସୀମା ବର୍ତ୍ତମାନ ଅତିକ୍ରମ କରିଛି। ବିଶ୍ୱ ପାଣିପାଗ ସଂଗଠନ ଜୁନ୍ ୨ରେ ନିଶ୍ଚିତ କରିଛି ଯେ ଏଲ୍‌ନିନୋ ଅବସ୍ଥା ବିକଶିତ ହେଉଛି ଏବଂ ଜୁନ୍‌ରୁ ଅଗଷ୍ଟ ମଧ୍ୟରେ ଏହା ସମ୍ପୂର୍ଣ୍ଣ ବିକଶିତ ହେବାର ସମ୍ଭାବନା ୮୦ ପ୍ରତିଶତ ରହିଛି। ବର୍ଷର ଅବଶିଷ୍ଟ ସମୟ ପାଇଁ ଏହି ସମ୍ଭାବନା ପ୍ରାୟ ୯୦ ପ୍ରତିଶତକୁ ବୃଦ୍ଧି ପାଇଥାଏ। ନିନୋ ୩.୪ ଅଞ୍ଚଳରେ ସାପ୍ତାହିକ ତାପମାତ୍ରା ସ୍ୱାଭାବିକଠାରୁ ଏକ ଡିଗ୍ରି ପାଖାପାଖି ବୃଦ୍ଧି ପାଇଛି। ଏଲ୍‌ନିନୋ ବାୟୁମଣ୍ଡଳର ବୃଷ୍ଟିପାତ ପ୍ରଣାଳୀକୁ ଉପମହାଦେଶଠାରୁ ଦୂରରେ ପୂର୍ବ ଦିଗକୁ ଠେଲି ଦେଇଥାଏ ଏବଂ ଏହାର ଅର୍ଥ ହେଉଛି ଏକ ଦୁର୍ବଳ ମୌସୁମୀ। ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ପୂର୍ବରୁ ସ୍ୱାଭାବିକଠାରୁ କମ୍ ବୃଷ୍ଟିପାତର ପୂର୍ବାନୁମାନ କରିସାରିଛି, ଯାହା ଦୀର୍ଘକାଳୀନ ହାରାହାରି ବୃଷ୍ଟିପାତର ୯୦ ପ୍ରତିଶତ ହେବ ବୋଲି ଆକଳନ କରିଛି। ମୌସୁମୀ ସ୍ୱାଭାବିକ ଜୁନ୍ ୧ ତାରିଖଠାରୁ ତିନି ଦିନ ବିଳମ୍ବରେ, ଜୁନ୍ ୪ ତାରିଖରେ କେରଳରେ ପହଞ୍ଚିଥିଲା। ଆଗାମୀ ଦିନରେ କର୍ଣ୍ଣାଟକ, ଆନ୍ଧ୍ରପ୍ରଦେଶ ଓ ତାମିଲନାଡୁରେ ସ୍ଥିର ଅଗ୍ରଗତି ହେବ ବୋଲି ଆଶା କରାଯାଉଛି। ଏଲ୍‌ନିନୋ ସାଧାରଣତଃ ନଭେମ୍ବରରୁ ଫେବ୍ରୁଆରି ମଧ୍ୟରେ ଶିଖରରେ ରହିଥାଏ ଏବଂ ପରବର୍ତ୍ତୀ ବର୍ଷ ପର୍ଯ୍ୟନ୍ତ ରହିପାରେ। ଏହା ସମଗ୍ର ବିଶ୍ୱରେ ଗ୍ରୀଷ୍ମଲହରି ଓ ଅନିୟମିତ ବୃଷ୍ଟିପାତର ସମ୍ଭାବନା ବଢାଇଥାଏ। ବର୍ତ୍ତମାନ ପାଇଁ, ବୈଜ୍ଞାନିକମାନଙ୍କ ବାର୍ତ୍ତା ସରଳ। ମୌସୁମୀ ଦୁର୍ବଳ ଓ ବୃଷ୍ଟିପାତ କମ୍ ହୋଇପାରେ ଏବଂ ଆଗାମୀ ମାସଗୁଡ଼ିକ ଉପରେ ସତର୍କ ଦୃଷ୍ଟି ରଖାଯିବା ଉଚିତ।

# ରାଜ୍ୟସଭା ନିର୍ବାଚନ: ମ୍ୟାଜିକ୍ ସଂଖ୍ୟାଠାରୁ ଏନ୍‌ଡିଏ ୧୫ ଆସନ ଦୂରରେ

ନୂଆଦିଲ୍ଲୀ, ୫/୬: ରାଜ୍ୟସଭା ନିର୍ବାଚନ ପାଇଁ ଜୋରସୋରରେ ପ୍ରସ୍ତୁତି ଚାଲିଛି। ଭାରତୀୟ ଜନତା ପାର୍ଟି (ବିଜେପି) ୫ଟି ରାଜ୍ୟ ପାଇଁ ୧୧ ଜଣ ପ୍ରାର୍ଥୀଙ୍କ ନାମ ଘୋଷଣା କରିଛି। ସମ୍ବିଧାନ ସଂଶୋଧନ ବିଲ୍ ମାମଲାରେ ମାତ୍ ଖାଇଥିବା ଏନ୍‌ଡିଏ ପାଇଁ ଆଗାମୀ ନିର୍ବାଚନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହେବାକୁ ଯାଉଛି। ଦେଶର ୧୦ଟି ରାଜ୍ୟର ୨୪ଟି ଆସନରେ ରାଜ୍ୟସଭା ନିର୍ବାଚନ ଅନୁଷ୍ଠିତ ହେବ, ଜୁନ୍ ୧୮ରେ ମତଦାନ ହେବ ଏବଂ ସେହି ଦିନ ଫଳାଫଳ ଘୋଷଣା ହେବାର ସମ୍ଭାବନା ରହିଛି। ୨୪୫ ସଦସ୍ୟ ବିଶିଷ୍ଟ ରାଜ୍ୟସଭାରେ ଏନ୍‌ଡିଏର ମୋଟ ୧୪୮ ଜଣ ସାଂସଦ ଅଛନ୍ତି। ଏଥିମଧ୍ୟରୁ ସବୁଠାରୁ ବଡ଼ ଦଳ ବିଜେପିର ୧୧୩ ଜଣ ସାଂସଦ ଅଛନ୍ତି। ବର୍ତ୍ତମାନ ଏହି ମେଣ୍ଟକୁ ଦୁଇତୃତୀୟାଂଶର କୁହୁକ ସଂଖ୍ୟାକୁ ଛୁଇଁବା ପାଇଁ ଆଉ ୧୫ ଜଣ ସାଂସଦ ଆବଶ୍ୟକ। ବିଶେଷ କଥା ହେଉଛି ଯେକୌଣସି ସାମ୍ବିଧାନିକ ସଂଶୋଧନ ବିଲ୍ ପାରିତ ହେବା ପାଇଁ ସରକାରଙ୍କୁ ଦୁଇତୃତୀୟାଂଶ ସଂଖ୍ୟାଗରିଷ୍ଠତା ଆବଶ୍ୟକ। ତେବେ କୁହାଯାଉଛି ଯେ, ଏହି ନିର୍ବାଚନରେ ଏନ୍‌ଡିଏ ଏହି ସଂଖ୍ୟାରେ ପହଞ୍ଚିବା ନିଶ୍ଚିତ ନୁହେଁ, କିନ୍ତୁ ଅନେକ ରାଜ୍ୟରେ ବିଜେପି ଆଗୁଆ ରହିପାରେ। ଆନ୍ଧ୍ର ପ୍ରଦେଶ ଓ ଗୁଜରାଟର ୪ଟି ଲେଖାଏଁ ଆସନରେ ନିର୍ବାଚନ ହେବ। ଅନ୍ୟପକ୍ଷରେ ମଧ୍ୟପ୍ରଦେଶ ଓ ରାଜସ୍ଥାନରେ ୩ଟି ଲେଖାଏଁ ଆସନରେ ନିର୍ବାଚନ ଅନୁଷ୍ଠିତ ହେଉଛି। ଏହା ବ୍ୟତୀତ ମଣିପୁରର ଗୋଟିଏ, ମେଘାଳୟର ଗୋଟିଏ, ଝାଡ଼ଖଣ୍ଡର ୨ଟି, ଅରୁଣାଚଳ ପ୍ରଦେଶର ୧ଟି, କର୍ଣ୍ଣାଟକର ୪ଟି ଓ ମିଜୋରାମର ଗୋଟିଏ ଆସନରେ ନିର୍ବାଚନ ହେବ। ଏଥିସହ ୨ଟି ରାଜ୍ୟସଭା ଆସନ ପାଇଁ ଉପନିର୍ବାଚନ ହେବ। କର୍ଣ୍ଣାଟକରେ ଏନ୍‌ଡିଏକୁ ଗୋଟିଏ ଆସନ ମିଳିବ। କଂଗ୍ରେସ ୨ଟି ଆସନରେ ବିଜୟୀ ହୋଇପାରେ। କୁହାଯାଉଛି ଯେ, ଚତୁର୍ଥ ଆସନ ବିଧାୟକମାନେ କେଉଁ ଉପାୟରେ ଭୋଟ୍ ଦେଉଛନ୍ତି ତାହା ଉପରେ ନିର୍ଭର କରିବ। ଆନ୍ଧ୍ରପ୍ରଦେଶରେ ଟିଡିପିର ୧୩୫ ଜଣ ଓ ଜନସେନା ପାର୍ଟିର ୨୧ ଜଣ ବିଧାୟକ ଅଛନ୍ତି। ବିଜେପିର ୮ ଜଣ ଏବଂ ୱାଇଏସ୍ଆରସିପିର ୧୧ ଜଣ ବିଧାୟକ ଅଛନ୍ତି। ଏହି ଦୃଷ୍ଟିରୁ ୧୬୪ଟି ଆସନ ବିଶିଷ୍ଟ ଏନ୍‌ଡିଏ ଏଠାରେ ରାଜ୍ୟସଭାର ୪ଟି ଆସନ ଜିତିପାରେ। ୧୮୨ ସଦସ୍ୟ ବିଶିଷ୍ଟ ଗୁଜରାଟ ବିଧାନସଭାରେ ବିଜେପିର ୧୬୧ ଜଣ ବିଧାୟକ ଅଛନ୍ତି। ଏହି ଆଧାରରେ ଜୁନ୍ ୧୮ରେ ହେବାକୁ ଥିବା ରାଜ୍ୟସଭା ନିର୍ବାଚନରେ ଦଳ ସମସ୍ତ ଚାରୋଟି ଆସନରେ ଜିତିବାକୁ ଆତ୍ମବିଶ୍ୱାସୀ। ରାଜସ୍ଥାନ ବିଧାନସଭାରେ ସଦସ୍ୟଙ୍କ ସଂଖ୍ୟା ହେଉଛି ୨୦୦। ବିଜେପିର ୧୧୫ ଜଣ ଓ କଂଗ୍ରେସର ୬୯ ଜଣ ବିଧାୟକ ଅଛନ୍ତି। ଏଠାରେ ବିଜେପି ୨ଟି ଓ କଂଗ୍ରେସ ଗୋଟିଏ ଆସନରେ ବିଜୟୀ ହୋଇପାରେ ବୋଲି ବିଶ୍ୱାସ କରାଯାଉଛି। ମଧ୍ୟପ୍ରଦେଶର ଫଳାଫଳ ଆଶ୍ଚର୍ଯ୍ୟଜନକ ହୋଇପାରେ।

# ମମତାଙ୍କୁ ଝଟକା: ଇସ୍ତଫା ଦେଲେ ଟିଏମସି ମେୟର

ନୂଆଦିଲ୍ଲୀ, ୫/୬: ପଶ୍ଚିମବଙ୍ଗରେ ଟିଏମସି ସରକାର ଯିବାର ମାସେ ପୂରିଛି । କ୍ଷମତା ଯିବା ପରେ ଗୋଟିଏ ପରେ ଗୋଟିଏ ଝଟକା ଟିଏମସି ମୁଖ୍ୟ ମମତା ବାନାର୍ଜୀଙ୍କୁ ଲାଗୁଛି । କୋଲକାତାର ଟିଏମସି ମେୟର ଫିରହାଦ ହାକିମ ନିଜର ପଦରୁ ଇସ୍ତଫା ଦେଇଛନ୍ତି । ଟିଏମସିରେ ଲାଗି ରହିଥିବା ରାଜନୈତିକ ଅସ୍ଥିରତା ମଧ୍ୟରେ ଏହି ଇସ୍ତଫା ଦିଦିଙ୍କ ଚିନ୍ତା ବଢ଼ାଇ ଦେଇଛି । ଇସ୍ତଫା ଦେବା ପରେ ସେ କହିଛନ୍ତି କି, ମୁଁ ଆଉ ପୂର୍ବପରି କାମ କରି ପାରିବି ନାହିଁ । ଏହି କାରଣରୁ ମୁଁ ଇସ୍ତଫା ଦେଉଛି । ,ହି ପଦବୀରେ ରହି କାମ ନକଲେ ପଦବୀ ପ୍ରତି ଅପମାନ ହେବ ବୋଲି କହିଛନ୍ତି । ଏହାସହ କହିଛନ୍ତି କି, ମୋ ପରେ ଯିଏ ବି ଆସିବେ ମୁଁ ତାଙ୍କୁ ଶୁଭକାମନା ଜଣାଇବି । କିଛିଦିନ ପୂର୍ବରୁ ମଧ୍ୟ ମୁଁ ଏହି ପଦବୀରୁ ଇସ୍ତଫା ଦେବା ପାଇଁ ମମତାଙ୍କ ସହ ଆଲୋଚନା କରିଥିଲି । ସେ ମଧ୍ୟ ହଁ କରିଥିଲେ । ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରୁଛି ସେ ଜନସାଧାରଣଙ୍କ ଆଶା ପୂରଣ କରିବେ । ସୂଚନାଯୋଗ୍ୟ ଯେ ଫିରହାନ ହେଉଛନ୍ତି ଟିଏମସିର ଜଣେ ବରିଷ୍ଠ ନେତା । ୨୦୧୮ ମସିହାରୁ ସେ କୋଲକାତାର ମେୟର ରହି ଆସିଛନ୍ତି । ସ୍ୱାଧିନତା ପରେ ସେ କୋଲକାତାର ପ୍ରଥମ ମୁସଲିମ ମେୟର । ସେପଟେ ବିଧାୟକଙ୍କ ଜାଲ ଦସ୍ତଖତ ମାମଲାରେ ମଧ୍ୟ ତାଙ୍କୁ ପଶ୍ଚିମବଙ୍ଗ ସିଆଇଡି ପକ୍ଷରୁ ପଚରାଉଚରା କରାଯାଇଛି ।

# ଇଣ୍ଡିମେଣ୍ଟ ବୈଠକରେ ଯୋଗ ଦେବେ ବିଜୟ

ଚେନ୍ନାଇ, ୫/୬: ଆସନ୍ତା ଜୁନ୍ ୮ ତାରିଖରେ ଇଣ୍ଡି ମେଣ୍ଟ ବୈଠକରେ ଡିଏମ୍‌କେ ଯୋଗ ଦେବନି ବୋଲି ନିଷ୍ପତ୍ତି ଶୁଣାଇବାପରେ ଏବେ ଇଣ୍ଡି ମେଣ୍ଟରେ ନୂଆ କରି ପ୍ରବେଶ କରିବ ଟିଭିକେ (ତାମିଲଗା ଭେଟ୍ରି କାଝାଗମ) । ଜାତୀୟ ରାଜନୀତିରେ ପ୍ରବେଶ କରିବାପାଇଁ ତାମିଲନାଡୁ ମୁଖ୍ୟମନ୍ତ୍ରୀ ବିଜୟ ଏହି ସୁଯୋଗର ହାତ ଛଡ଼ା କରିବେନି। ଜୁନ୍ ୮ ତାରିଖ ବୈଠକରେ ଟିଭିକେ ଯୋଗ ଦେବ। ତାମିଲନାଡୁରେ ନୂଆ ସରକାରରେ ବିଜୟ କଂଗ୍ରେସକୁ ୨ଟି ମନ୍ତ୍ରୀ ପଦ ଦେବା ସହ ଗୋଟିଏ ରାଜ୍ୟସଭା ଆସନ ଦେବାପରେ ଟିଭିକେର କଂଗ୍ରେସ ସହ ମେଣ୍ଟ ସୁଦୃଢ଼ ହୋଇଛି। କଂଗ୍ରେସ ନେତୃତ୍ୱାଧୀନ ବିରୋଧୀ ମେଣ୍ଟରେ ସେ ଏବେ ଯୋଗ ଦେଇ ଜାତୀୟ ରାଜନୀତିରେ ଏକ ଭୂମିକା ନିର୍ବାହ କରିବାପାଇଁ ଆଗ୍ରହ ଦେଖାଇଛନ୍ତି। ଏହା ପୂର୍ବରୁ ଗୁରୁବାର କଂଗ୍ରେସର ତାମିଲନାଡୁ ପ୍ରଭାରୀ ଗିରିଶ ଚୋଡ଼ଙ୍କର ବିଜୟଙ୍କୁ ସଚିବାଳୟରେ ଭେଟିଥିଲେ। କୁହାଯାଉଛି ଯେ ଡିଏମ୍‌କେ ଇଣ୍ଡିମେଣ୍ଟ ଛାଡ଼ିବା ପରେ ଯେଉଁ ଶୂନ୍ୟସ୍ଥାନ ସୃଷ୍ଟି ହୋଇଥିଲା ତାହା ବିଜୟଙ୍କ ପ୍ରବେଶ ସହ ପୂରଣ ହେବ। ବିଜୟଙ୍କ ଉପସ୍ଥିତି ମଧ୍ୟ ମେଣ୍ଟକୁ ସୁଦୃଢ଼ କରିବ।


# ମଣିପୁରର ପୁଣି ହିଂସାକାଣ୍ଡ, ମହିଳାଙ୍କ ସମେତ ୩ ମୃତ

ଇମ୍ଫାଲ/କାଙ୍ଗପୋକପି, ୫/୬: କ୍ରମାଗତ ଜାତିଗତ ହିଂସା ମଧ୍ୟରେ ଗତି କରୁଥିବା ମଣିପୁରର କାଙ୍ଗପୋକପି ଜିଲ୍ଲାରେ ଶୁକ୍ରବାର ଭୋର ସମୟରେ ପୁଣି ଥରେ ଭୟାବହ ରକ୍ତପାତ ଦେଖିବାକୁ ମିଳିଛି। ନ୍ୟୁ କେଥେଲମାନବି ଅଞ୍ଚଳ ଅଧୀନରେ ଥିବା ଲୋଇବୋଲ୍ ଗ୍ରାମ ଉପରେ କିଛି ଅଜ୍ଞାତ ସଶସ୍ତ୍ର ଆକ୍ରମଣକାରୀ ଅତି ନିର୍ମମ ଭାବେ ପ୍ରାଣଘାତୀ ଆକ୍ରମଣ କରିବା ଯୋଗୁଁ ୩ ଜଣ ଗ୍ରାମବାସୀଙ୍କର ମୃତ୍ୟୁ ଘଟିଛି ଏବଂ ଅନେକ ଘର ପୋଡ଼ି ପାଉଁଶ ହୋଇଯାଇଛି। ସ୍ଥାନୀୟ ସୂତ୍ର ଅନୁଯାୟୀ, ଶୁକ୍ରବାର ସକାଳ ପ୍ରାୟ ୪ଟା ୧୦ ମିନିଟ୍ ସମୟରେ ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ରରେ ସଜ୍ଜିତ ଏହି ଦୁର୍ବୃତ୍ତମାନେ ଗ୍ରାମକୁ ଘେରିଯାଇ ଆଖିବୁଜା ଗୁଳିଚାଳନା କରିଥିଲେ, ଯାହାଫଳରେ ଶୋଇଥିବା ଗ୍ରାମବାସୀଙ୍କ ମଧ୍ୟରେ ପ୍ରାଣବିକଳରେ ଆତଙ୍କ ଖେଳିଯାଇଥିଲା। ଗୁଳିମାଡ଼ କରିବା ସହିତ ଆକ୍ରମଣକାରୀମାନେ ଗ୍ରାମର ଅନେକ ଘରକୁ ନିଆଁ ଲଗାଇ ବ୍ୟାପକ ସମ୍ପତ୍ତି ନଷ୍ଟ କରିଛନ୍ତି। ସଶସ୍ତ୍ର ଉଗ୍ରବାଦୀଙ୍କ ଏହି ବର୍ବର ଆକ୍ରମଣରେ ପ୍ରାଣ ହରାଇଥିବା ୩ ଜଣ ପୀଡ଼ିତଙ୍କୁ ଲେଟଖୋଙ୍ଗାମ ହାଓକିପ୍, ଟିନମାରୀ ହାଓକିପ୍ ଏବଂ ଜାଙ୍ଗମିନଲାଲ୍ ହାଓକିପ୍ ଭାବେ ଚିହ୍ନଟ କରାଯାଇଛି। ଆକ୍ରମଣ ସମୟରେ ହିଁ ଏହି ତିନିଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଏହି ଘଟଣା ସମଗ୍ର ସ୍ଥାନୀୟ ସମ୍ପ୍ରଦାୟ ମଧ୍ୟରେ ତୀବ୍ର ଶୋକ ଓ ଅସନ୍ତୋଷ ସୃଷ୍ଟି କରିଛି।

### ଗୁଜରାଟରେ କଂଗ୍ରେସ ଉପରେ ବର୍ଷିଲେ ମୋଦି

# କିଛି ଲୋକ ନିରାଶାବାଦୀ, ଦେଶକୁ ଛୋଟ ଦେଖୁଛନ୍ତି

ନୂଆଦିଲ୍ଲୀ, ୫/୬ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି (ଶୁକ୍ରବାର) ଗୁଜରାଟ ଗସ୍ତରେ ଅଛନ୍ତି। ଏହି ସମୟରେ ସେ ସୁରଟରେ ୧୮୮୦୦ କୋଟିରୁ ଅଧିକ ମୂଲ୍ୟର ଅନେକ ବିକାଶମୂଳକ ପ୍ରକଳ୍ପର ଉଦଘାଟନ, ଲୋକାର୍ପଣ ଏବଂ ଶିଳାନ୍ୟାସ କରିଛନ୍ତି, ଯେଉଁଥିରେ ରାସ୍ତା, ବିଦ୍ୟୁତ୍ ଏବଂ ଶିକ୍ଷା କ୍ଷେତ୍ର ସହିତ ଜଡିତ ପ୍ରକଳ୍ପ ସାମିଲ ରହିଛି। ସୁରଟରେ ଏକ ଜନସମାବେଶକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି ଯେ ସୁରଟର ବୃତ୍ତାକାର ଜଳ ଅର୍ଥନୀତିକୁ ନେଇ ଆଜିକାଲି ବ୍ୟାପକ ଭାବରେ ଆଲୋଚନା ହେଉଛି। ବର୍ତ୍ତମାନର ପ୍ରୟାସ ହେଉଛି ଆଗାମୀ ଦଶନ୍ଧି ଧରି ସୁରଟ ପାଇଁ ସମ୍ପୂର୍ଣ୍ଣ ଜଳ ଯୋଗାଣ ସୁନିଶ୍ଚିତ କରିବା। ଏହି ଉଦ୍ଦେଶ୍ୟରେ ତାପି ବ୍ୟାରେଜ୍ ପ୍ରକଳ୍ପକୁ ଅନୁମୋଦନ କରାଯାଇଛି। ପ୍ରଧାନମନ୍ତ୍ରୀ ମୋଦୀ ଆହୁରି କହିଛନ୍ତି ଯେ ଆଜି ଅନେକ ପ୍ରକଳ୍ପର ଶିଳାନ୍ୟାସ ଏବଂ ଉଦଘାଟନ ସୁରଟର ବିକାଶକୁ ତ୍ୱରାନ୍ୱିତ କରିବ। ଆଜି ଭାରତ ପ୍ରକୃତି ସହିତ ସମନ୍ୱୟ ରଖି ପ୍ରଗତି ମନ୍ତ୍ର ସହିତ ପ୍ରଗତି ହାସଲ କରୁଛି, ଅର୍ଥନୀତି ଏବଂ ପରିବେଶ ଉଭୟ। ତାଙ୍କ ଅଭିଭାଷଣ ସମୟରେ, ପ୍ରଧାନମନ୍ତ୍ରୀ ମୋଦି କଂଗ୍ରେସ ଦଳ ଉପରେ ମଧ୍ୟ କଠୋର ଆକ୍ରମଣ କରିଥିଲେ। ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି, 'ଆଜି ଦେଶର କିଛି ନିରାଶାବାଦୀ ଆତ୍ମନିର୍ଭର ଭାରତ ଅଭିଯାନକୁ ଉପହାସ କରୁଛନ୍ତି। କେତେକ ଭାରତକୁ ନୀଚ କରିବାକୁ ଚାହୁଁଛନ୍ତି। ଏମାନେ ହେଉଛନ୍ତି ସେହି ଲୋକ ଯେଉଁମାନେ ଭାରତକୁ ସବୁବେଳେ ଅନ୍ୟ ଦେଶ ଉପରେ ନିର୍ଭରଶୀଳ କରି ରଖିଛନ୍ତି। ସେମାନେ ଭୁଲିଯାଆନ୍ତି ଯେ ଅନ୍ୟ ଉପରେ ନିର୍ଭରଶୀଳ ଦେଶ କେବେବି ବିକାଶର ଉଚ୍ଚତା ହାସଲ କରିପାରିବ ନାହିଁ। ଭାରତ ନକାରାତ୍ମକତାରୁ ଆଗକୁ ବଢ଼ିଛି। ଏହା ଆଶାବାଦରେ ପରିପୂର୍ଣ୍ଣ ଏବଂ ଅସାଧାରଣ ଆକାଂକ୍ଷା ଦ୍ୱାରା ପରିଚାଳିତ ଏକ ରାଷ୍ଟ୍ର। ଭାରତର ନାଗରିକ ମାନେ ସ୍ୱପ୍ନ ଏବଂ ଦୃଢ଼ତାରେ ପରିପୂର୍ଣ୍ଣ, ଏବଂ ଲୋକମାନେ ସେହି ଦୃଢ଼ତାକୁ ବାସ୍ତବତାରେ ପରିଣତ କରିବାକୁ ପ୍ରତିବଦ୍ଧ। ଯେତେବେଳେ ଏକ ରାଷ୍ଟ୍ରର ସାମୂହିକ ଇଚ୍ଛା ଏତେ ଦୃଢ଼, ଏହା ଯେକୌଣସି ଲକ୍ଷ୍ୟ ହାସଲ କରିପାରିବ। ଆପଣ ଦୁଇଟି ପଦକ୍ଷେପ ନେବେ, ମୁଁ ତିନୋଟି ନେବାକୁ ପ୍ରସ୍ତୁତ। ଆମେ ସ୍ଥିରତା ଏବଂ କ୍ଲାନ୍ତିକୁ ଗ୍ରହଣ କରିବୁ ନାହିଁ। କୌଣସି



ଦଳ ଏତେ ଦିନ ଧରି ଲୋକଙ୍କ ଆଶୀର୍ବାଦ ପାଇନାହିଁ। ଲୋକ ମାନେ ଆମର ସେବା ମନୋଭାବକୁ ସମର୍ଥନ କରିଛନ୍ତି। ଆମକୁ ଏକ ବିକଶିତ ଭାରତ ପାଇଁ ଆମର ସଂକଳ୍ପ ପୂରଣ କରିବାକୁ ପଡିବ।' ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି, 'ଆଜି ବିଶ୍ୱ ଅଭୂତପୂର୍ବ ଚ୍ୟାଲେଞ୍ଜର ସମ୍ମୁଖୀନ ହେଉଛି। କିଛି ସମୟ ପୂର୍ବରୁ ମୁଁ କହିଥିଲି ଯେ, ଏହି ଦଶନ୍ଧି ବିଶ୍ୱ ପାଇଁ ବିପର୍ଯ୍ୟୟର ଦଶନ୍ଧି ପ୍ରମାଣିତ ହେଉଛି। ଆମେ ଗୋଟିଏ ପରେ ଗୋଟିଏ ବିଶ୍ୱ ବିପର୍ଯ୍ୟୟ ଦେଖିଛୁ। ପ୍ରଥମେ ବଡ଼ ଉଙ୍ଗଠଓଉ-୧୯ ସଙ୍କଟ ଆସିଥିଲା; ତା'ପରେ ସବୁଠି ଯୁଦ୍ଧ ଆରମ୍ଭ ହୋଇଥିଲା, ଏବଂ ଏବେ ଏହି ବିଶାଳ ଶକ୍ତି ସଙ୍କଟ। ଏହା ସମଗ୍ର ବିଶ୍ୱକୁ ଅସ୍ଥିରତାରେ ପକାଇ ଦେଇଛି। ବିଶ୍ୱବ୍ୟାପୀ ପେଟ୍ରୋଲ ମୂଲ୍ୟରେ ପରିବର୍ତ୍ତନ ହେଉଛି, ଏବଂ ଗ୍ୟାସ ଯୋଗାଣ ଶୃଙ୍ଖଳ ଭୁଶୁଡ଼ି ପଡୁଛି। ମୁଁ ସନ୍ତୁଷ୍ଟ ଯେ ୧୪୦ କୋଟି ଭାରତୀୟଙ୍କ ସାମୂହିକ ପ୍ରୟାସରେ, ଦେଶ ଏପରି ପ୍ରତ୍ୟେକ ସଙ୍କଟର ସାମର୍ଥ୍ୟ ସହିତ ମୁକାବିଲା କରୁଛି।' ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି, 'ଆମର ସରକାର ଦେଶର ବିକାଶକୁ ସର୍ବୋଚ୍ଚ ପ୍ରାଥମିକତା ଦେଇ କାମ କରୁଛି।

### ସୌମ୍ୟ ହତ୍ୟା ମାମଲା

# ଏନ୍‌ଏଚ୍‌ଆରସି ତଦନ୍ତ ସାରି ଦିଲ୍ଲୀ ଫେରିଲେ

## ଶେଷ ଦିନରେ ବିବାଦୀୟ ଏଡ଼ିଜିଙ୍କୁ ଜେରା

ଭୁବନେଶ୍ୱର(ନିପ୍ର): ବାଲିଅନ୍ତା ଜିଆରପି କନଷ୍ଟେବଲ ସୌମ୍ୟରଞ୍ଜନ ସ୍ୱାଇଁଙ୍କୁ ପିଟିପିଟି ହତ୍ୟା ଘଟଣାରେ ଜାତୀୟ ମାନବାଧିକାର କମିଶନ (ଏନଏଚଆରସି)ଙ୍କ ପକ୍ଷରୁ ଶୁକ୍ରବାର ତଦନ୍ତ ହୋଇଛି । ଶୁକ୍ରବାର ୫ମ ଦିନର ତଦନ୍ତ ଶେଷ କରି ଆୟୋଗଙ୍କ ଦୁଇ ଜଣିଆ ଟିମ୍ ଦିଲ୍ଲୀ ଫେରିଯାଇଛି । ଫେରିବା ବେଳେ ଏନଏଚଆରସିଙ୍କ ଟିମ୍ ଗଣମାଧ୍ୟମକୁ ବଡ଼ ବୟାନ ଦେଇଛନ୍ତି । ସୌମ୍ୟ ହତ୍ୟା ଘଟଣାରେ ବିବାଦ ଘେରକୁ ଆସିଥିବା ଅତିରିକ୍ତ ପୋଲିସ ଡିଜି ଦୟାଲ ଗଙ୍ଗୱାରଙ୍କୁ ଜେରା କରାଯାଇଥିବା ଏନଏଚଆରସିଙ୍କ ଟିମ୍ ପକ୍ଷରୁ ସୂଚନା ଦିଆଯାଇଛି । ପଚରାଉଚରାବେଳେ କଣ ତଥ୍ୟ ମିଳିଲା ସେନେଇ ଏନଏଚଆରସିଙ୍କ ପକ୍ଷରୁ କୌଣସି ସ୍ପଷ୍ଟ ସୂଚନା ଦିଆଯାଇନାହିଁ । ଏନଏଚଆରସିଙ୍କ ପକ୍ଷରୁ ଡିଏସପି ରାଜେନ୍ଦ୍ର କୁମାର ଓ ଇନ୍ସପେକ୍ଟର ଅବିନାଶ କୁମାର ଘଟଣାର ତଦନ୍ତ ଶେଷ କରି ଅପରାହ୍ନରେ ଫେରିଯାଇଥିବାବେଳେ ଏହାକୁ ନେଇ ଚର୍ଚ୍ଚା ଲାଗି ରହିଛି । ଏହି ଟିମ୍ ତଥ୍ୟ ଓ ପ୍ରମାଣକୁ ଆଧାର କରି କିଛିଦିନ ମଧ୍ୟରେ ଆୟୋଗଙ୍କ ନିକଟରେ ବିସ୍ତୃତ ରିପୋର୍ଟ ଦାଖଲ କରିବ । ପରେ ମାମଲାକୁ ନେଇ ଆୟୋଗଙ୍କ ପକ୍ଷରୁ ପରବର୍ତ୍ତୀ ପଦକ୍ଷେପ ନିଆଯିବ । ଆୟୋଗଙ୍କ ଟିମ୍ ଜୁନ ୧ ତାରିଖରେ ଭୁବନେଶ୍ୱର ଆସି ତଦନ୍ତ ଆରମ୍ଭ କରିଥିଲା । ରାଜ୍ୟ ଅତିଥି ଭବନରେ ଅସ୍ଥାୟୀ କ୍ୟାମ୍ପ କରାଯାଇ ସୌମ୍ୟ ହତ୍ୟା ମାମଲାରେ ଜଡ଼ିତ ଜଣେ ପରେ ଜଣେ ଲୋକଙ୍କୁ ପଚରାଉଚରା କରାଯାଇଥିଲା । ଏଥିସହ ରାମଚନ୍ଦ୍ରପୁର ନିକଟରେ ଘଟିଥିବା ଘଟଣାସ୍ଥଳ ପରିଦର୍ଶନ କରି ତଥ୍ୟ ହାସଲ କରାଯାଇଥିଲା । ସୌମ୍ୟଙ୍କ ଗାଁ ମୌଜପୁର ଯାଇ ବାପା, ମା ଓ ଅନ୍ୟ ପରିବାର ସଦସ୍ୟଙ୍କୁ ଭେଟି ବୟାନ ରେକର୍ଡ କରିବା ସହ ଏନଏଚଆରସିଙ୍କ ଟିମ୍ ପୁଙ୍ଖାନୁପୁଙ୍ଖ ତଦନ୍ତ କରିଥିଲେ । ସୌମ୍ୟ ହତ୍ୟା ପାଇଁ କିଏ ଦାୟୀ, ଏହା ପଛରେ କିଛି ଷଡ଼ଯନ୍ତ୍ର ଥିଲା କି, ପୋଲିସ କାହିଁକି ଅବହେଳା କରିଥିଲା, କେଉଁ ପରିସ୍ଥିତିରେ ଲୋକମାନେ ଏଭଳି ବର୍ବର କାଣ୍ଡ ଘଟାଇଥିଲେ, ପୋଲିସ ତଦନ୍ତରେ କିଛି ତ୍ରୁଟି ରହିଛି କି, କ୍ରାଇମବ୍ରାଞ୍ଚର ତଦନ୍ତ କେତେ ଆଗେଇଛି, ସୌମ୍ୟଙ୍କ ସହ ଏଡିଜି ଗଙ୍ଗୱାରଙ୍କ କଣ ବିବାଦ ଥିଲା; ଏସବୁ ଦିଗକୁ ନେଇ ଏନଏଚଆରସିଙ୍କ ଟିମ୍ ତଥ୍ୟ ହାସଲ କରିଛି ।

### ଡେଲିଭେରୀ ବୟଙ୍କୁ ମରଣାନ୍ତକ ଆକ୍ରମଣ

# ଗୋଡ଼ାଇ ଗୋଡ଼ାଇ ହାଣିଲେ ଦୁର୍ବୃତ୍ତ

ଭୁବନେଶ୍ୱର(ନିପ୍ର): ଅସୁରକ୍ଷିତ ହୋଇପଡୁଛି ରାଜଧାନୀର ରାତି । ଡେଲିଭେରୀ ବୟଙ୍କୁ ମରଣାନ୍ତକ ଆକ୍ରମଣ । ଗୋଡ଼ାଇ ଗୋଡ଼ାଇ ହାଣିଲେ ଦୁର୍ବୃତ୍ତ । ଖଣ୍ଡଗିରି ଥାନା ଅଞ୍ଚଳ ଜାଗମରା ଗଣ୍ଡମୁଣ୍ଡା ରାସ୍ତାରେ ଏହି ଘଟଣା ଘଟିଛି । ଗୁରୁବାର ବିଳମ୍ବିତ ରାତିରେ ଜଣେ ଡେଲିଭେରୀ ବଏକୁ ୩ଜଣ ଦୁର୍ବୃତ୍ତ କଟୁରିରେ ହାଣି ଲୁଟ୍‌ପାଟ କରିଛନ୍ତି । ଗୁରୁତର ଅବସ୍ଥାରେ ଡେଲିଭରି ବୟକୁ ପୁଲିସ ଉଦ୍ଧାର କରି କ୍ୟାପିଟାଲ୍ ହସ୍ପିଟାଲରେ ଭର୍ତ୍ତି କରିଛି । ଯୁବକଙ୍କ ପରିଚୟ ଜଣାପଡିନାହିଁ । ପୁଲିସ ସୂଚନା ମୁତାବକ, ରାତି ପ୍ରାୟ ୧୨ଟା ପାଖାପାଖି ଡେଲିଭେରୀ ବୟ ଜଣକ ଏକ ଆପ୍ଲିକେସନରେ ଖାଦ୍ୟ ନେଇ ଜାଗମରା ଛକରୁ ପୋଖରୀପୁଟକୁ ଯାଉଥିଲେ । ଏହି ସମୟରେ ତାଙ୍କୁ ଏକ ବାଇକ୍‌ରେ ୩ ଜଣ ଯୁବକ ପିଛା କରିଥିଲେ । ସେମାନେ ଗଣ୍ଡମୁଣ୍ଡା ଛକ ନିକଟ ରିଲାଏନ୍ସ ପ୍ରେସ୍ ଅତିକ୍ରମ କରିବା ପରେ ଡେଲିଭରି ବୟଙ୍କ ବାଟ ଓଗାଳିଥିଲେ । ତାଙ୍କୁ ୩ ଜଣ ଯାକ ଘେରି ଯାଇ ପାଖରେ କେତେ ଟଙ୍କା ଅଛି ଦେ'ବୋଲି ମାଗିଥିଲେ । ଡେଲିଭେରୀ ବୟ ଜଣକ ପାଖରେ ଟଙ୍କା ନ ଥିବା ମନା କରିବାରୁ ତାଙ୍କ ମୋବାଇଲ୍ ଫୋନ୍ଟୁ ମାଗିଥିଲେ । ସେ ମନା କରିବା ସହିତ ତାଙ୍କ ଆକ୍ଟିଭା ଛାଡି ସେଠାରୁ ପଳାଇ ଯିବାକୁ ଚେଷ୍ଟା କରିବାରୁ ୨ ଜଣ ପିଛା କରିଥିଲେ । ଡେଲିଭେରୀ ବୟଙ୍କ ପିଠିକୁ କଟୁରିରେ ଏକ ଚୋଟ ପକାଇଥିଲେ । ସେ ଚିତ୍କାରି କରିବାରୁ ଆଖପାଖ ଲୋକ ଉଠି ଆସିଥିଲେ । ସେମାନଙ୍କୁ ମଧ୍ୟ ଉକ୍ତ ଲୁଟେରାମାନେ କଟୁରି ଧରି ଗୋଡାଇଥିଲେ । ଡେଲିଭରି ବୟ ହାତରୁ ମୋବାଇଲ ଛଡାଇ ସେମାନେ ସେଠାରୁ ପଳାଇଥିଲେ । ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ୪ଟି ପିସିଆର୍ ଭ୍ୟାନ୍ ଘଟଣାସ୍ଥଳରେ ପହଞ୍ଚିଥିଲା । ଗୁରୁତର ଅବସ୍ଥାରେ ଉକ୍ତ ଯୁବକଙ୍କୁ କ୍ୟାପିଟାଲ ହସ୍ପିଟାଲ୍‌କୁ ନେଇଥିଲା । ଆଖପାଖ ଲୋକଙ୍କ ସୂଚନା ମୁତାବକ ପୁଲିସ ୩ ଲୁଟେରାଙ୍କୁ ବିଭିନ୍ନ ଆଡେ ଖୋଜାଖୋଜି କରୁଥିବା ଜଣାପଡିଛି ।

### ବାଲିଚନ୍ଦ୍ରପୁରରେ ନାବାଳିକା ବିବାହ

## ପ୍ରଶାସନିକ ସଚେତନତାକୁ ଖୋଲାଖୋଲି ଉଲ୍ଲଂଘନ !

ବାଲିଚନ୍ଦ୍ରପୁର(ନିପ୍ର): ଯାଜପୁର ଜିଲ୍ଲାର ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ମାତକାତପୁର ଗ୍ରାମରେ ବାଲ୍ୟ ବିବାହକୁ ନେଇ ଚର୍ଚ୍ଚା ଜୋର ଧରିଛି । ମିଳିଥିବା ସୂଚନା ଅନୁଯାୟୀ, ଜଣେ ୧୬ ବର୍ଷୀୟା ନାବାଳିକାଙ୍କୁ ପରିବାର ଲୋକେ ବାଧ୍ୟ କରି ସ୍ଥାନୀୟ ଜଣେ ଯୁବକଙ୍କ ସହ ବିବାହ କରାଇଛନ୍ତି । ରାଜ୍ୟ ସରକାର ଓ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ପ୍ରତ୍ୟେକ ଅଙ୍ଗନବାଡ଼ି କେନ୍ଦ୍ରରେ ପ୍ରତି ମାସର ଶନିବାର ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି । କିନ୍ତୁ ବାସ୍ତବ ଚିତ୍ର ଏହାର ସମ୍ପୂର୍ଣ୍ଣ ଓଲଟା । ଗତ ମେ' ମାସରେ ପ୍ରତ୍ୟେକ ଥାନା ସ୍ତରରେ ବାଲ୍ୟ ବିବାହ ରୋକିବା ପାଇଁ ଯେଉଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ହୋଇଥିଲା, ତାହା କେବଳ କାଗଜପତ୍ରରେ ସୀମିତ ରହିଥିବା ସ୍ପଷ୍ଟ ହୋଇଛି ଏବଂ ସରକାରୀ ସଚେତନତା ଅଭିଯାନର ବିଫଳତା ଦର୍ଶାଉଛି । ଏହି ଘଟଣାରେ ସ୍ଥାନୀୟ ଲୋକେ ଗଭୀର କ୍ଷୋଭ ପ୍ରକାଶ କରିଛନ୍ତି । ବାଲ୍ୟ ବିବାହ କରାଇଥିବା ପରିବାର ବିରୁଦ୍ଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି । ଏ ସମ୍ପର୍କରେ ଗ୍ରାମୀଣ-୨ ସମନ୍ୱିତ ଶିଶୁ ବିକାଶ ଅଧିକାରୀଙ୍କୁ ପଚାରିବାରୁ, ସେ ଏହି ଘଟଣା ବିଷୟରେ ଅବଗତ ନ ଥିବା କହିଛନ୍ତି । ସେ କହିଛନ୍ତି ଯେ, ଏଭଳି ଘଟଣା ଘଟିଥିଲେ ତୁରନ୍ତ ତଦନ୍ତ କରାଯିବ ।

## ୩ ନିଶା ବେପାରୀଙ୍କୁ ବାନ୍ଧିଲା ପୋଲିସ

ଭୁବନେଶ୍ୱର(ନିପ୍ର): ମୈତ୍ରୀ ବିହାର ଥାନା ପୋଲିସ ଶୁକ୍ରବାର ୩ ଜଣ ନିଶା ବେପାରୀଙ୍କୁ ଗିରଫ କରିଛି । ଗିରଫ ୩ ନିଶା ବେପାରୀ ହେଉଛନ୍ତି, ଝାଡେଶ୍ୱର ଓରଫ ଶମ୍ଭୁ ନାୟକ, ମାଗୁଣି ଓରଫ ମାଗା ବେହେରା ଏବଂ ପି. ଗୋପୀକିଶନ ଓରଫ ଗୋପୀ ରାଓ । ଗିରଫ ଅଭିଯୁକ୍ତମାନଙ୍କ ପାଖରୁ ପୋଲିସ ୧୯ ଗ୍ରାମ ଓଜନର ବ୍ରାଉନସୁଗରକୁ ଜବତ କରିଛି । ଏନେଇ ଥାନାଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଏକ ବ୍ରାଉନସୁଗର ଜନିତ ମାମଲା ରୁଜୁ କରାଯିବା ସହ ୩ ଜଣଙ୍କୁ ଅପରାହ୍ନରେ କୋର୍ଟଚାଲାଣ କରାଯାଇଛି । ୩ ଜଣ ନିଶା ବେପାରୀ ବେଶ କିଛିଦିନ ହେବ ରେଳବିହାର ଛକକୁ ବ୍ରାଉନସୁଗର ଆଣି ବ୍ୟବସାୟ କରୁଥିବା ନେଇ ପୋଲିସ ନିକଟରେ ଖବର ରହିଥିଲା । ଶୁକ୍ରବାର ସେମାନେ ବ୍ୟବସାୟ କରୁଥିବା ବେଳେ ଥାନାଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଏକ ଟିମ୍ ସେଠାରେ ଚଢଉ କରି ୩ ଜଣଙ୍କୁ କାବୁ କରିବାରେ ସଫଳ ହୋଇଛି ।

## ଭିଜିଲାନ୍ସ ଜାଲରେ ଜୁନିୟର ଆସିଷ୍ଟାଣ୍ଟ



ଭଦ୍ରକ(ନିପ୍ର): ଭିଜିଲାନ୍ସ ଜାଲରେ ଭଦ୍ରକ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟର ଜୁନିୟର ଆସିଷ୍ଟାଣ୍ଟ ଶ୍ରୀକାନ୍ତ ଦାସ । ସୂଚନା ଅନୁଯାୟୀ ଏକ ଘରୋଇ ଶିକ୍ଷାନୁଷ୍ଠାନକୁ ଏନ୍‌ଓସି ଦେବା ପାଇଁ ୧୦ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ପୂର୍ବ ଯୋଜନା ମୁତାବକ ଜଗି ରହିଥିବା ଭଦ୍ରକ ଓ ବାଲେଶ୍ୱର ଭିଜିଲାନ୍ସ ଟିମ୍ ହାତରେ ଧରାପଡିଥିଲେ । ଏହାପରେ ତାଙ୍କ ଅଫିସ ଓ ଘର ସମେତ ବିଭିନ୍ନ ସ୍ଥାନରେ ଚଢ଼ାଉ ଚାଲିଥିବା ଭିଜିଲାନ୍ସ ଡିଏସପି ଚିନ୍ମୟ ରାଉତ ସୂଚନା ଦେଇଛନ୍ତି ।

## ଲକ୍ଷ୍ମୀ ବସ୍ ଦୁର୍ଘଟଣା, ଜଣେ ଗୁରୁତର

କୁଚିଣ୍ଡା(ନିପ୍ର): ସମ୍ବଲପୁର ଜିଲ୍ଲା ଜମନକିରା ବ୍ଲକ କୁଚିଣ୍ଡା ଥାନା ଅନ୍ତର୍ଗତ କତରକେଲା ଗ୍ରାମ ବଜାର ଛକ ନିକଟରେ ପ୍ରାୟ ପୂର୍ବାହ୍ନ ୧୧ଟା ସମୟରେ ଏକ ଲକ୍ଷ୍ମୀ ବସ ଦୁର୍ଘଟଣାଗ୍ରସ୍ତ ହୋଇଛି । ବସରେ ପ୍ରାୟ ୨୦ ଜଣ ଯାତ୍ରୀ ଥିବା କୁହାଯାଉଛି । (ଓଡି ୧୫ ଓ୍ୱାଇ ୬୩୯୨) ନଂ ଲକ୍ଷ୍ମୀ ବସଟି ଭାରସାମ୍ୟ ହରାଇ ଏକ ଗଛକୁ ଧକ୍କା ଦେଇଥିଲା । ଡ୍ରାଇଭର, କଣ୍ଡକ୍ଟର ସହିତ ଜଣେ ଯାତ୍ରୀ ଆହତ ହୋଇଥିବା ବେଳେ ଅନ୍ୟ ମାନେ ସାମାନ୍ୟ ଆହତ ହୋଇଛନ୍ତି । ସ୍ଥାନୀୟ ଲୋକମାନେ ଆହତଙ୍କୁ ସଙ୍ଗେ ସଙ୍ଗେ ୧୦୮ ଆମ୍ବୁଲାନ୍ସରେ କୁଚିଣ୍ଡା ଡାକ୍ତରଖାନାକୁ ପଠାଇ କୁଚିଣ୍ଡା ପୋଲିସକୁ ଖବର ଦେଇଥିଲେ । ଜୁଡିପାଲି ଗ୍ରାମର ଭବାନୀ ଶଙ୍କର ଷଣ୍ଢ ଗୁରୁତର ହୋଇଛନ୍ତି । ତାଙ୍କର ଅଣ୍ଟା ଓ ମୁଣ୍ଡରେ ଗୁରୁତର ଆଘାତ ଲାଗିଛି । ବସର ଡ୍ରାଇଭର ନରେଶ ଦେହୁରୀ ଓ କଣ୍ଡକ୍ଟର ସମୀର କୁମାର ବେହେରା ସମେତ ଏକାଧିକ ଯାତ୍ରୀ ସାମାନ୍ୟ ଆହତ ହୋଇଛନ୍ତି । ବସଟି ଜମନକିରାରୁ ଜୁଡିପାଲି ଆସୁଥିବା ବେଳେ କୌଣସି କାରଣରୁ ଭାରସାମ୍ୟ ହରାଇ ଦୁର୍ଘଟଣା ଘଟିଥିଲା । ଦୁର୍ଘଟଣା ଯୋଗୁଁ ଫାଶୀମାଲ କୁଚିଣ୍ଡା ରାସ୍ତାରେ କିଛି ସମୟ ପାଇଁ ଯାତାୟାତ ଠପ ହୋଇଯାଇଥିଲା । କୁଚିଣ୍ଡା ପୋଲିସ ଏନେଇ ଏକ ମାମଲା ରୁଜୁକରି ତଦନ୍ତ କରୁଥିବା କୁଚିଣ୍ଡା ଆଇଆଇସି ରାଧାକାନ୍ତ ବାରିକ ପ୍ରକାଶ କରିଛନ୍ତି ।

## ସାମାନ୍ୟ ଝଗଡାରୁ ଆକ୍ରମଣ : ଉଭୟ ପକ୍ଷରୁ ଦୁଇ ମହିଳା ଗିରଫ

ଭୁବନେଶ୍ୱର(ନିପ୍ର): ସାମାନ୍ୟ କଥାକୁ ନେଇ ଦୁଇ ମହିଳାଙ୍କ ମଧ୍ୟରେ ଗଣ୍ଡଗୋଳ ଓ ମରଣାନ୍ତକ ଆକ୍ରମଣ ମାମଲାରେ କ୍ୟାପିଟାଲ ଥାନା ପୋଲିସ ଦୁଇଟି ମାମଲା ରୁଜୁ କରିବା ସହ ଉଭୟ ପକ୍ଷରୁ ୨ ଜଣଙ୍କୁ ଗିରଫ କରି ଶୁକ୍ରବାର ଜେଲ ପଠାଇଛି । ଗିରଫ ଦୁଇ ମହିଳା ହେଲେ ଭବାନୀ ସେଠୀ ଓ ସଙ୍ଗୀତା ବେହେରା । ଉଭୟଙ୍କ ଘର ଫାଳିକିଆ ବସ୍ତିରେ ବୋଲି ଜଣାପଡିଛି । ସୂଚନା ଯୋଗ୍ୟ ଯେ, ପୂର୍ବ ଶତ୍ରୁତାକୁ ଆଧାର କରି, ଅଶୋକନଗରସ୍ଥିତ ଫାଳିକିଆ ବସ୍ତିରେ ଦୁଇଟି ଗୋଷ୍ଠୀ ମଧ୍ୟରେ ନିୟମିତ ଭାବେ ଝଗଡା ହେବା ସହ ପରସ୍ପରକୁ ଆକ୍ରମଣ କରିବାକୁ ଚେଷ୍ଟା କରୁଥିଲେ । ଗୋଟିଏ ପଟେ ସୀମା ସେଠି ଏବଂ ତାଙ୍କ ପରିବାରର ସମସ୍ତ ସଦସ୍ୟ ଯେପରିକି ସୁଜାତା ସେଠି ଏବଂ ରାନୀ ସେଠି, ଦୁଇ ପୁଅ ତାରିଣୀ ସେଠି ଏବଂ ପାଣ୍ଡୁ ଓରଫ ତରୁଣ ସେଠି, ଝିଅ ଉଜାଲା ସେଠି, କୁମାରୀ ପ୍ରଧାନ, ରାଜି ସେଠି, ଭବାନୀ ସେଠି ଏବଂ ଇନ୍ଦୁ ସେଠି ଏବଂ ଜ୍ୱାଇଁ ଡି.ରାମୁ ଏବଂ ଜଗା ପ୍ରଧାନ ଗୋଟିଏ ପଟେ ଥିବା ବେଳେ, ଫାଳିକିଆ ବସ୍ତିର ସମଗ୍ର ବସ୍ତିବାସୀ ଅନ୍ୟ ପଟେ ରହିଛନ୍ତି । ସେମାନଙ୍କ ମଧ୍ୟରେ ଦୀର୍ଘ ସମୟ ଧରି ବିବାଦ ଲାଗି ରହିଆସିଛି ଏବଂ ସେମାନେ ନିୟମିତ ବ୍ୟବଧାନରେ ପରସ୍ପରକୁ ଆକ୍ରମଣ କରିବାକୁ ପଛାଉ ନଥିଲେ । ଯାହାକୁ ନେଇ ଅତୀତରେ ଉଭୟ ଗୋଷ୍ଠୀ ବିରୁଦ୍ଧରେ ଏକାଧିକ ମାମଲା ମଧ୍ୟ ରୁଜୁ ହୋଇଛି । ଏହି ପ୍ରକ୍ରିୟାରେ, ଗତ ୨ ତାରିଖ ସକାଳ ସମୟରେ ଦୁଇ ଗୋଷ୍ଠୀ ମଧ୍ୟରେ ଆକ୍ରମଣ ଏବଂ ପ୍ରତି ଆକ୍ରମଣ ହୋଇଥିଲା ଏବଂ ଉଭୟ ପକ୍ଷର ଅଭିଯୁକ୍ତମାନେ ତାଙ୍କ ସହଯୋଗୀମାନଙ୍କ ସହିତ ମିଳିତ ଭାବରେ ପରସ୍ପରକୁ ତଥା ସେମାନଙ୍କର ପରିବାର ସଦସ୍ୟଙ୍କୁ ଜୀବନରୁ ମାରିଦେବା ଉଦ୍ଦେଶ୍ୟରେ ଆକ୍ରମଣ କରିଥିଲେ । କ୍ୟାପିଟାଲ ଥାନା ପୋଲିସ ଏହି ମାମଲାର ତଦନ୍ତ କରିବା ସହ ଅଭିଯୁକ୍ତ ଭବାନୀ ସେଠୀ ଏବଂ ସଂଗୀତା ବେହେରାଙ୍କୁ ଗିରଫ କରିଥିଲେ । ପଚରାଉଚରା ବେଳେ, ଉଭୟ ଅଭିଯୁକ୍ତ ନିଜର ଦୋଷ ସ୍ୱୀକାର କରିଛନ୍ତି ।

## ଗଞ୍ଜେଇ ମାଫିଆକୁ ଖୋଜୁଛି ପଶ୍ଚିମବଙ୍ଗ ଏସ୍‌ଟିଏଫ

ଭୁବନେଶ୍ୱର(ନିପ୍ର): ଓଡ଼ିଶା ଓ ପଶ୍ଚିମବଙ୍ଗ ମଧ୍ୟରେ ଚାଲିଥିବା ଆନ୍ତଃରାଜ୍ୟ ଗଞ୍ଜେଇ ଚୋରାଚାଲାଣକୁ ନେଇ ପଶ୍ଚିମବଙ୍ଗ ପୋଲିସ୍ ତଦନ୍ତ ଜୋରଦାର କରିଛି । ଗଞ୍ଜେଇ ଚାଲାଣରେ ସମ୍ପୃକ୍ତ ଥିବା ମାଷ୍ଟରମାଇଣ୍ଡକୁ ଧରିବାକୁ ମୁଖ୍ୟ ଅଭିଯୁକ୍ତଙ୍କୁ ଖୋଜିବା ପାଇଁ ପଶ୍ଚିମବଙ୍ଗ ଏସ୍‌ଟିଏଫ ଦୁଇ ଜଣିଆ ଟିମ୍ ଭୁବନେଶ୍ୱରରେ ପହଞ୍ଚିଛନ୍ତି । ଖଣ୍ଡଗିରି ଥାନା ପୋଲିସ୍ ସହଯୋଗରେ ସେମାନେ ବିଭିନ୍ନ ସ୍ଥାନରେ ଯାଞ୍ଚ ଆରମ୍ଭ କରିଛନ୍ତି । ସୂଚନା ଅନୁଯାୟୀ, ଚଳିତ ବର୍ଷ ଜାନୁଆରୀ ମାସରେ ପଶ୍ଚିମବଙ୍ଗରୁ ଏକ ଟ୍ରକ୍ (ଡବ୍ଲ୍ୟୁବି-୧୯କେ-୬୭୧୨)ରୁ ୧ କ୍ୱିଣ୍ଟାଲ ୨୫ କେଜି ଗଞ୍ଜେଇ ଜବତ କରାଯାଇଥିଲା । ଟ୍ରକ୍ ଭିତରେ ସିକ୍ରେଟ୍ ଚାମ୍ବର ତିଆରି କରି ଗଞ୍ଜେଇକୁ ଓଡିଶାରୁ ପଶ୍ଚିମବଙ୍ଗ ଚାଲାଣ କରାଯାଉଥିବା ପଶ୍ଚିମବଙ୍ଗ ଏସଟିଏଫ୍ ଜାଣିବାକୁ ପାଇଥିଲା । ଗିରଫ ୨ ଜଣ ଅଭିଯୁକ୍ତଙ୍କ ପଚରାଉଚରାବେଳେ ଗଞ୍ଜେଇ ଓଡ଼ିଶାରୁ ଆସିଥିଲା ଓ ଅଭିଯୁକ୍ତ ଦୁହେଁ ଓଡ଼ିଶା ଆଧାରିତ ଏକ ଡ୍ରଗ୍ ସିଣ୍ଡିକେଟ୍ ବିଷୟରେ ସୂଚନା ଦେଇଥିଲେ । ଏହି ସୂଚନା ଆଧାରରେ ପଶ୍ଚିମବଙ୍ଗ ଏସ୍‌ଟିଏଫ ପୂର୍ବରୁ ଅନୁଗୁଳ ଜିଲ୍ଲାରେ ମୁଖ୍ୟ ଅଭିଯୁକ୍ତ ତଥା ଗଞ୍ଜେଇ ଚାଲାଣର ମାଷ୍ଟରମାଇଣ୍ଡକୁ ଖୋଜିଥିଲେ । କିନ୍ତୁ ଅନୁଗୁଳରେ କୌଣସି ପତ୍ତା ମିଳିନଥିଲା । ଶେଷରେ ଟେକ୍ନିକାଲ୍ ସର୍ଭ ?ଲାନ୍ସ ଏବଂ ଫୋନ୍ ଟ୍ରାକିଙ୍ଗ୍ ମାଧ୍ୟମରେ ଅଭିଯୁକ୍ତ ଜଣକର ଗତିବିଧି ଭୁବନେଶ୍ୱର ବରମୁଣ୍ଡା ଅଞ୍ଚଳରେ ଦେଖାଇଥିଲା । ଏନେଇ ସବିଶେଷ ସୂଚନା ଓ ପ୍ରମାଣ ହସ୍ତଗତ ହେବା ପରେ ଏସଟିଏଫ୍ ଭୁବନେଶ୍ୱର ଆସି ଖଣ୍ଡଗିରି ପୋଲିସ୍ ସହଯୋଗରେ ବରମୁଣ୍ଡାର ବିଭିନ୍ନ ସ୍ଥାନରେ ଚଢଉ କରିଛି । ହେଲେ ଏଥର ବି ପଶ୍ଚିମବଙ୍ଗ ଏସଟିଏଫ୍ ଓ ସ୍ଥାନୀୟ ପୋଲିସ୍ କାହାକୁ କାବୁ କରିବାରେ ବିଫଳ ହୋଇଛି । ସେପଟେ ଓଡ଼ିଶାରୁ ପଶ୍ଚିମବଙ୍ଗକୁ ନିୟମିତ ଭାବେ ଗଞ୍ଜେଇ ଚାଲାଣ ହେଉଥିବାରୁ ଏହାକୁ କିପରି ବନ୍ଦ କରାଯାଇପାରିବ ଓ ଗଞ୍ଜେଇ ଚାଲାଣ କରୁଥିବା ମାଷ୍ଟରମାଣ୍ଡକୁ କିପରି କାବୁ କରାଯିବ ସେନେଇ ପଶ୍ଚିମବଙ୍ଗ ଏସଟିଏଫ୍ ଯୋଜନା କରିଥିବା ଏସଟିଏଫ୍ ଏସପି କହିଛନ୍ତି ।

## ପୂର୍ବ ଶତ୍ରୁତାରୁ ମରଣାନ୍ତକ ଆକ୍ରମଣ, ଯୁବକ ଗିରଫ

ଭୁବନେଶ୍ୱର(ନିପ୍ର): ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ କରି ତାଙ୍କୁ ରକ୍ତାକ୍ତ କରିବା ଅଭିଯୋଗରେ ଭରତପୁର ଥାନା ପୋଲିସ ଶୁକ୍ରବାର ଜଣଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତଙ୍କ ନାମ ବିନୋଦ ବିହାରୀ ବଳ ଓ ତାଙ୍କ ଘର ବରମୁଣ୍ଡା ଜଗନ୍ନାଥ ବିହାରରେ ବୋଲି ଜଣାପଡିଛି । ଏନେଇ ଦିଲ୍ଲୀପ କୁମାର ଚମ୍ପତି ଥାନାରେ ଲିଖିତ ଅଭିଯୋଗ କରିଥିଲେ । ସୂଚନା ଯୋଗ୍ୟ ଯେ, ଅଭିଯୋଗକାରୀଙ୍କର ପଡ଼ ?ଶୀ ବିନୋଦ ବିହାରୀ ବଳଙ୍କ ସହିତ ପୂର୍ବ ଶତ୍ରୁତା ରହିଛି । ଦୁଇ ଦିନ ପୂର୍ବରୁ ବିନୋଦ ବିହାରୀ ବଳ ତାଙ୍କ ଘର ପାଖରେ ରହୁଥିବା ଜଣେ ଯୁବକଙ୍କୁ ଫୋନ୍ କରି ପରୋକ୍ଷରେ ତାଙ୍କ ମାଧ୍ୟମରେ ହତ୍ୟା ଧମକ ଦେଇଥିଲେ । ଆଜି ପ୍ରାତଃ ସମୟରେ ସେ ତାଙ୍କ ଘରେ ଶୋଇଥିବା ବେଳେ, ଅଭିଯୁକ୍ତ ବିନୋଦ ବିହାରୀ ତାଙ୍କ ସହଯୋଗୀ ମାନଙ୍କ ସହ ଆସି ଅଭିଯୋଗକାରୀଙ୍କୁ ବାହାରକୁ ଡାକିଥିଲେ । ତାଙ୍କ ଡାକ ଶୁଣି ଅଭିଯୋଗକାରୀ କବାଟ ଖୋଲିବା ମାତ୍ରେ ସହଯୋଗୀ ଜଗା ଓରଫ ରାକେଶ ବେହେରା ଏବଂ ମୁନା ଓରଫ ରାକେଶ ଦାସ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବାକୁ ଲାଗିଲେ ଏବଂ ହଠାତ୍ ସେମାନେ ଆଣିଥିବା ଖଣ୍ଡା ଏବଂ ଲୁହା ରଡ୍ ସାହାଯ୍ୟରେ ତାଙ୍କୁ ଆକ୍ରମଣ କରିଥିଲେ । ଆକ୍ରମଣ ଫଳରେ ଅଭିଯୋଗକାରୀଙ୍କ ପିଠି, ଛାତି ଏବଂ ଶରୀରର ଅନ୍ୟାନ୍ୟ ସ୍ଥାନରେ ଆଘାତ ଲାଗିଲା । ଯାହା ଫଳରେ ଗଭୀର କ୍ଷତ ସୃଷ୍ଟି ହୋଇ ରକ୍ତସ୍ରାବ ହୋଇଥିଲା । ତାଙ୍କ ପାଟି ଶୁଣି ସ୍ଥାନୀୟ ଲୋକମାନେ ଘଟଣାସ୍ଥଳକୁ ଦୌଡ଼ି ଆସି ତାଙ୍କୁ ଅଭିଯୁକ୍ତଙ୍କ କବଳରୁ ଉଦ୍ଧାର କରିଥିଲେ । ଘଟଣା ସମୟରେ, ଜଗା ଓରଫ ରାକେଶ ବେହେରା ନିଜକୁ ଏକ ହତ୍ୟା ମାମଲାର ଅଭିଯୁକ୍ତ ଏବଂ ବର୍ତ୍ତମାନ ବେଲରେ ଥିବା କହି ଅଭିଯୋଗକାରୀଙ୍କ ମନରେ ଭୟ ସୃଷ୍ଟି ଲାଗି ପ୍ରୟାସ କରିଥିଲେ । ଏହା ପରେ, ଜଗା ଓରଫ ରାକେଶ ବେହେରା ଏବଂ ମୁନା ଓରଫ ରାକେଶ ଦାସ ଅଭିଯୋଗକାରୀଙ୍କୁ ଧମକ ଦେଇ କହିଥିଲେ ଯେ, ଯଦି ସେ ସେମାନଙ୍କ ବିରୁଦ୍ଧରେ ପୋଲିସ ନିକଟରେ କୌଣସି ଅଭିଯୋଗ କରନ୍ତି, ତେବେ ସେମାନେ ତାଙ୍କୁ ଗୁଳି କରି ହତ୍ୟା କରିବେ । ପରେ ସେମାନେ ଘଟଣାସ୍ଥଳରୁ ଖସି ପଳାଇ ଯାଇଥିଲେ । ଅଭିଯୁକ୍ତମାନଙ୍କ ବିରୁଦ୍ଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ସେ ଥାନାରେ ଅଭିଯୋଗ କରିଥିଲେ ।

## ଚୋରା ମଦ ଜବତ: ୭ ଗିରଫ, କୋର୍ଟ ଚାଲାଣ

କେନ୍ଦ୍ରାପଡା: ଜିଲ୍ଲାପାଳ ରଘୁରାମ ଆୟରଙ୍କ ନିର୍ଦ୍ଦେଶକ୍ରମେ ଏବଂ ଅବକାରୀ ଅଧିକ୍ଷକ ବିପ୍ର ଚରଣ ମଣ୍ଡଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କେନ୍ଦ୍ରାପଡ଼ା ଜିଲ୍ଲାର ଡେରାବିଶ, ଆଳି, କେନ୍ଦ୍ରାପଡ଼ା ସଦର ଓ ରାଜକନିକା ଥାନା ଅଞ୍ଚଳର ବିଭିନ୍ନ ସ୍ଥାନରେ ଅବକାରୀ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ଚଢ଼ାଉ କରାଯାଇଥିଲାଏହି ଚଢ଼ାଉ ସମୟରେ ଫସିଲପୁର ଗ୍ରାମର ଜଗବନ୍ଧୁ ମଲିକଙ୍କଠାରୁ ୪୦ ଲିଟର, ତୁଳସୀଶାସନ ଗ୍ରାମର ପ୍ରସନ୍ନ କୁମାର ଦାସଙ୍କଠାରୁ ୧୯ ଲିଟର, କଣ୍ଡିଆହାଟ ଗ୍ରାମର ଗୌତମ ମଲିକଙ୍କଠାରୁ ୨୫ ଲିଟର, ଖଣ୍ଡାସାହିର ସତ୍ୟାନନ୍ଦ ବେହେରାଙ୍କଠାରୁ ୨୬ ଲିଟର, ଜମଧର ଗ୍ରାମର ଅନାମ ଚନ୍ଦ୍ର ମଲିକଙ୍କଠାରୁ ୨୩ ଲିଟର, କୋଇଲିପୁର ଗ୍ରାମର ଜଳନ୍ଧର ମଲିକଙ୍କଠାରୁ ୫୧ ଲିଟର ଏବଂ ମଦରଙ୍ଗପାଟ ଗ୍ରାମର ଭୁସ୍ମୟ ପ୍ରଧାନଙ୍କ ଠାରୁ ୧୪ ଲିଟର ବିଦେଶୀ ମଦ ଜବତ କରାଯାଇଥିଲା ।ମୋଟ ୧୯୮ ଲିଟର ବିଦେଶୀ ଓ ଦେଶୀ ମଦ ଜବତ କରାଯିବା ସହ ୦୭ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇ ଆଇନ ଅନୁଯାୟୀ କୋର୍ଟ ଚାଲାଣ କରାଯାଇଛି ।ଏହି ଚଢ଼ାଉ କାର୍ଯ୍ୟରେ ଅବକାରୀ ଉପନିରୀକ୍ଷକ କଳ୍ପନା ରାଉତ, ପ୍ରିୟଦର୍ଶୀ ମାନସ ରଞ୍ଜନ ମିଶ୍ର ଏବଂ ଅନ୍ୟାନ୍ୟ ଅବକାରୀ କର୍ମଚାରୀ ସକ୍ରିୟ ଭାବେ ସାମିଲ ଥିଲେ ।

## କବିସୂର୍ଯ୍ୟନଗର ଥାନାରୁ ପୁଲିସ କର୍ମଚାରୀଙ୍କ ସମୂହ ବଦଳି

ଗଂଜାମ: କବିସୂର୍ଯ୍ୟନଗର ଥାନାରେ ଦିବ୍ୟାଙ୍ଗ ଯୁବକ ସୁଶାନ୍ତ ସାହୁଙ୍କୁ ପିଟିପିଟି ହତ୍ୟା ଘଟଣାରେ ଗଂଜାମ ଜିଲା ଏସ୍ ପି ଥାନାର ସମସ୍ତ ପୁଲିସ, ଅଧିକାରୀଙ୍କ ଠାରୁ ଆରମ୍ଭ କରି ଡ୍ରାଇଭର ପର୍ଯ୍ୟନ୍ତ ସମସ୍ତଙ୍କୁ ତଥା ୨୩ଜଣଙ୍କୁ ଜିଲାର ବିଭିନ୍ନ ଥାନାକୁ ବଦଳି କରିଛନ୍ତି । ଠିକ୍ ସେହିପରି ଅନ୍ୟାନ ଥାନାରୁ କବିସୂର୍ଯ୍ୟନଗର ଥାନାକୁ ପୁଲିସ କର୍ମଚାରୀଙ୍କୁ ବଦଳି କରାଯାଇ ଶୂନ୍ୟ ସ୍ଥାନ ପୂରଣ କରାଯାଇଛି । ଏଥିସହ ଜିଲାର ୫୨ଜଣ ପୁଲିସ କର୍ମଚାରୀଙ୍କୁ ମଧ୍ୟ ବଦଳି କରାଯାଇଥିବା ସୂଚନା ମିଳିଛି ।

## ଭୁଜାଲି ମୁନରେ ଟଙ୍କା ଓ ମୋବାଇଲ ଲୁଟ

ପିପିଲି(ନିପ୍ର): ଗୁରୁବାର ରାତିରେ ବଳଙ୍ଗା ଥାନା ଅନ୍ତର୍ଗତ ବଳଙ୍ଗା - ହରିପୁର କେନାଲ ବନ୍ଧ ରାସ୍ତାର ତେରହଳଠାରେ ଜଣେ ବ୍ୟକ୍ତିଙ୍କଠାରୁ ଭୁଜାଲି ମୁନରେ ଟଙ୍କା ଓ ମୋବାଇଲ ଲୁଟ କରଯାଇଛି । ଲୁଟର ଶିକାର ହୋଇଥିବା ପୁରୀ ମାର୍କଣ୍ଡପୁରର ବେଣୁଧର ଖଣ୍ଡୁଆଳ ଥାନାରେ ଅଭିଯୋଗ କରିବା ପରେ ବଳଙ୍ଗା ପୋଲିସ ପକ୍ଷରୁ ଥାନାରେ ୧୭୩/ ୨୬ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି । ସୂଚନା ମୁତାବକ ବେଣୁଧର ବ୍ୟାବସାୟିକ କାମରେ ଗତକାଲି ରାତିରେ ବଳଙ୍ଗା ଆସି ହରିପୁର ରାସ୍ତାର ଭୁବନେଶ୍ୱର ଯାଉଥିଲେ । ୩ଜଣ ଦୁର୍ବୃତ୍ତ ଏକ ବାଇକରେ ପିଛାକରି ତେରହଳଠାରେ ବେଣୁଧରଙ୍କୁ ଅଟକାଇ ତାଙ୍କୁ ଭୁଜାଲିରେ ଭୟଭୀତ କରି ତାଙ୍କଠାରୁ ମୋବାଇଲ ଓ ୧୫ଶହ ଟଙ୍କା ଲୁଟି ନେଇଥିଲେ ବୋଲି ଅଭିଯୋଗରେ ଦର୍ଶାଯାଇଛି ।

## ଅବକାରୀ ଚଢାଉରେ ଦେଶୀମଦ ସହ ପୋଚ ନଷ୍ଟ

### ଏକ ଦୁଇ ଚକିଆ ଗାଡ଼ି ଜବତ ସହ ୬ ମାମଲା ରୁଜୁ



ଆଠଗଡ଼(ନିପ୍ର): ଆଠଗଡ଼ ଅବକାରୀ ନିରୀକ୍ଷକ ରବିନାରାୟଣ ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଖୁଣ୍ଟୁଣୀ ଥାନା ଅନ୍ତର୍ଗତ ଡାଲୁଅ, କଂସର, ବାଉଁଶ ଟାଙ୍ଗୋର, ସରସ୍ୱତୀପୁର ଓ ଖଣ୍ଡୁଆଳି ସଂରକ୍ଷିତ ଜଙ୍ଗଲରେ ଆଠଗଡ଼ ଅବକାରୀ ବିଭାଗ, ବାଙ୍କୀ ଅବକାରୀ ଥାନା, ନରସିଂହପୁର ଅବକାରୀ ବିଭାଗ, ଜିଲ୍ଲା ମୋବାଇଲ ୟୁନିଟ, ସଦର ଅବକାରୀ ଥାନା ଓ ଖୁଣ୍ଟୁଣୀ ବନବିଭାଗ ସହିତ ଏକ ମିଳିତ ଚଢ଼ାଉ କରାଯାଇଥିଲା । ଏହି ଚଢାଉରେ ସର୍ବମୋଟ ୩୦୮୦ ଲିଟର ଦେଶୀମଦ ସହ ୨୧୮୭୫ ଲିଟର ମଦ ପ୍ରସ୍ତୁତି ନିମନ୍ତେ ବ୍ୟବହୃତ ହେଉଥିବା ଗୁଡ଼ ପୋଚ ଉଦ୍ଧାର କରାଯାଇ ଘଟଣା ସ୍ଥଳରେ ନଷ୍ଟ କରାଯାଇଛି । ଏଥିସହ ଏକ ଦୁଇ ଚକିଆ ଗାଡ଼ି ଜବତ କରାଯିବା ସହ ୬ଟି ମାମଲା ରୁଜୁ କରାଯାଇଛି । କଟକ ଜିଲ୍ଲା ଅବକାରୀ ଅଧିକ୍ଷକ କରୁଣା ଶଙ୍କର ତିୱାରୀଙ୍କ ନିର୍ଦ୍ଦେଶକ୍ରମେ ଆଠଗଡ଼ ଅବକାରୀ ନିରୀକ୍ଷକ ରବିନାରାୟଣ ପ୍ରଧାନ, ଜିଲ୍ଲା ମୋବାଇଲ ୟୁନିଟର ଅବକାରୀ ନିରୀକ୍ଷକ ବି.ବି. ବର୍ମା, ନରସିଂହପୁର ଅବକାରୀ ଥାନା, ବାଙ୍କୀ ଅବକାରୀ ଥାନା, କଟକ ସଦର ଅବକାରୀ ଥାନାର ଅବକାରୀ ସହ ଉପ ନିରୀକ୍ଷକ ବରୁଣ ପାତ୍ର ଓ ଖୁଣ୍ଟୁଣୀ ବନବିଭାଗ ସମେତ ସମସ୍ତ ଅବକାରୀ ସହକର୍ମୀ ଉକ୍ତ ଚଢ଼ାଉରେ ଅଂଶଗ୍ରହଣ କରିଥିଲେ ।

## କୁକୁର କାମୁଡାକୁ ନେଇ ସାମ୍ବାଦିକଙ୍କ ପତ୍ନୀଙ୍କୁ ଆକ୍ରମଣ ଉଦ୍ୟମ

ଭାପୁର(ନିପ୍ର): ପଡୋଶୀ ଘର କୁକୁରକୁ କାମୁଡିବା ନେଇ ଭାପୁର ବ୍ଲକର କାର୍ଯ୍ୟରତ ସାମ୍ବାଦିକଙ୍କ ପତ୍ନୀଙ୍କୁ ଆକ୍ରମଣ ଉଦ୍ୟମ ହୋଇଥିବା ଫତେଗଡ଼ ଥାନାରେ ଲିଖିତ ଅଭିଯୋଗ ହୋଇଛି । ଘଟଣାରୁ ପ୍ରକାଶ, ଶୁକ୍ରବାର ମଧ୍ୟାହ୍ନରେ କରବର ପଞ୍ଚାୟତ ମାଣିତ୍ରି ଗ୍ରାମର ସାମ୍ବାଦିକ କୁଳମଣୀ ଦାସଙ୍କ କୁକୁରଟି ପଡୋଶୀ ଘର ଲିଙ୍ଗରାଜ ନାୟକଙ୍କ କୁକୁରକୁ କାମୁଡି ଦେଇଥିଲା । ଫଳରେ ଲିଙ୍ଗରାଜଙ୍କ ପୁଅ ଅନାମ ନାୟକ ମାରଣାସ୍ତ୍ର ଧରି କୁଳମଣୀଙ୍କ ଘରକୁ ଆସିଥିଲା ଏବଂ ତାଙ୍କ ପତ୍ନୀଙ୍କୁ ଅଶ୍ରାବ୍ୟ ଭାଷାରେ ଜାତିଆଣ ଆକ୍ଷେପ କରି ଗାଳିଗୁଲଜ କରିବା ସହିତ ଆକ୍ରମଣ ଉଦ୍ୟମ କରିବା ନେଇ ଥାନାରେ ଲିଖିତ ଅଭିଯୋଗ ହୋଇଛି । ଏହି ଘଟଣାକୁ ନେଇ ସାମ୍ବାଦିକଙ୍କ ପରିବାର ଭିତ୍ତତ୍ରସ୍ତ ଅବସ୍ଥାରେ ରହିଥିବାବେଳେ ଏହାର ସୁବିଚାର ପାଇଁ ଥାନାର ଦ୍ୱାରସ୍ଥ ହୋଇଥିବା ଜଣାପଡିଛି ।

## ୨ କାଜୁ ମିଲ ମାଲିକଙ୍କୁ ମାଡ, ଲୁଟ ମାମଲା : ୫ ଗିରଫ

ଜୟପୁର: ଲୁଟ ମାମଲାରେ ୫ ଅଭିଯୁକ୍ତଙ୍କୁ ଗିରଫ କରିଛି ଜୟପୁର ସଦର ପୋଲିସ । ଗିରଫ ଅଭିଯୁକ୍ତ ଫୁଫୁଗାଁ ଗ୍ରାମର ରମେଶ ଆଲିଏସ ଆଲୋକ ହରିଜନ(୨୨), ସନ କେବିଡି ଗ୍ରାମର ଟୁକୁନା ହରିଜନ (୧୯), ଡ଼ଙ୍ଗରା ଗ୍ରାମର ଦୈତାରୀ ହରିଜନ (୨୨), ଦଣ୍ଡସେନାଗୁଡା ଗ୍ରାମର ଦମ୍ବୁରୁ ଧର ମାଝୀ (୩୦) ଓ ଡ଼ଙ୍ଗରା ଗ୍ରାମର ପ୍ରଫୁଲ ନାୟକ (୨୨) । କୋରାପୁଟ ଜିଲ୍ଲା ଜୟପୁର ବ୍ଲକର କେବଡି ଗ୍ରାମପଞ୍ଚାୟତରେ ରହିଥିବା ଜଗତଜନନୀ କାଜୁ ମିଲର ଦୁଇ ମାଲିକ ଗତକାଲି ରାତି ୮ଟା ସମୟରେ କାଜୁ ମିଲକୁ ବନ୍ଦ କରିବା ପରେ ବାଇକ ଯୋଗେ ଜୟପୁର ଘରକୁ ଫେରୁଥିବା ବେଳେ କେବିଡି ଗ୍ରାମ ଏବଂ ବିଜେ-୨ ଗ୍ରାମ ରାସ୍ତାର ଦଣ୍ଡସେନା ଗୁଡା ଗ୍ରାମ ନିକଟରେ ରାସ୍ତା ଉପରେ ପ୍ରାୟ ୫ ଜଣ ମୁଖାଧାରୀ ଦୁର୍ବୃତ୍ତ ସେମାନଙ୍କୁ ଅଟକାଇ ମାଡ ମାରିବା ସହିତ ସୁନାଚେନ, ମୁଦି ଏବଂ ୪ ହଜାର ଟଙ୍କା ଲୁଟି ନେଇଥିବା ନେଇ ଥାନାରେ ଗତ ୩୦ ତାରିଖରେ ଅଭିଯୋଗ ହୋଇଥିଲା କ୍ଷ ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ଦୁଇ କାଜୁ ମିଲ ମାଲିକ ଜୟପୁର ସହରର ଦାଶରୀ ସାହିର କେ. ଅମରନାଥ ଲିଖିତ ଅଭିଯୋଗ କରିଛନ୍ତି ଯେ, ସେ ଏବଂ ତାଙ୍କ ବ୍ୟବସାୟୀ ସହଯୋଗୀ ଜୟପୁର ସହର ଭୂପତି ସାହିର ଏସ. ବୈକୁଣ୍ଠ ନିଜ ନିଜ ବାଇକରେ ମିଶି ଘରକୁ ରାତିରେ ଫେରୁଥିବା ବେଳେ ରାସ୍ତାରେ ୫ ଜଣ ମୁଖାଧାରୀ ସେମାନଙ୍କୁ ଅଟକାଇ ମାଡ ମାରିଥିଲେ । ଅମରାନାଥ ପିନ୍ଧି ବେକର ସୁନା ଚେନ, ସୁନାମୁଦି ଏବଂ ୨ ହଜାର ଟଙ୍କା ଲୁଟି ନେଇଥିଲେ ଏବଂ ତାଙ୍କ ସହଯୋଗୀଙ୍କ ଠାରୁ ମଧ୍ୟ ୨ ହଜାର ଟଙ୍କା ଲୁଟି ନେଇଥିଲେ । ପରେ ଅଭିଯୁକ୍ତ ମାନେ ସେଠାରୁ ଚମ୍ପଟ ମାରିଥିଲେ । ଦୁଇ କାଜୁ ବ୍ୟବସାୟୀ ସେଠାରୁ ଫେରି ସଦର ଥାନାରେ ଅଭିଯୋଗ କରିଥିଲେ । ଏହି ମାମଲାରେ ୫ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବିଷୟ ଥାନା ଅଧିକାରୀ ସଚିନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି ।

# ପରିବେଶ ସଂରକ୍ଷଣ ଏକ ସାମୂହିକ ଦାୟିତ୍ୱ : ରାଜ୍ୟପାଳ



ଭୁବନେଶ୍ୱର, ୫/୬(ନିପ୍ର): ବିଶ୍ୱ ପରିବେଶ ଦିବସ ଅବସରରେ ଓଡ଼ିଶାର ରାଜ୍ୟପାଳ ଡ଼. ହରି ବାବୁ କମ୍ଭମପାଟି ଏବଂ ରାଜ୍ୟର ମାନ୍ୟବର ପ୍ରଥମ ମହିଳା ଡ଼. ଜୟଶ୍ରୀ କମ୍ଭମପାଟିଙ୍କ ଶୁକ୍ରବାର ଲୋକ ଭବନ ପରିସରସ୍ଥ ଅଟଳ ବନରେ ଚାରା ରୋପଣ କରିଛନ୍ତି । ଏହି ଅବସରରେ ଲୋକ ଭବନର ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନେ ମଧ୍ୟ ଏହି ବୃକ୍ଷରୋପଣ କାର୍ଯ୍ୟକ୍ରମରେ ସାମିଲ ହୋଇ ପରିବେଶ ସଂରକ୍ଷଣ ପ୍ରତି ନିଜର ପ୍ରତିବଦ୍ଧତାକୁ ପୁନଃପ୍ରକାଶ କରିଛନ୍ତି । ଏହି ଅବସରରେ ରାଜ୍ୟପାଳ କହିଥିଲେ ଯେ, ପରିବେଶ ସଂରକ୍ଷଣ ଏକ ସାମୂହିକ ଦାୟିତ୍ୱ ଅଟେ । ପରିବେଶକୁ ରକ୍ଷା କରିବା ପାଇଁ ପ୍ରତ୍ୟେକ ବ୍ୟକ୍ତି ବୃକ୍ଷରୋପଣ କରି ନିଜର ଯୋଗଦାନ ରଖିବା ଉଚିତ । ଏକ ବାର୍ତ୍ତାରେ ରାଜ୍ୟପାଳ କହିଛନ୍ତି ଯେ ପରିବେଶ ଦିବସ ପୃଥିବୀ ଓ ପ୍ରକୃତି ସମ୍ପର୍କରେ ଚିନ୍ତା କରିବାର ଅବସର ଆଣେ ଓ ପରିବେଶକୁ ରକ୍ଷା କରିବା ସମସ୍ତଙ୍କର ଦାୟିତ୍ୱ । ଏହାର ସୁରକ୍ଷା ପାଇଁ ଚାରା ରୋପଣ ଦ୍ୱାରା ଆମେ ଏକ ଛୋଟ କିନ୍ତୁ ଅର୍ଥପୂର୍ଣ୍ଣ ପଦକ୍ଷେପ ନେଇପାରିବା । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଧ୍ୟ 'ଏକ ପେଡ଼ ମା କେ ନାମ' ଆହ୍ୱାନ ଦେଇଛନ୍ତି । ଏହି ଅବସରରେ ପ୍ରତ୍ୟେକ ନାଗରିକ ଅତି କମରେ ଗୋଟିଏ ଲେଖାଏଁ ଚାରା ରୋପଣ କରିବାକୁ ରାଜ୍ୟପାଳ ନିବେଦନ କରିଛନ୍ତି ଓ 'ଇଚ୍ ୱାନ୍, ପ୍ଲାଣ୍ଟ୍ ୱାନ୍' (ପ୍ରତ୍ୟେକ ବ୍ୟକ୍ତି ଗୋଟିଏ ଲେଖାଏଁ ଚାରା ରୋପଣ କରିବା) ସ୍ଲୋଗାନ ସମସ୍ତଙ୍କର ଧେୟ ହେବ ଉଚିତ ବୋଲି ରାଜ୍ୟପାଳ କହିଛନ୍ତି ହେବ ଉଚିତ ।"ବୃକ୍ଷର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରି ରାଜ୍ୟପାଳ କହିଥିଲେ ଯେ, ବୃକ୍ଷ ବାୟୁକୁ ବିଶୁଦ୍ଧ କରେ, ଜୈବ ବିବିଧତା ସଂରକ୍ଷଣ କରେ ଏବଂ ଜଳବାୟୁ ପରିବର୍ତ୍ତନର ପ୍ରତିକାର କରେ । ବ୍ୟକ୍ତି ଓ ସମାଜର ଛୋଟ ପ୍ରୟାସ ମଧ୍ୟ ପରିବେଶ ସଂରକ୍ଷଣରେ ବହୁତ ବଡ଼ ପ୍ରଭାବ ପକାଇପାରେ । ଯୁବପିଢ଼ିକୁ ପରିବେଶ ସଂରକ୍ଷଣରେ ଅଗ୍ରଣୀ ଭୂମିକା ଗ୍ରହଣ କରିବାକୁ ଆହ୍ୱାନ ଦେଇ ଏକ ସ୍ୱଚ୍ଛ, ସବୁଜ ଓ ସ୍ଥାୟୀ ଭବିଷ୍ୟତ ଗଢି ତୋଳିବାକୁ ଯୁବକ-ଯୁବତୀମାନେ ସକ୍ରିୟ ଭାବେ ଯୋଗଦାନ ଦେବାକୁ ରାଜ୍ୟପାଳ ନିବେଦନ କରିଛନ୍ତି ।

## ୪୦ ଘଣ୍ଟା ବୁଲିଲା ହାତୀ

ଅନୁଗୋଳ,୫।୬: ହାତୀ ଏବେ ଯେପରି ବେସାହାରା। ଅନୁଗୋଳର ଏକ ନରହନ୍ତା ଦନ୍ତା ହାତୀକୁ ନେଇ ସମଗ୍ର ରାଜ୍ୟରେ ଚର୍ଚ୍ଚା । ୪୦ ଘଣ୍ଟା ଧରି ଟ୍ରକରେ ପ୍ରାୟ ୭ରୁ ଅଧିକ ରେଞ୍ଜ ବୁଲିଥିଲା ହାତୀଟି ।ତିନିଦିନ ଧରି ଟ୍ରକ ଉପରେ ବନ୍ଧା ହୋଇ ରହିଲା । ଏହି ହାତୀକୁ ନେଇ ଏବେ ଉଠିଛି ଅନେକ ପ୍ରଶ୍ନ । ହାତୀଟି ନରହନ୍ତା ହୋଇଥିବାରୁ ଯୁଆଡେ ଯାଇଥିଲା ଗାଁ ଲୋକେ ବିରୋଧ କରିଥିଲେ। ପ୍ରବଳ ଗରମରେ ୪୦ ଘଣ୍ଟା ଧରି ହାତୀ ଟ୍ରକ୍‌ରେ ରହିବା ଘଟଣା ପଶୁପ୍ରେମୀଙ୍କ ମଧ୍ୟରେ ଚିନ୍ତା ବଢ଼ାଇଥିଲା। ପରିଶେଷରେ ଏହାକୁ ଏବେ ଶିମିଳିପାଳ ଉତ୍ତର ଡିଭିଜନର ବାଙ୍ଗିରିପୋଷି ରେଞ୍ଜ ଅଧୀନ ତାଳବନ୍ଧ କାଞ୍ଜିଡ଼ା ରେସ୍କ୍ୟୁ ସେଣ୍ଟରକୁ ନିଆଯାଇଥିବା ଏକ ସୂତ୍ରରୁ ପ୍ରକାଶ।



'ଭାରତ ଭାଗ୍ୟ ବିଧାତା'ର ସ୍ୱତନ୍ତ୍ର ସ୍କ୍ରିନିଂରେ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଓ ଅଭିନେତ୍ରୀ କଙ୍ଗନା (ଫଟୋ-ଦିନଲିପି)

### ସିଏମ ଟ୍ରଫି ଜୋନସ୍ତରୀୟ ଖୋଖୋ

## ଚାମ୍ପିଅନସିପ୍ ଜୋନ ଫାଇନାଲ ଉଦ୍‌ଯାପିତ

ପୁରୀ,୫/୬(ନିପ୍ର): କ୍ରୀଡା ଓ ଯୁବସେବା ବିଭାଗ ଓଡିଶା ସରକାରଙ୍କ ଓଡ଼ିଶା କ୍ରୀଡା ମହାକୁମ୍ଭ ସିଏମ ଟ୍ରଫି ଜୋନ ସ୍ତରୀୟ ଖୋ ଖୋ ଚମ୍ପିୟନସିପ୍ ତାଳବଣିଆ ସ୍ଥିତ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ଖୋଖୋ ଏକାଡେମୀ ହଲ ପରିସରରେ ଉଦଯାପିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ଭାରତ ଖୋ ଖୋ ଫେଡେରେସନ ଉପସଭାପତି ଓ ଓଡିଶା ଖୋ ଖୋ ଆସୋସିଏସନ ସମ୍ପାଦକ ପ୍ରଦ୍ୟୁମ୍ନ ମିଶ୍ର ଯୋଗ ଦେଇ ଖୋ ଖୋ କ୍ରୀଡାବିତଙ୍କୁ ଉତ୍ସାହିତ କରିଥିଲେ ।ଖୋ ଖୋ ମୁଖ୍ୟ ପ୍ରଶିକ୍ଷକ ସଞ୍ଜୀବ ଶର୍ମା ଉପସ୍ଥିତ ଥିଲେ। ଜୋନ ୨ ବାଳକ ବର୍ଗରେ ଖୋର୍ଦ୍ଧା ୨୫ ପଏଣ୍ଟ ପାଇଥିବା ବେଳେ କଟକ ୩୬ ପଏଣ୍ଟ ପାଇ ବିଜୟୀ ହୋଇଥିଲା । ଜୋନ ୩ ବାଳକ ବର୍ଗରେ ବାଲେଶ୍ୱର ୨୬ ପଏଣ୍ଟ ପାଇଥିବା ବେଳେ ପୁରୀ ୪୦ ପଏଣ୍ଟ ପାଇ ବିଜୟୀ ହୋଇଥିଲା ।ସେହିପରି ଜୋନ ୨ ବାଳିକା ବର୍ଗରେ ଯାଜପୁର ୦ ପଏଣ୍ଟ ପାଇଥିବା ବେଳେ ଖୋର୍ଦ୍ଧା ୪୫ ପଏଣ୍ଟ ପାଇ ବାଜିମାତ ମାରିଥିଲା ।ଜୋନ ୩ରେ ଜଗତସିଂହପୁର ୨୧ ପଏଣ୍ଟ ପାଇଥିବା ବେଳେ ପୁରୀ ୩୬ ପଏଣ୍ଟ ପାଇ ବିଜୟୀ ହୋଇଥିଲା ।ଜୋନ ସ୍ତରୀୟ ଖୋଖୋ ପ୍ରତିଯୋଗିତାରେ ୧୪ ବର୍ଷରୁ କମ ବାଳକ ଓ ବାଳିକା ଖେଳାଳିମାନେ ସାମିଲ ହୋଇଥିଲେ। ୧୫ଟି ଜିଲ୍ଲାରୁ ବାଳକରେ ୩ଶହ ଓ ବାଳିକାରେ ୩ ଶହ ସମୁଦାୟ ୬ ଶହ କ୍ରୀଡାବିତ ଅଂଶଗ୍ରହଣ କରିଥିଲେ । ଏଠାରେ ୨ ଓ ୩ ନମ୍ବର ଜୋନ ଖେଳ ପ୍ରଦର୍ଶନରେ ୨ ନମ୍ବର ଜୋନରେ କଟକ, ଯାଜପୁର, ବୌଦ୍ଧ, ନୂଆପଡା, ମୟୂରଭଞ୍ଜ, ଖୋର୍ଦ୍ଧା, ସୋନପୁର ଓ ଦେବଗଡ ଜିଲ୍ଲାର ଖୋଖୋ କ୍ରୀଡାବିତ ଥିବାବେଳେ ୩ ନମ୍ବର ଜୋନରେ ପୁରୀ, କେନ୍ଦ୍ରାପଡା, କନ୍ଧମାଳ, ଜଗତସିଂହପୁର, ନୟାଗଡ, ଭଦ୍ରକ, ଓ ବାଲେଶ୍ୱର ଜିଲ୍ଲାର ବାଳକ ବର୍ଗ ଓ ବାଳିକା ବର୍ଗର କ୍ରୀଡାବିତମାନେ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ।

## ଚନ୍ଦକା ୱାଇଲଡ ଲାଇଫ ଡିଭିଜନ ପକ୍ଷରୁ ବୃକ୍ଷରୋପଣ

ଭୁବନେଶ୍ୱର, ୫/୬(ନିପ୍ର): ବିଶ୍ୱ ପରିବେଶ ଦିବସ ଅବସରରେ ଚନ୍ଦକା ୱାଇଲଡ ଲାଇଫ ଡିଭିଜନ ପକ୍ଷରୁ ଆମ ବାଳାଶ୍ରମର ପରିବେଶକୁ ସୁନ୍ଦର କରିବା ପାଇଁ ଭୁବନେଶ୍ୱର ଚନ୍ଦକା ସ୍ଥିତ ରାମକୃଷ୍ଣ ବାଳାଶ୍ରମ ଚାରି ପାଖରେ ପ୍ରାୟ ୧୦୦୦୦ ବୃକ୍ଷ ରୋପଣ କରାଯାଇଥିଲା । ଏହି ବୃହତ ବୃକ୍ଷରୋପଣ କାର୍ଯ୍ୟକ୍ରମ ରେ ରାମକୃଷ୍ଣ ବାଳାଶ୍ରମର ସମସ୍ତ ଅନ୍ତେବାସୀ ଭାଗନେବା ସହ ଏସିଏଫ ସଂଗ୍ରାମ କେଶରୀ ମହାନ୍ତି, ରେଞ୍ଜର ଧାନ ଟୁଡୁ, ଫରେଷ୍ଟର ବିଷ୍ଣୁ କୁମାର ପ୍ରଧାନ ଓ



ଆଦିତ୍ୟ ହାତୀ, ଫରେଷ୍ଟ ଗାର୍ଡ ହରିହର ମହାରଣା, ରାମଚନ୍ଦ୍ର ଦାସ, ଏସିଆନ କିଣ୍ଡୋ, ଆଲୋକ ବେହେରା ଓ ବିନତା ଜେନା ପ୍ରମୁଖ ଉପସ୍ଥିତ ରହିବ ସହ ରାମକୃଷ୍ଣ ବାଳାଶ୍ରମର ସମ୍ପାଦକ ବିଭୂତି ଭୂଷଣ ରାଉତ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

## ୨୯ ପର୍ଯ୍ୟନ୍ତ ବସ୍ ଧର୍ମଘଟ ସ୍ଥଗିତ

ଭୁବନେଶ୍ୱର, ୫।୬(ନିପ୍ର) ପ୍ରସ୍ତାବିତ ବସ୍ ଧର୍ମଘଟକୁ ଘରୋଇ ବସ୍ ମାଲିକ ସଂଘ ସ୍ଥଗିତ ରଖିଛି । ବସ୍ ଭଡା ବୃଦ୍ଧି ସହ ଅନ୍ୟାନ୍ୟ ଦାବି ନେଇ ଘରୋଇ ବସ୍ ମାଲିକ ସଂଘ ଆସନ୍ତା ୧୦ ତାରିଖରେ ବସ୍ ଧର୍ମଘଟ ଡାକରା ଦେଇଥିଲା। ତେବେ କମିଶନରଙ୍କ ସହ ଆଲୋଚନା ପରେ ବସ୍ ଧର୍ମଘଟ ସ୍ଥଗିତ ଘୋଷଣା କରିଛି ସଂଘ। ଏହାସହ ସରକାରଙ୍କୁ ୨୯ ତାରିଖ ପର୍ଯ୍ୟନ୍ତ ସମୟ ଦିଆଯାଇଛି । ଦାବି ନ ଶୁଣିଲେ ୩୦ ପରେ ପୁଣି ବସ୍ ଧର୍ମଘଟ କରାଯିବ ବୋଲି ଘରୋଇ ବସ୍ ମାଲିକ ସଂଘ ଚେତାବନୀ ଦେଇଛି ।

## ୨୫ବର୍ଷରେ ପାଦ ଥାପିବ ଫୋକ ଫେୟାର

ପୁରୀ, ୫/୬(ନିପ୍ର): ୨୦୨୭ରେ ରୌପ୍ୟ ଜୟନ୍ତୀ ପାଳନ କରିବ ଶ୍ରୀକ୍ଷେତ୍ର ସୂଚନା ପକ୍ଷରୁ ଆୟୋଜିତ ଫୋକ ଫେୟାର। ମହାଆଡମ୍ବରରେ ପାଳିତ ହେବ ରୌପ୍ୟ ଜୟନ୍ତୀ ମହୋତ୍ସବ ପୁରୀର ବେଳାଭୂମିରେ। ସେଥିପାଇଁ ଆଜି ରୌପ୍ୟ ଜୟନ୍ତୀ ମହୋତ୍ସବର ଫ୍ଲାକାଡକୁ ଶ୍ରୀମନ୍ଦିରର ମହାପ୍ରଭୁଙ୍କ ନିକଟରେ ପୂଜାର୍ଚ୍ଚନା କରାଯିବା ପରେ ଏହି ଫ୍ଲାକାଡକୁ ଶ୍ରୀମନ୍ଦିର ସମ୍ମୁଖରେ ପ୍ରଦର୍ଶନ କରାଯାଇଛି।

## ଡାଲମିଆ ଭାରତ ପକ୍ଷରୁ ବିଶ୍ୱ ପରିବେଶ ଦିବସ

ରାଜଗାଙ୍ଗପୁର, ୫/୬(ନିପ୍ର): ପରିବେଶ ଓ ସ୍ଥାୟୀ ବିକାଶ ପ୍ରତି ଏହାର ପ୍ରତିବଦ୍ଧତାକୁ ସୁଦୃଢ କରି ଭାରତର ଅଗ୍ରଣୀ ସିମେଂଟ କମ୍ପାନୀ ଡାଲମିଆ ଭାରତ ଲିମିଟେଡ ଏକାଧିକ ସଚେତନତା ଓ ସମୁଦାୟ ସମ୍ପୃକ୍ତି ଅଭିଯାନ ମାଧ୍ୟମରେ ରାଜଗାଙ୍ଗପୁରଠାରେ ବିଶ୍ୱ ପରିବେଶ ଦିବସ ୨୦୨୬ର ପାଳନ କରିଛି । ଏହି ଉତ୍ସବ କର୍ମଚାରୀ, ଛାତ୍ରଛାତ୍ରୀ, ପରିବାର ଓ ସ୍ଥାନୀୟ ସମୁଦାୟର ସଦସ୍ୟଙ୍କ ସମେତ ୨୦୦ରୁ ଅଧିକ ଅଂଶଗ୍ରହଣକାରୀଙ୍କୁ ଏକତ୍ରିତ କରିଥିଲା, ଯିଏ ପରିବେଶ ସଂରକ୍ଷଣ ଓ ଜଳବାୟୁ ପ୍ରତି ଦାୟିତ୍ୱ ଦିଗରେ ସାମୂହିକ ପଦକ୍ଷେପକୁ ପ୍ରୋତ୍ସାହିତ କରିଛନ୍ତି । ଏହି ଉତ୍ସବର ଅଂଶ ଭାବେ କମ୍ପାନୀ ପକ୍ଷରୁ ଏକ ବୃହତ ବୃକ୍ଷରୋପଣ ଓ ପରିବେଶ ସଚେତନତା ଅଭିଯାନର ଆୟୋଜନ କରାଯାଇଥିଲା ଯାହା ଜଳବାୟୁ ସମ୍ପର୍କିତ ପଦକ୍ଷେପ ଓ ପ୍ରାକୃତିକ ସଂଶାଧନ ସଂରକ୍ଷଣ ଉପରେ ଗୁରୁତ୍ୱ ଦେଇଥିଲା । କର୍ମଚାରୀ, ଛାତ୍ରଛାତ୍ରୀ ଏବଂ ସେମାନଙ୍କ ପରିବାର ସଦସ୍ୟ ଓ ସମୁଦାୟ ସଦସ୍ୟଙ୍କ ସକ୍ରିୟ ଅଂଶଗ୍ରହଣ ସହିତ କାରଖାନା, ସହରାଂଚଳ ଓ ଖଣି ଅଂଚଳ ଆଖପାଖରେ ଥିବା ଗ୍ରାମଗୁଡିକରେ ସ୍ଥାନୀୟ ଜଙ୍ଗଲ ପ୍ରଜାତି ଓ ଫଳ ପ୍ରଦାନକାରୀ ବୃକ୍ଷ ସମେତ ୧୧୦୦ରୁ ଅଧିକ ଚାରା ରୋପଣ କରାଯାଇଥିଲା ।

## ରଥଯାତ୍ରା ପାଇଁ କନ୍ଧମାଳରୁ ଗଲା ୨୩ ଖଣ୍ଡ କାଠ ଗଣ୍ଡି

କନ୍ଧମାଳ, ୫ /୬(ନିପ୍ର): ପ୍ରଥମ ଥର ପାଇଁ କନ୍ଧମାଳ ଜିଲ୍ଲା କୋଟଗଡ ବନକ୍ଷଞ୍ଚଳରୁ ପୁରୀ ରଥଯାତ୍ରା ପାଇଁ କାଠ ପଠାଗଲା । ପ୍ରାୟ ୪୦ ଫୁଟ୍ ଲମ୍ବା ୨୩ ଖଣ୍ଡ ଧଉରା କାଠ କଟାଯାଇ ଶୁକ୍ରବାର ପୂଜାର୍ଚ୍ଚନା କରାଯାଇ ଟ୍ରକ୍ ଯୋଗେ ପଠାଯାଇଛି । ଏହି କାଠ ଘୋଷଯାତ୍ରା ବେଳେ ତିନି ରଥର ଅଖ ନିର୍ମାଣରେ ବ୍ୟବହାରକରାଯିବ ବୋଲି ଜିଲ୍ଲାପାଳ ବେଦ ଭୂଷଣ କହିଛନ୍ତି ।

## କନଷ୍ଟେବଲଙ୍କ ଆତ୍ମହୁତି ଉଦ୍ୟମ

ବ୍ରହ୍ମପୁର,୫ ।୬: ବ୍ରହ୍ମପୁର ସହରର ଜଣେ ପୁଲିସ କନଷ୍ଟେବଲ ଶୁକ୍ରବାର ସନ୍ଧ୍ୟାରେ ଆତ୍ମହୁତି ଉଦ୍ୟମ କରିଛନ୍ତି । ସେ ହେଲେ ବିଜିପୁର ପୁଲିସ କଲୋନୀର ଆଶୁତୋଷ ମୃଦଙ୍ଗିଆ(୪୨) । ନିଜ ଶରୀରରେ ପେଟ୍ରୋଲ ଢାଳି ନିଆଁ ଲଗାଇଦେବାରୁ ତାଙ୍କ ପିଠି ସମେତ ଅନ୍ୟାନ୍ୟ ସ୍ଥାନ ପୋଡି ଯାଇଛି । ଗୁରୁତର ଅବସ୍ଥାରେ ତାଙ୍କୁ ଏମକେସିଜି ମେଡିକାଲରେ ଭର୍ତ୍ତି କରାଯାଇଛି ।ଆତ୍ମହୁତି ଉଦ୍ୟମର କାରଣ ଜଣାପଡ଼ିନାହିଁ।

## ଓଡ଼ିଶା ଆମ୍ବର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ଆବଶ୍ୟକ

ଭୁବନେଶ୍ୱର, ୫/୬(ନିପ୍ର): ଭୁବନେଶ୍ୱରସ୍ଥିତ କେନ୍ଦ୍ରୀୟ ଉଦ୍ୟାନକୃଷି ପରୀକ୍ଷଣ କେନ୍ଦ୍ର ପରିସରରେ ଶୁକ୍ରବାର ରାଜ୍ୟସ୍ତରୀୟ ଆମ୍ବ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି ।ଆଇସିଏଆର - ଆଇଆଇଏଚଆର, ବେଙ୍ଗାଲୁରୁ ଏବଂ ଓଡ଼ିଶା ସରକାରଙ୍କ ଉଦ୍ୟାନକୃଷି ନିର୍ଦ୍ଦେଶାଳୟର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ଉତ୍ସବରେ ରାଜ୍ୟର ସମୃଦ୍ଧ ଆମ୍ବ ସମ୍ପଦ, ଜୈବ ବିବିଧତା ସଂରକ୍ଷଣ ଏବଂ ସ୍ଥାୟୀ କୃଷିର ପ୍ରଦର୍ଶନ କରାଯାଇଥିଲା ।ଜଳବାୟୁ-ଉପଯୋଗୀ ଉଦ୍ୟାନ କୃଷିର ପ୍ରସାର ଏବଂ 'କ୍ଷେତ ବଞ୍ଚାଅ ଅଭିଯାନ 'ଅଧୀନରେ ଚାଷଜମିର ସୁରକ୍ଷା ପାଇଁ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଶତାଧିକ ଚାଷୀ, ବିଶେଷଜ୍ଞ ଏବଂ ଆମ୍ବ ପ୍ରେମୀ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ ।ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ, ଶକ୍ତି ମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହଦେଓ ପ୍ରକାଶ କରିଛନ୍ତି ଯେ, ଚାଷୀଙ୍କ ଆୟ ବୃଦ୍ଧି କରିବା ଏବଂ କୃଷି ରପ୍ତାନିକୁ ବଢ଼ାଇବା ପାଇଁ ଓଡ଼ିଶାର ଆମ୍ବର ଏକ ସ୍ୱତନ୍ତ୍ର 'ବ୍ରାଣ୍ଡିଂ' ବା ପରିଚୟ ସୃଷ୍ଟି କରିବାର ଆବଶ୍ୟକତା ରହିଛି । ଏହା ସହିତ କୃଷି ଉତ୍ପାଦନ ବଢ଼ାଇବା ପାଇଁ ସେ ଫସଲ ବିବିଧକରଣ ଉପରେ ଗୁରୁତ୍ୱ ଦେଇଥିଲେ ।

## ପରିବେଶ ସୁରକ୍ଷା ଉପରେ ବାଲୁକା ଆନିମେସନ




ପୁରୀ, ୫/୬(ନିପ୍ର): ବିଶ୍ୱ ପରିବେଶ ଦିବସ ଅବସରରେ, ପ୍ରସିଦ୍ଧ ଅନ୍ତର୍ଜାତୀୟ ବାଲୁକା ଶିଳ୍ପୀ ମାନସ କୁମାର ସାହୁ ତାଙ୍କ ପୁରୀ ବାଲୁକା କଳା ଷ୍ଟୁଡିଓରେ ଏକ ସ୍ୱତନ୍ତ୍ର ବାଲୁକା ଆନିମେସନ୍ ପ୍ରଦର୍ଶନ କରିଛନ୍ତି । ୫ ମିନିଟର ବାଲୁକା ଆନିମେସନ୍ ପରିବେଶ ସୁରକ୍ଷା, ବୃକ୍ଷରୋପଣ, ପ୍ରଦୂଷଣ ନିୟନ୍ତ୍ରଣ ଏବଂ ସ୍ଥାୟୀ ଜୀବନଯାପନର ଗୁରୁତ୍ୱକୁ ସୃଜନଶୀଳ ଭାବରେ ଆଲୋକିତ କରିଥିଲା । ବାଲୁକା କଳାର ମନମୋହକ ମାଧ୍ୟମ ମାଧ୍ୟମରେ, ଉପସ୍ଥାପନା ପ୍ରକୃତିକୁ ସୁରକ୍ଷା ଦେବା ଏବଂ ଆଗାମୀ ପିଢ଼ି ପାଇଁ ଏକ ସବୁଜ ଭବିଷ୍ୟତ ଗଠନ କରିବା ପାଇଁ ଏକ ଶକ୍ତିଶାଳୀ ବାର୍ତ୍ତା ଦେଇଥିଲା । ଏହି କଳାକୃତି ଲୋକମାନଙ୍କୁ ପରିବେଶ ସଂରକ୍ଷଣ ଏବଂ ପରିବେଶ ଅନୁକୂଳ ଅଭ୍ୟାସଗୁଡ଼ିକୁ ପ୍ରୋତ୍ସାହିତ କରିବା ପାଇଁ ସାମୂହିକ ଦାୟିତ୍ୱ ନେବାକୁ ଉତ୍ସାହିତ କରିଥିଲା ।

## ଜାତୀୟ ଚାର୍ଟାଡ ଆକାଉଣ୍ଟାଣ୍ଟ ସମ୍ମିଳନୀ ଉଦ୍‌ଘାଟିତ



ଭୁବନେଶ୍ୱର, ୫/୬(ନିପ୍ର): ଜାତୀୟ ଚାର୍ଟାଡ ଆକାଉଣ୍ଟାଣ୍ଟ ସମ୍ମିଳନୀ-୨୦୨୬ ପାହାଳସ୍ଥିତ ପାଲ୍‌ହାଇଟ ମଣ୍ଡପ ସମ୍ମିଳନୀ କକ୍ଷରେ ଉଦଘାଟିତ ହୋଇଛି । ଏଥିରେ ଅତିଥି ଭାବେ ଭାରତୀୟ ଚାର୍ଟାଡ ଆକାଉଣ୍ଟାଣ୍ଟ ଅନୁଷ୍ଠାନର ପୂର୍ବତନ ସଭାପତି ଅତୁଲ କୁମାର ଗୁପ୍ତା ଓ ରଂଜିତ୍ କୁମାର ଅଗ୍ରୱାଲ, କେନ୍ଦ୍ରୀୟ ପରିଷଦ ସଦସ୍ୟ ରବି କୁମାର ପାଟୁଆ, ସଂଜୀବ ସାଙ୍ଗୀ ପୂର୍ବାଞ୍ଚଳ ପରିଷଦର ଅଧ୍ୟକ୍ଷ ମୟୂର ଅଗ୍ରୱାଲ, ସମ୍ମିଳନୀ ପରିଚାଳନା କମିଟିର ଅଧ୍ୟକ୍ଷ ସଚିନ ଉଦୟ ପୁରିଆ, କଟକ ଶାଖା ଅଧ୍ୟକ୍ଷ ଲଳିତ କୁମାର ମହାଭାର ଓ ଶାଖା ସଂପାଦକ ସୁବାସ ଚନ୍ଦ୍ର ପୃଷ୍ଟି ଯୋଗ ଦେଇଥିଲେ । ଅତିଥିମାନେ ଦେଶର ଆର୍ଥିକ ସଂକଟ ବେଳେ ଚାର୍ଟାଡ ଆକାଉଣ୍ଟାଣ୍ଟମାନଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ମତବ୍ୟକ୍ତ କରିଥିଲେ । ସମ୍ମିଳନୀରେ ମୁଖ୍ୟତଃ ଜିଏସଟି ଆଇନ, ଅଡିଟର କୃତ୍ରିମ ବୁଦ୍ଧିମତା(ଏଆଇ) କମ୍ପାନୀ ଶାସନ ବ୍ୟବସ୍ଥା, ଛୋଟ ଓ ମଧ୍ୟମ ଉଦ୍ୟମମାନଙ୍କର ପ୍ରଥମ ସାର୍ବଜନୀକ ଶେୟାର ଜାରିକରଣ, ନୂତନଭାବେ ଆସିଥିବା ଇନକମ୍ ଟ୍ୟାକ୍ସ, ୨୦୨୫ ଆଇନ, ରିଅଲ ଇଷ୍ଟେଟ୍ ଆଇନ, ପାୱାର ମାର୍କେଟରେ ସୁଯୋଗ ଓ ପରିଚାଳନା ଉପରେ ଆଲୋଚନା କରାଯିବ । ଏଥିଲାଗି ଏହି ବିଷୟରେ ଗବେଷଣା କରିଥିବା ଦେଶର ପ୍ରମୁଖ ବ୍ୟକ୍ତିମାନେ ଯୋଗ ଦେଇଛନ୍ତି । ଚାର୍ଟାଡ ଆକାଉଣ୍ଟାଣ୍ଟମାନେ ଏହି ଜ୍ଞାନ ଆହରଣ କରି ସାଧାରଣ ଜନତାଙ୍କ ପାଖରେ ପହଞ୍ଚାଇବା ଏହାର ମୂଳଲକ୍ଷ୍ୟ । ଓଡ଼ିଶା ଓ ଓଡ଼ିଶା ବାହାରର ପ୍ରାୟ ୬୫୦ ଚାର୍ଟାଡ ଆକାଉଣ୍ଟାଣ୍ଟ ସମ୍ମିଳନୀରେ ଯୋଗ ଦେଇଛନ୍ତି ବୋଲି ପରିଚାଳନା କମିଟିର ଲୋକ ସଂପର୍କ ବିଭାଗ ସଭାପତି ପ୍ରଶାନ୍ତ କୁମାର ମହାପାତ୍ର ଜଣାଇଛନ୍ତି ।

## ପେସାଦାର ଅପରାଧୀଙ୍କ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ

ଭୁବନେଶ୍ୱର, ୫/୬(ନିପ୍ର): ଅବକାରୀ ବିଭାଗ ପକ୍ଷରୁ ନିୟମିତ ଚଢ଼ାଉ ଫଳରେ ବିଗତ ଦୁଇ ବର୍ଷ ମଧ୍ୟରେ ରେକର୍ଡ ପରିମାଣରେ ବେଆଇନ ନିଶାଦ୍ରବ୍ୟ ଓ ମାଦକ ସାମଗ୍ରୀ ଜବତ ହେବା ସହ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି । ଏଥି ସହିତ ସଚେତନତା କାର୍ଯ୍ୟକ୍ରମ ଜରିଆରେ ଯୁବପିଢ଼ିଙ୍କୁ ବେଆଇନ ମାଦକ ଦ୍ରବ୍ୟ ତଥା ନିଷିଦ୍ଧ ନିଶା ସେବନଠାରୁ ଦୂରେଇ ରହିବା ପାଇଁ ସଚେତନତା ସୃଷ୍ଟି କରାଯାଉଛି, ଯାହା ବିଭାଗ ପାଇଁ ଏକ ବଡ଼ ଉପଲବ୍ଧି । ତେବେ ଗୁଇନ୍ଦା ରିପୋର୍ଟକୁ ଆଧାର କରି ନିୟମିତ ଚଢ଼ାଉ ସହ ପେସାଦାର ଅପରାଧୀଙ୍କ ବିରୋଧରେ ପ୍ରମାଣ ଯୋଗାଡ଼ କରି ନ୍ୟାୟାଳୟରେ ଦଣ୍ଡବିଧାନ ପାଇଁ ପ୍ରକ୍ରିୟା ଆରମ୍ଭ କରିବା ଏବଂ ସମ୍ପୃକ୍ତ ଅପରାଧୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବା ନେଇ ଆଇନ, ପୂର୍ତ୍ତ ଏବଂ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଅବକାରୀ ଅଧୀକ୍ଷକମାନଙ୍କୁ ପରାମର୍ଶ ଦେଇଛନ୍ତି । ଶୁକ୍ରବାର ଦିନ ଅବକାରୀ ବିଭାଗ ପକ୍ଷରୁ ସ୍ଥାନୀୟ ନିର୍ମାଣ ସୌଧଠାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଅବକାରୀ ଅଧିକ୍ଷକ ସମ୍ମିଳନୀରେ ଅଧକ୍ଷତା କରିବା ସହ ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଲେ ଯେ ବେଆଇନ ନିଶା କାରବାର ଯୋଗୁଁ କେବଳ ଧନଜୀବନ ହାନି ଘଟୁ ନାହିଁ ବରଂ ରାଜ୍ୟରେ ଅନେକ ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେଉଛି । ତେଣୁ ନିୟମିତ ଭାବେ ଏଭଳି କାର୍ଯ୍ୟରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ବିରୋଧରେ ଆଇନ ଅନୁଯାୟୀ କଡ଼ା କାର୍ଯ୍ୟାନୁଷ୍ଠାନ ହେବାର ଆବଶ୍ୟକତା ରହିଛି ।

## ଶିଳାନ୍ୟାସର ବର୍ଷେ ପରେ ବି ଅବହେଳିତ ଗୋହିରାଟିକିରି ପୀଠ

ଧାମନଗର,୫/୬(ନିପ୍ର): ଓଡ଼ିଶାର ଶେଷ ସ୍ୱାଧୀନ ରାଜା ଗଜପତି ମୁକୁନ୍ଦଦେବଙ୍କ ବୀରତ୍ୱ ଓ ଆତ୍ମବଳିଦାନର ମୂକସାକ୍ଷୀ ଐତିହାସିକ ଗୋହିରାଟିକିରି ପୀଠ ଆଜି ବି ବିକାଶ ପାଇଁ ଚାତକ ଭଳି ଚାହିଁ ରହିଛି । ଗତ ବର୍ଷ ଜୁନ୍ ୨ ତାରିଖରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଭଦ୍ରକ ସହର ଉପକଣ୍ଠ ରାହାଞ୍ଜ ନିକଟ ରମ୍ଭିଳାଠାରେ ଆୟୋଜିତ ଏକ ଭବ୍ୟ ସଭାରେ ପ୍ରାୟ ୧୦ କୋଟି ଟଙ୍କାର ମୁକୁନ୍ଦଦେବ ସ୍ମାରକୀ ପାର୍କ ଓ ସୁବିଧା କେନ୍ଦ୍ରର ଶିଳାନ୍ୟାସ କରିଥିଲେ । ଖୁବଶୀଘ୍ର କାର୍ଯ୍ୟ ଆରମ୍ଭ ହେବାର ପ୍ରତିଶ୍ରୁତି ମଧ୍ୟ ମିଳିଥିଲା । ହେଲେ ଆଜି ଏହି ପ୍ରତିଶ୍ରୁତିର ବର୍ଷେ ପୂରିଥିଲେ ବି ମଧ୍ୟ କାମ ୧୦ ପ୍ରତିଶତ ବି ଆଗେଇ ପାରିନାହିଁ । ସରକାରୀ ଆଡ଼ମ୍ବର ମଧ୍ୟରେ ଶିଳାନ୍ୟାସ ଶେଷ ହେଲା ସତ, କିନ୍ତୁ ବାସ୍ତବ ପ୍ରକଳ୍ପ ଏବେ ବି କାଗଜପତ୍ର ଓ ମନ୍ଥର ନୀତି ମଧ୍ୟରେ ଛନ୍ଦି ହୋଇ ରହିଛି । ମୁଖ୍ୟମନ୍ତ୍ରୀଙ୍କ ଶିଳାନ୍ୟାସ ପରେ ଗତ ନଭେମ୍ବର ୨୨ରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଧ୍ୟ ଏହି ପୀଠ ପରିଦର୍ଶନ କରି ଦୋବଲ କାଳୀପଡ଼ିଆ ସଭାରେ ଆଉ ୭ କୋଟି ଟଙ୍କାର ପ୍ରକଳ୍ପ ଘୋଷଣା କରିଥିଲେ । ପର୍ଯ୍ୟଟନ ବିଭାଗ ପକ୍ଷରୁ ୨.୪୬ କୋଟିରେ ସେନାପତିଆ ପୋଖରୀର ଉନ୍ନତିକରଣ ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ୫ କୋଟି ଟଙ୍କା ବ୍ୟୟରେ ଗବେଷଣା କେନ୍ଦ୍ର ଓ ଆର୍ଟ ଗ୍ୟାଲେରୀ ନିର୍ମାଣର ଯୋଜନା ରହିଥିଲା । ବର୍ଷକ ଭିତରେ ପ୍ରାୟ ୧୭ କୋଟି ଟଙ୍କାର ପ୍ରକଳ୍ପ ଘୋଷଣା ହୋଇଥିବା ବେଳେ ମିଳିଥିବା ସୂଚନା ମୁତାବକ, ଏଯାଏଁ ମାତ୍ର ୬ କୋଟି ଟଙ୍କାର ମଞ୍ଜୁରୀ ମିଳିଛି ଏବଂ କେବଳ ୫.୮୬.କୋଟି



ଟଙ୍କାର କାର୍ଯ୍ୟାଦେଶ ଦିଆଯାଇଛି । ଚଳିତ ମାର୍ଚ୍ଚ ମାସରୁ ଯେନତେନ ପ୍ରକାରେ କାମ ଆରମ୍ଭ ହୋଇଥିଲେ ବି ଏହାର ଗତି ଅତ୍ୟନ୍ତ ନୈରାଶ୍ୟଜନକ । ପ୍ରକଳ୍ପର ପ୍ରସ୍ତାବ ଅନୁସାରେ ପୀଠରେ ଏକ ନୂତନ ପାଠାଗାର ନିର୍ମାଣ ହେବାର ଥିଲା । କିନ୍ତୁ ପ୍ରଶାସନ ପକ୍ଷରୁ ଏବେ ପୀଠରେ ଥିବା ଏକମାତ୍ର କଲ୍ୟାଣ ମଣ୍ଡପକୁ ପାଠାଗାରରେ ରୂପାନ୍ତରିତ କରିବାକୁ ସ୍ଥାନୀୟ ପ୍ରଶାସନ ଷଡ଼ଯନ୍ତ୍ର କରୁଥିବା ଅଭିଯୋଗ ହୋଇଛି । ଏହାକୁ ନେଇ ସ୍ଥାନୀୟ ମୁସ୍ତଫାପୁର ପଞ୍ଚାୟତବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଧାମନଗର ବ୍ଲକ ଉପାଧ୍ୟକ୍ଷ ତଥା ସ୍ଥାନୀୟ ସମିତି ସଭ୍ୟ ଜଗବନ୍ଧୁ ପ୍ରଧାନ କହିଛନ୍ତି, କଲ୍ୟାଣ ମଣ୍ଡପଟି ଗ୍ରାମବାସୀଙ୍କ ବିଭିନ୍ନ ସାମାଜିକ କାର୍ଯ୍ୟରେ ବ୍ୟବହାର ହେଉଛି । ଏହାକୁ ନଷ୍ଟ ନ କରି ନୂଆ ପାଠାଗାର ନିର୍ମାଣ କରାଯାଉ । ୨୮ ନଭେମ୍ବର ୨୦୧୬ରେ ତତ୍କାଳୀନ ରାଜ୍ୟ ସରକାର ଗୋହିରାଟିକିରିକୁ ପର୍ଯ୍ୟଟନସ୍ଥଳୀ ମାନ୍ୟତା ଦେଇଥିଲେ । ହେଲେ ୮ ବର୍ଷ ପରେ ବି ଏଠାରେ ଆଖିଦୃଶିଆ ପରିବର୍ତ୍ତନ ହୋଇନାହିଁ । ପର୍ଯ୍ୟଟକଙ୍କ ପାଇଁ ରହଣି ସ୍ଥଳ, ବିଶ୍ରାମ ଗୃହ, ଶୌଚାଳୟ କିମ୍ବା ପାନୀୟ ଜଳର ସୁବିଧା ନାହିଁ । ବଣଭୋଜି ପାଇଁ ପିଣ୍ଡିଟିଏ ସୁଦ୍ଧା ନିର୍ମାଣ କରାଯାଇନାହିଁ । ପୀଠକୁ ସଂଯୋଗ କରୁଥିବା ଦୋବଲ ବଜାରରୁ ଗୋବିନ୍ଦାଗଡ଼ିଆ ଗେଙ୍ଗୁଟି ନଦୀବନ୍ଧ ରାସ୍ତା ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବା ବେଳେ ଧାମନଗର ଦକ୍ଷିଣବାଡ଼ ଛକରୁ ଭଣ୍ଡାରିପୋଖରୀ ବ୍ଲକର କୁରିଗାଁ ହୋଇ ଆସିଥିବା କଂକ୍ରିଟ ରାସ୍ତାଟି ମଧ୍ୟ ବିପର୍ଯ୍ୟସ୍ତ ହୋଇପଡ଼ିଛି । ଓଡ଼ିଶା ଇତିହାସରେ ଗୋହିରାଟିକିରି ଏକ ସ୍ମରଣୀୟ ତଥା ସମ୍ବେଦନଶୀଳ ସ୍ଥାନ । ୧୫୬୮ ମସିହାରେ ଏହିଠାରେ ହିଁ ଓଡ଼ିଶାର ଶେଷ ସ୍ୱାଧୀନ ରାଜା ମୁକୁନ୍ଦଦେବ ଏବଂ ବଙ୍ଗର ସୁଲତାନଙ୍କ ମଧ୍ୟରେ ଶେଷ ଐତିହାସିକ ଯୁଦ୍ଧ ହୋଇଥିଲା, ଯେଉଁଠାରେ ଓଡ଼ିଶା ତାର ସ୍ୱାଧୀନତା ହରାଇଥିଲା । ଏହି ଐତିହାସିକ ପୀଠର ସୁରକ୍ଷା ଓ ବିକାଶ ଓଡ଼ିଆ ଅସ୍ମିତାର ପ୍ରତୀକ । ୟୁନେସ୍କୋ ପ୍ରତିନିଧି ଦଳ ମଧ୍ୟ ଏହି ପୀଠର ଗୁରୁତ୍ୱ ଅନୁଧ୍ୟାନ କରିସାରିଛନ୍ତି । ଏଭଳି ସ୍ଥିତିରେ ସରକାର ଓ ପ୍ରଶାସନ କେବଳ ଭାଷଣ ଓ ଶିଳାନ୍ୟାସରେ ସୀମିତ ନ ରହି ତୁରନ୍ତ ବାସ୍ତବ କାର୍ଯ୍ୟ ଶେଷ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି ।

### ଯୁବକଙ୍କ ଗଳିତ ମୃତଦେହ ଉଦ୍ଧାର, ଜଣେ ଗିରଫ

## ଜୋତା ଦେଖି ମୃତକଙ୍କୁ ଚିହ୍ନଟ କଲେ ପରିବାର ଲୋକେ

କେନ୍ଦ୍ରାପଡ଼ା,୫।୬: ଏକ ସପ୍ତାହରୁ ଅଧିକ ସମୟ ଧରି ନିଖୋଜ ଥିବା ୨୩ ବର୍ଷୀୟ ଅନୁସୂଚିତ ଜାତିର ଜଣେ ଯୁବକଙ୍କ ଗଳିତ ମୃତଦେହ ଶୁକ୍ରବାର କେନ୍ଦ୍ରାପଡ଼ା ଜିଲ୍ଲାର ଏକ ବୁଦାରୁ ଉଦ୍ଧାର କରାଯାଇଥିବା ଏକ ସୂତ୍ରରୁ ପ୍ରକାଶ ।ମୃତକଙ୍କ ନାମ ମହାଦେଇପାଟଣା ଗ୍ରାମର ଗୌରାଙ୍ଗ ସେଠୀ, । ମେ ୨୭ ତାରିଖରୁ ନିଖୋଜ ଥିଲେ । ତାଙ୍କ ବାପା ଅରୁଣ ସେଠୀ ମେ ୨୯ ତାରିଖରେ ପୋଲିସରେ ଅଭିଯୋଗ କରିଥିଲେ ଯେ ତାଙ୍କ ପୁଅକୁ ଛଅ ଜଣ ଗ୍ରାମବାସୀ ଅପହରଣ କରି ହତ୍ୟା କରିଛନ୍ତି । ଅଭିଯୋଗ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ପୋଲିସ ଗୁରୁବାର ସେହି ଗ୍ରାମର ଜଣେ ସନ୍ଦିଗ୍ଧ ବ୍ୟକ୍ତି ପ୍ରତାପ ମହାକୁଡଙ୍କୁ ଗିରଫ କରିଥିଲା । ପଚରାଉଚରା ସମୟରେ ମହାକୁଡ଼ ଅପରାଧରେ ତାଙ୍କର ସମ୍ପୃକ୍ତି ସ୍ୱୀକାର କରିଥିଲେ ଏବଂ ତଦନ୍ତକାରୀଙ୍କୁ ସେହି ସ୍ଥାନକୁ ନେଇ ଯାଇଥିଲେ ଯେଉଁଠାରେ ମୃତଦେହ ଲୁଚାଇ ରଖାଯାଇଥିଲା ।ଅଭିଯୁକ୍ତ ଦ୍ୱାରା ପ୍ରଦାନ କରାଯାଇଥିବା ସୂଚନା ଆଧାରରେ ପୋଲିସ ପଚିଯାଇଥିବା ମୃତଦେହକୁ ଉଦ୍ଧାର କରିଥିଲା, ଯାହାକୁ ଏକ ବସ୍ତାରେ ପ୍ୟାକ୍ କରି ପେଟାପଡ଼ା ଗ୍ରାମ ନିକଟରେ ଫିଙ୍ଗାଯାଇଥିଲା । ପରିବାର ସଦସ୍ୟମାନେ ଉଦ୍ଧାର ସ୍ଥାନରେ ମିଳିଥିବା ଜୋତା ଦେଖି ମୃତକଙ୍କୁ ଚିହ୍ନଟ କରିଥିଲେ । ପ୍ରାଥମିକ ତଦନ୍ତରୁ ଜଣାପଡିଛି ଯେ ଗତ ମାସରେ ଗାଁର ଅନେକ ଗାଡ଼ିର ଝରକା ଭାଙ୍ଗିବା ସହିତ ଘଟିଥିବା ଏକ ଘଟଣା ପାଇଁ ଅଭିଯୁକ୍ତ ସେଠୀଙ୍କ ବିରୋଧରେ ଅଭିଯୁକ୍ତ କ୍ଷୋଭ ପ୍ରକାଶ କରିଥିଲା । ପୋଲିସ ସନ୍ଦେହ କରୁଛି ଯେ ସେଠୀଙ୍କୁ ଲୁହା ରଡ୍ ଏବଂ ବାଉଁଶ ବାଡ଼ିରେ ଆକ୍ରମଣ କରାଯାଇଥିଲା, ଯାହା ଫଳରେ ତାଙ୍କର ମୃତ୍ୟୁ ହୋଇଥିଲା । କେନ୍ଦ୍ରାପଡ଼ା ପୋଲିସ ଅଧିକ୍ଷକ ସିଦ୍ଧାର୍ଥ କଟାରିଆ କହିଛନ୍ତି ଯେ ଫରେନସିକ୍ ବିଶେଷଜ୍ଞମାନେ ମୃତଦେହ ଉଦ୍ଧାର ହୋଇଥିବା ସ୍ଥାନ ଯାଞ୍ଚ କରିଛନ୍ତି । ସେ ଆହୁରି କହିଛନ୍ତି ଯେ ମୃତକଙ୍କ ପରିଚୟ ନିର୍ଣ୍ଣୟ କରିବା ପାଇଁ ପୀଡିତଙ୍କ ପରିବାର ସଦସ୍ୟଙ୍କ ଡିଏନଏ ନମୁନା ସଂଗ୍ରହ କରାଯିବ ।

**AFFIDAVIT**

By virtue of an affidavit sworn before The Executive Magistrate affidavit no.1563 dtd.05.06.2026, I Tapas Kumar Muduli S/o-Sridhar Muduli At-Janardanpur, Po-Praharajpur, Ps-Pipili, Dist-Puri, Odisha-752016 do hereby declare that, I have changed my name Tapas Muduli, Dob-20.05.2008 to Tapas Kumar Muduli Dob-18.05.2008. Henceforth I shall be known as Tapas Kumar Muduli and my dob is 18.05.2008 for all purposes.

**Sd/-Tapas Kumar Muduli**

**AFFIDAVIT**

By virtue of an affidavit sworn before The Executive Magistrate, Champua affidavit no.1837 dtd.05.06.2026, I Ramakanta Behera S/o-Late Natha Behera, At/Po-Rajia, Ps-Champua, Dist-Keonjhar, Odisha-758041, do hereby declare that I have changed my name from Umakanta Behera to Ramakanta Behera. Henceforth I shall be known as Ramakanta Behera for all purposes.

**Sd/-Ramakanta Behera**

Printed and Published by **Arun Kumar Dash** on behalf of **M/s SURYO MEDIA PVT. LIMITED** and Printed at **M/s SURYO MEDIA PVT. LIMITED,** Published at «DINALIPI BHAWAN« A-54/1 & A-55/1, Nayapalli, P.O. Baramunda, Bhubaneswar - 751 003, Phone No. 8114386934 (News Desk), 8114386935,(Office) Fax - 2564487, e.mail : dinalipinews@gmail.com / suryomedia@gmail.com
ସମ୍ପାଦକ : ଅନ୍ନପୂର୍ଣ୍ଣା ଦାଶ
ମୁଖ୍ୟ ସମ୍ପାଦକ : ବଟକୃଷ୍ଣ ତ୍ରିପାଠୀ